୬ ଟି-୨୦ର ନୂଆ 'ରେକର୍ଡ କିଙ୍ଗ୍' ହେବେ ବୈଭବ ସୂର୍ଯ୍ୟବଂଶୀ : ଜୋସ୍ ବଟଲର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ-୩୩ ● ସଂଖ୍ୟା-୧୮୮ ● ୭ ଅଗଷ୍ଟ ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-188 ● 7th August 2026, Friday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

### ଜୈବିକ ସମ୍ପଦକୁ ସ୍ୱଚ୍ଛ ଶକ୍ତି, ଗ୍ରାମୀଣ ସମୃଦ୍ଧି ଏବଂ ଆର୍ଥିକ ବିକାଶରେ ପରିବର୍ତ୍ତିତ କରିବା ନେଇ ଜାତୀୟ ଯୋଜନା

# ଗୋବର୍ଦ୍ଧନ ଯୋଜନା ପାଇଁ ୨୩,୭୩୧ କୋଟିର ବ୍ୟୟ ଅଟକଳ

**ନୂଆଦିଲ୍ଲୀ, ୬।୮**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ୨୩,୭୩୧ କୋଟି ଟଙ୍କାର ମୋଟ ବ୍ୟୟବରାଦ ସହିତ ଜାତୀୟ ଚକ୍ରିୟ ଜୈବଶକ୍ତି ଯୋଜନା- ଗୋବର୍ଦ୍ଧନକୁ ଅନୁମୋଦନ କରାଯାଇଛି।

କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ କେନ୍ଦ୍ର ଆଇଟି ଓ ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇ କହିଛନ୍ତି ଯେ, ଗୋବର୍ଦ୍ଧନ ପ୍ରକଳ୍ପ ଦେଶର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଦେଶର ପ୍ରଚୁର କୃଷି ଅବଶେଷ, ଗୋବର, ପ୍ରେସ୍ ମଡ୍ (ଆଖୁବର୍ଜ୍ୟ), ପୌର ଜୈବ ବର୍ଜ୍ୟବସ୍ତୁ ଏବଂ ଅନ୍ୟାନ୍ୟ ଜୈବ ଦ୍ରବ୍ୟମାନ ସମ୍ପଦକୁ ସ୍ୱଚ୍ଛ ଇନ୍ଧନ, ଜୈବିକ ସାର, ଗ୍ରାମୀଣ ଆୟ ଏବଂ ଜାତୀୟ ଆର୍ଥିକ ମୂଲ୍ୟରେ ପରିଣତ କରିବ।

ଏହି ଯୋଜନା ୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୩୫-୩୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ଏବଂ କମ୍ପ୍ରେସଡ୍ ବାୟୋଗ୍ୟାସକୁ ଦେଶର ଭବିଷ୍ୟତ ଶକ୍ତି ମିଶ୍ରଣର ଏକ ପ୍ରମୁଖ ସ୍ତମ୍ଭ ଭାବରେ ସ୍ଥାପନ କରିବ ।

ସୁନିଶ୍ଚିତ ଚାହିଦା, ଲାଭଦାୟକ ଏବଂ ସ୍ଥିର ମୂଲ୍ୟ ନିର୍ଦ୍ଧାରଣ, ପୁଞ୍ଜି ସହାୟତା, ପାଇପଲାଇନ ଭିତ୍ତିଭୂମି, ଋଣ ସମର୍ଥନ ଏବଂ ପ୍ରଯୁକ୍ତିବିଦ୍ୟା ବିକାଶ ମାଧ୍ୟମରେ, ଗୋବର୍ଦ୍ଧନ ଦେଶର ବାୟୋଗ୍ୟାସ (ସିବିଜି) କ୍ଷେତ୍ରକୁ ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ଆବଶ୍ୟକ ଦୃଢ଼ ଏବଂ ପୂର୍ବାନୁମାନଯୋଗ୍ୟ ଢାଞ୍ଚା ପ୍ରଦାନ କରିବ ।



ଏହି ଯୋଜନା ଘରୋଇ କମ୍ପ୍ରେସଡ଼ ବାୟୋଗ୍ୟାସ (ସିବିଜି) ଉତ୍ପାଦନକୁ ପ୍ରାୟ ଦଶଗୁଣ ବୃଦ୍ଧି କରିବା, ବଡ଼ ଧରଣର ଘରୋଇ ନିବେଶକୁ ଆକର୍ଷିତ କରିବା ଏବଂ ସାରା ଦେଶରେ ଏକ ସ୍ପନ୍ଦନଶୀଳ ବୃତ୍ତାକାର ଜୈବ-ଅର୍ଥନୀତି ଗଠନ କରିବାର ଲକ୍ଷ୍ୟ ରଖିଛି।

ଗତ କିଛି ବର୍ଷ ଧରି ସରକାର ଦୀର୍ଘସ୍ଥାୟୀ ବିକଳ୍ପ ସୁଲଭ ପରିବହନ ପଦକ୍ଷେପ, ଜୈବ ସାର ପାଇଁ ବଜାର ବିକାଶ ସହାୟତା ଯୋଜନା, ବାୟୋମାସ ଏକତ୍ରିକରଣ ମଶିନାରୀ ଯୋଜନା, ପାଇପଲାଇନ୍ ଭିତ୍ତିଭୂମି ବିକାଶ ଯୋଜନା ଏବଂ ଜାତୀୟ ଜୈବଶକ୍ତି କାର୍ଯ୍ୟକ୍ରମ ଅଧୀନରେ ବାୟୋଗ୍ୟାସ୍ ପ୍ଲାଣ୍ଟ ପାଇଁ କେନ୍ଦ୍ରୀୟ ଆର୍ଥିକ ସହାୟତା ମାଧ୍ୟମରେ କମ୍ପ୍ରେସଡ୍ ବାୟୋଗ୍ୟାସ୍ କ୍ଷେତ୍ରର ମୂଳଦୁଆକୁ ବ୍ୟବସ୍ଥିତ ଭାବରେ ସୁଦୃଢ଼ କରିଛନ୍ତି ।

ଏହି ସମସ୍ତ ପଦକ୍ଷେପର ସାମୂହିକ ପ୍ରୟାସ ୨୦୦ରୁ ଅଧିକ କମ୍ପ୍ରେସଡ ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ, ଉତ୍ପାଦନ ଏବଂ ନିଷ୍କାସନ ପ୍ରଣାଳୀ ପ୍ରତିଷ୍ଠା, ଜୈବିକ ସାର ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିଛି ଏବଂ ବିଭିନ୍ନ ଫିଡଷ୍ଟକ୍ ଏବଂ ଭୌଗୋଳିକ କ୍ଷେତ୍ରରେ ସିବିଜିର ସମ୍ଭାବନା ପ୍ରଦର୍ଶନ କରିଛି ।

ବର୍ତ୍ତମାନ, ଗୋବର୍ଦ୍ଧନ ଏହି ଅଗ୍ରଗତିକୁ ପରବର୍ତ୍ତୀ ସ୍ତରକୁ ନେଇଯାଉଛି। ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ, ଏହି ଯୋଜନା ସମଗ୍ର ସିବିଜି ମୂଲ୍ୟ ଶୃଙ୍ଖଳାରେ ଏକ ଏକୀକୃତ ପ୍ଲାଟଫର୍ମ ସୃଷ୍ଟି କରେ। ଏହା ଦ୍ରୁତ କାର୍ଯ୍ୟକାରିତା, ଉନ୍ନତ ପ୍ରକଳ୍ପ ଅର୍ଥବ୍ୟବସ୍ଥା ଓ ନିବେଶକ, ଋଣଦାତା ଏବଂ ବିକାଶକାରୀଙ୍କ ପାଇଁ ଅଧିକ ନିଶ୍ଚିତତା ସୁନିଶ୍ଚିତ କରିବ ।

ଦେଶରେ ପରିବହନ, ଘରୋଇ, ଶିଳ୍ପ ଓ ବାଣିଜ୍ୟିକ କ୍ଷେତ୍ରରେ ପ୍ରାକୃତିକ ଗ୍ୟାସର ଚାହିଦା ନିରନ୍ତର ବୃଦ୍ଧି ପାଉଛି । ସିବିଜି ଘରୋଇ ଅକ୍ଷୟ ଶକ୍ତି ଉତ୍ପାଦନ ମାଧ୍ୟମରେ ଏହି ବର୍ଦ୍ଧିତ ଚାହିଦାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପୂରଣ କରିପାରିବ । ଏହା ଶକ୍ତି ସ୍ଥିରତାକୁ ସୁଦୃଢ଼ କରିବ ଏବଂ ଆମଦାନୀ କରାଯାଇଥିବା ପାରମ୍ପରିକ *(ପୃଷ୍ଠା ୭ରେ)*

### ଆଜିଠୁ ନୂଆଦିଲ୍ଲୀରେ ୨ଦିନିଆ ନିବେଶକ ସମ୍ମିଳନୀ

# ରୋଡ୍ ସୋ'ରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୬।୮**
**ନ୍ୟୁଜ୍ ବ୍ୟୁରୋ**

ଶୁକ୍ର ଓ ଶନିବାର ଦୁଇ ଦିନ ଧରି ନୂଆଦିଲ୍ଲୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ହେବାକୁ ଥିବା ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ଏହି ଅବସରରେ ଅଗ୍ରଣୀ ଶିଳ୍ପସଂସ୍ଥା, ଏମ୍ଏସ୍ଏମ୍ଇ, ଆଗାମୀ ଦିନର ବ୍ୟବସାୟୀ, ବାଣିଜ୍ୟ ସଂଘର କର୍ମକର୍ତ୍ତାଙ୍କ ସହ ମୁଖ୍ୟମନ୍ତ୍ରୀ ସିଧାସଳଖ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

ଏ ନେଇ ଆସୋଚାମ୍ ସହଯୋଗରେ ଶୁକ୍ରବାର ନୂଆଦିଲ୍ଲୀଠାରେ ଓଡ଼ିଶା ଫୁଡ୍ ପ୍ରୋ-୨୦୨୬ ସମ୍ମିଳନୀ ଆୟୋଜନ କରାଯିବ। ଏହି ରୋଡ୍ ସୋ' ଜରିଆରେ ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ, ବିଶେଷଜ୍ଞମାନଙ୍କ ସହ ଆଲୋଚନା କରାଯାଇ ଓଡ଼ିଶାରେ ଥିବା ସମ୍ଭାବନାକୁ ଉଜାଗର କରାଯିବ। ଏହି ଅବସରରେ ଖାଦ୍ୟ ପ୍ରକ୍ରିୟାକରଣ ସମ୍ପର୍କିତ ଏକ ରିପୋର୍ଟ ଉନ୍ମୋଚନ କରାଯିବ। ଏହାସହ ଇସ୍ପାତ, କେମିକାଲ, ବୟନ, ପ୍ରସାଧନ, ପେଟ୍ରୋକେମିକାଲ ଆଦି କ୍ଷେତ୍ର ସହ ଜଡ଼ିତ ଉଦ୍ୟୋଗୀ ତଥା ନିବେଶକଙ୍କ ସହ ମୁଖ୍ୟମନ୍ତ୍ରୀ ସିଧାସଳଖ ଆଲୋଚନା କରିବେ। ୮ ତାରିଖରେ ଗ୍ରେଟର୍ ନୋଏଡାଠାରେ ଆଲୁମିନିୟମ୍ ସହ ଜଡ଼ିତ ଶିଳ୍ପସଂସ୍ଥାର ପ୍ରତିନିଧିମାନଙ୍କୁ ନେଇ ଏକ ସମ୍ମିଳନୀ ଆୟୋଜନ କରାଯିବ। ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

### ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬

# ୧୯ ଯାଏଁ ଆବେଦନ

**ଭୁବନେଶ୍ୱର, ୬।୮ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟା ବର୍ତ୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟ ଦିଗରେ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ଦାବି, ଆପତ୍ତି ଓ ଶୁଣାଣି ପ୍ରକ୍ରିୟା ଜୋରଦାର ଜାରି ରହିଥିବା ବେଳେ ଆସନ୍ତା ୧୯ ତାରିଖ ମଧ୍ୟରେ ଯୋଗ୍ୟ ନାଗରିକମାନେ ଆବେଦନ କରିପାରିବେ।

ଗୁରୁବାର ସୁଦ୍ଧା ମୋଟ ୫୮ ଲକ୍ଷ ୩୬ ହଜାର ୪୩୦ ଜଣ ଭୋଟରଙ୍କ ନାମରେ ନୋଟିସ ଜାରି କରାଯାଇଛି। *(ପୃଷ୍ଠା ୭ରେ)*

### ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ନେଇ

# ଅନୁଧ୍ୟାନ କରାଯାଉଛି : ମନ୍ତ୍ରୀ

**ଭୁବନେଶ୍ୱର, ୬।୮**
**ନ୍ୟୁଜ୍ ବ୍ୟୁରୋ**

ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ନେଇ ଉପୁଜିଥିବା ଦ୍ୱନ୍ଦ୍ୱ ଉପରେ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ପ୍ରତିକ୍ରିୟାବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଏହି ପ୍ରସଙ୍ଗରେ ସରକାର ଅନୁଧ୍ୟାନ କରିବେ । *(ପୃଷ୍ଠା ୭ରେ)*

# ଏଡିଆର ରିପୋର୍ଟ : ଆଞ୍ଚଳିକ ଦଳ ଚାନ୍ଦା ତାଲିକାରେ ଡିଏମକେ ପ୍ରଥମ

**ନୂଆଦିଲ୍ଲୀ, ୬।୮**

ରାଜନୈତିକ ଦଳମାନଙ୍କୁ ଚାନ୍ଦା ପ୍ରଦାନ ସଂକ୍ରାନ୍ତରେ ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମସ (ଏଡିଆର) ପକ୍ଷରୁ ଏକ ବିଶ୍ଳେଷଣାତ୍ମକ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ 'ଅଲ ଇଣ୍ଡିଆ ତୃଣମୂଳ କଂଗ୍ରେସ' (ଏଆଇଟିସି) ଦେଶର ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଦ୍ୱିତୀୟ ସର୍ବାଧିକ ରାଜନୈତିକ ଚାନ୍ଦା ହାସଲ କରିଛି।

ଏହି ସମୟ ମଧ୍ୟରେ ଦଳ ମୋଟ ୧୮୪.୯୬ କୋଟି ଟଙ୍କାର ଚାନ୍ଦା ପାଇଥିବା ବେଳେ ଆଞ୍ଚଳିକ ଦଳ ତାଲିକାରେ ଡିଏମ୍‌କେ ସବୁଠାରୁ ଆଗରେ ରହିଛି। ଭାରତୀୟ ନିର୍ବାଚନ କମିଶନ(ଇସିଆଇ)ଙ୍କ ତଥ୍ୟକୁ ଆଧାର କରି ପ୍ରସ୍ତୁତ ଏହି ରିପୋର୍ଟରେ ଦର୍ଶାଯାଇଛି ଯେ *(ପୃଷ୍ଠା ୭ରେ)*

7001/86/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

ଧାନ ସଂଗ୍ରହ ବର୍ଷ ୨୦୨୬-୨୦୨୭

ଆମ ରାଜ୍ୟରେ ଖରିଫ ଧାନ ସଂଗ୍ରହ ତା.୦୧-୧୧-୨୦୨୬ ରିଖ ରୁ ତା.୩୧-୦୩-୨୦୨୭ ରିଖ ମଧ୍ୟରେ ପରିଚାଳିତ ହେବ। ଏହି ଅବଧି ମଧ୍ୟରେ ପ୍ରତ୍ୟେକ ଜିଲ୍ଲାରେ ଫସଲ ଅମଳର ସମୟକୁ ଦୃଷ୍ଟିରେ ରଖି ଖରିଫ ଧାନ କ୍ରୟ କାର୍ଯ୍ୟ ସମ୍ପାଦନ କରାଯିବ। ଏଥିପାଇଁ ଚାଷୀମାନେ ସେମାନଙ୍କର ନିକଟସ୍ଥ ଅନୁମୋଦିତ ପ୍ରାଥମିକ କୃଷି ସମବାୟ ସମିତି (PACS/ LAMPCS), କିମ୍ବା ପାଣି ପଞ୍ଚାୟତରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ।



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ପଞ୍ଜିକରଣ ପ୍ରକ୍ରିୟା :**

- ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ ତା.୦୭.୦୮.୨୦୨୬ ରିଖରୁ ଆରମ୍ଭ ହୋଇଛି। ସମସ୍ତ ଆଗ୍ରହୀ ଚାଷୀ ନିକଟସ୍ଥ ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ସଂଗ୍ରହ କରି ତା.୦୭.୦୮.୨୦୨୬ ରିଖରୁ ତା.୩୧.୦୮.୨୦୨୬ ରିଖ ମଧ୍ୟରେ ସମିତି କାର୍ଯ୍ୟାଳୟରେ ଆବେଦନ କରିବେ। ଏହା ବିଭାଗର ୱେବସାଇଟ୍ www.foododisha.in ରେ ମଧ୍ୟ ଉପଲବ୍ଧ। ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଧାନ ଚାଷ ହୋଇଥିବା ଜମିର ବିଶଦ ବିବରଣୀ ଦେବାକୁ ହେବ।

**ଆବଶ୍ୟକ କାଗଜପତ୍ର :**

- ଇଚ୍ଛୁକ ଚାଷୀମାନେ ସେମାନଙ୍କ ପଞ୍ଜିକରଣ ଫର୍ମ ସହିତ ନିମ୍ନଲିଖିତ କାଗଜପତ୍ର/ ତଥ୍ୟର ନକଲ ଦାଖଲ କରିବା ଆବଶ୍ୟକ।

୧. ଆଧାର କାର୍ଡ଼
୨. ଆଧାର ସଂଯୁକ୍ତ ମୋବାଇଲ ନମ୍ବର (ଯଦି ଥାଏ) / ବିକଳ୍ପ ମୋବାଇଲ ନମ୍ବର
୩. ଅଧିକାର ଅଭିଲେଖ / ଖତିୟାନ / ସ୍ୱତ୍ୱଲିପି (ଆର.ଓ.ଆର)
୪. ବ୍ୟାଙ୍କ ପାସବୁକର ପ୍ରଥମ ପୃଷ୍ଠାର ନକଲ
୫. ଜମି ମାଲିକଙ୍କ ସହମତି ପତ୍ର (ଭାଗଚାଷୀଙ୍କ ପାଇଁ)
୬. ରେକର୍ଡ଼ଧାରୀଙ୍କ ଠାରୁ ସହମତି ପତ୍ର (ନିଜ ବ୍ୟତୀତ)
୭. **କୃଷକ ରେଜିଷ୍ଟ୍ରି ସଂଖ୍ୟା ବା ଆଗ୍ରୀଷ୍ଟାକ(AGRISTACK) ନମ୍ବର (କୃଷି ଓ କୃଷକ ସଶକ୍ତିକରଣ ବିଭାଗ)**

**ଚାଷୀ ପଞ୍ଜିକରଣ ସମୟରେ ଆଧାର ଭିତ୍ତିକ e-KYC ଜରୁରୀ ଅଟେ।**

**ପଞ୍ଜିକରଣ ଅବଧି :**

- ପଞ୍ଜିକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା.୦୭.୦୮.୨୦୨୬ ରିଖରୁ ତା.୩୧.୦୮.୨୦୨୬ ରିଖ ମଧ୍ୟରେ ଦାଖଲ କରିବେ।
- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଚାଷୀମାନେ ସମିତିରେ ପୂରଣ କରାଯାଇଥିବା ଫର୍ମ ଦାଖଲ କରିବାକୁ ଅନୁରୋଧ।
- ଖରିଫ ଧାନ ସଂଗ୍ରହ ସଂକ୍ରାନ୍ତରେ କେଉଁ ମାସ ଓ ପକ୍ଷରେ ଧାନ ବିକ୍ରୟ କରିବେ, ତାହା ପଞ୍ଜିକରଣ ଫର୍ମରେ ଉଲ୍ଲେଖ କରିବେ।
- ଏହି ଉଦ୍ଦେଶ୍ୟରେ ଚାଷୀମାନେ ବିଗତ ବର୍ଷ ଯେଉଁ ସମିତିରେ ପଞ୍ଜିକୃତ ହୋଇଥିଲେ, ସେହିଠାରେ ସମ୍ପର୍କ କରିବା ଆବଶ୍ୟକ।
- ଚାଷୀମାନେ ଶେଷ ତାରିଖକୁ ଅପେକ୍ଷା ନକରି ଶୀଘ୍ର ପଞ୍ଜିକରଣ ପାଇଁ ସମିତିରେ ଅନୁମୋଦିତ ଫର୍ମରେ ଦରଖାସ୍ତ ଦାଖଲ କରିବାକୁ ଅନୁରୋଧ।

**ଭାଗ ଚାଷୀ :**

- ଭାଗ ଚାଷୀମାନେ ପଞ୍ଜିକରଣ ପ୍ରକ୍ରିୟାରେ ଆବଶ୍ୟକ କାଗଜପତ୍ର ଦାଖଲ କରି ଅଂଶଗ୍ରହଣ କରିପାରିବେ।
- **ଭାଗ ଚାଷୀ ଓ ଜମି ମାଲିକଙ୍କର ଆଧାର e-KYC ମାଧ୍ୟମରେ ପଞ୍ଜିକରଣ କରାଯିବ।**
- ଏଥିପାଇଁ ଜମି ମାଲିକଙ୍କ ଉପସ୍ଥିତି ଜରୁରୀ ଅଟେ।

**କ୍ଷୁଦ୍ର ଓ ନାମମାତ୍ର ଚାଷୀ :**

- ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଧାନ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହୋଇ ଲାଭାନ୍ୱିତ ହେବା ସରକାରଙ୍କର ଏକାନ୍ତ ଲକ୍ଷ୍ୟ।

**ସମିତିର ଦାୟିତ୍ୱ :**

- ଧାନ ବିକ୍ରୟ ପାଇଁ ଇଚ୍ଛୁକ ଥିବା ସମସ୍ତ ଚାଷୀଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ।
- ସମିତି କର୍ମକର୍ତ୍ତା ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ ତା.୦୭.୦୮.୨୦୨୬ ରିଖ ରୁ ତା.୩୧.୦୮.୨୦୨୬ ରିଖ ମଧ୍ୟରେ ତାଙ୍କର LOGIN ରେ ଡିଜିଟାଇଜ୍ କରିବେ।
- ଧାନ ବିକ୍ରୟ ଉଦ୍ଦେଶ୍ୟରେ ଚାଷ ଅନୁପଯୋଗୀ ଜମି ବା ଅଣ-ଧାନ ଚାଷ ହୋଇଥିବା ଜମିକୁ ପଞ୍ଜିକୃତ କରିବେ ନାହିଁ।
- ଯଥାଶୀଘ୍ର ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ। ଏହା ବିଳମ୍ବିତ ହେଲେ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ।

**ହେଲ୍ପ ଡେସ୍କ :**

- ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବେ। ଏଥିପାଇଁ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ।

**ହେଲ୍ପଲାଇନ୍ :**

- ସହାୟତା ନିମନ୍ତେ ଦେୟମୁକ୍ତ ନମ୍ବର ୧୯୬୭ରେ ସରକାରୀ କାର୍ଯ୍ୟ ସମୟ ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ।

ଅଧିକ ବିବରଣୀ ପାଇଁ, ଦେୟମୁକ୍ତ ହେଲ୍ପଲାଇନ୍ ନମ୍ବର ୧୯୬୭ ରେ ଯୋଗାଯୋଗ କରନ୍ତୁ।

OIPR : 7001/7002/2/26-27/0004

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ। ସମବାୟ ବିଭାଗ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ। ଓଡ଼ିଶା ସରକାର | Foododisha | Food Odisha | Foododishagov | www.Foododisha.gov.in

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୭ ଅଗଷ୍ଟ ୨୦୨୬ ଶୁକ୍ରବାର





# ଶିକ୍ଷାନୁଷ୍ଠାନର ବିଭିନ୍ନ ସମସ୍ୟା ନେଇ ଶିକ୍ଷକ-କର୍ମଚାରୀ ସମିତିର ଦାବିପତ୍ର ପ୍ରଦାନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ବାଲିକୁଦା ବ୍ଲକ ସ୍କୁଲ, କଲେଜ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ସମନ୍ୱୟ ସମିତି ତରଫରୁ ସ୍କୁଲ ଓ କଲେଜର ବିଭିନ୍ନ ଦାବି ନେଇ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପଦର୍ଶନ କରାଯାଇଥିଲା । ଏହି ମର୍ମରେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ବ୍ଲକ ସମନ୍ୱୟ ସମିତିର ଆବାହକ ନିହାର ରଞ୍ଜନ ନାୟକ ଓ ଅରୁଣ କୁମାର ମହାରଣାଙ୍କ ନେତୃତ୍ୱରେ ବ୍ଲକର ଅଣ ଅନୁଦାନ ପ୍ରାପ୍ତ ଓ ଅନୁଦାନ ପ୍ରାପ୍ତ ସ୍କୁଲ କଲେଜର ଶତାଧିକ ଶିକ୍ଷକ ଓ ଅଧ୍ୟାପକ, କର୍ମଚାରୀ ଏହି ବିକ୍ଷୋଭରେ ସାମିଲ୍ ଥିଲେ । ଦାବି ସମୂହ ଅଣଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜକୁ ଅନୁଦାନପ୍ରାପ୍ତ, ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ଖାଲିପଡ଼ିଥିବା ବିଭିନ୍ନ ପଦବୀ ପୁରାଣ, ଅବସରପ୍ରାପ୍ତ ଶିକ୍ଷକ ଓ କରମାନଙ୍କୁ ପେନ୍‌ସନ୍ ପ୍ରଦାନ, ସମସ୍ତ ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜକୁ ସରକାରୀ କରିବା, ଶିକ୍ଷକ ମାନଙ୍କର ଅବସର ବୟସ ୬୦ ରୁ ୬୨କୁ ବୃଦ୍ଧି । ନେତୃତ୍ୱମାନେ ସରକାରଙ୍କ ଶିକ୍ଷକ ମାରଣ ନୀତିର ତୀବ୍ର ସମାଲୋଚନା କରିଥିଲେ । ବିଦ୍ୟାଳୟ ମାନଙ୍କର ବିଭିନ୍ନ ପଦବୀ ଅବିଳମ୍ବେ ପୁରଣ ନହେଲେ, ବିଦ୍ୟାଳୟ ଗୁଡିକ ଭାଙ୍ଗିଯିବାକୁ ବସିଲାଣି । ଅବସର ପରେ ପେନ୍‌ସନ୍ ନଥିବାରୁ ଶିକ୍ଷମାନେ ଦୁଃଖରେ କାଳାତିପାତ କରୁଛୁ । ସରକାରଙ୍କୁ ଏ ବିଷୟରେ ବାରମ୍ବାର ଅବଗତ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏହି ବିକ୍ଷୋଭ ପ୍ରଦର୍ଶନରେ ସ୍ମୃତିରଞ୍ଜନ ପରିଜା, ନାରାୟଣ ସାହୁ, ବିଜୟ କୁମାର ବେହେରା, ପ୍ରାଣନାଥ ଦଣ୍ଡ, ଗଗନ ବିହାରୀ ଶତପଥି, ଗୟାଧର ଜେନା, ଅଜୟ କୁମାର ସ୍ୱାଇଁ, ବ୍ରଜବନ୍ଧୁ ଦଳାଇ, ପ୍ରଭାତ କୁମାର ଜେନାଙ୍କ ସମେତ ବହୁ ଶିକ୍ଷକ ଓ ଶିକ୍ଷୟିତ୍ରୀ, କର୍ମଚାରୀ ଯୋଗଦେଇଥିଲେ ।

# କଂଗ୍ରେସ ପ୍ରତିନିଧି ଦଳର ବନ୍ୟାଞ୍ଚଳ ପରିଦର୍ଶନ:ବିପନ୍ନଙ୍କ ସମସ୍ୟା ବୁଝିଲେ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାରେ ଦୀର୍ଘ ଏକମାସରୁ ଉର୍ଦ୍ଧ୍ୱ ହେବ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଜିଲ୍ଲାରେ ପ୍ରବାହିତ ମହାନଦୀ ଓ ବ୍ରାହ୍ମଣୀ ନଦୀ ବ୍ୟବସ୍ଥାର ଶାଖା ନଦୀ ଗୁଡିକ ବ୍ରାହ୍ମଣୀ, ଖରସ୍ରୋତା, ବୈତରଣୀ, ଚିତ୍ରୋତ୍ପଳା, ଲୁଣା, କରାଣ୍ଡିଆ ଓ ପାଇକାରେ ବନ୍ୟା ଜଳ ବୃଦ୍ଧି ପାଇ ଅନେକ ସ୍ଥାନରେ ବିପଦ ସଂକେତ ଉପରେ ବନ୍ୟାଜଳ ପ୍ରବାହିତ ହୋଇଛି । ଏହାଫଳରେ ଜିଲ୍ଲାର ବସବାସ କରୁଥିବା ଜନସାଧାରଣଙ୍କ ଧନ ଜୀବନ ଗୁରୁତର ଭାବେ ପ୍ରବାହିତ ହୋଇଛି । ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ଦୂରଦୃଷ୍ଟି ଅଭାବ ଯୋଗୁ ସମଗ୍ର ଜିଲ୍ଲାବାସୀଙ୍କ ପାଇଁ ଜୀବନ ଧାରଣ ଦୁର୍ବିସହ ହୋଇପଡିଛି । ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଯୋଗୁ ସାଧାରଣ ଲୋକ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ନନେଇ ଜିଲ୍ଲା ପ୍ରଶାସନ କେବଳ ବୈଠକ କରି ସମ୍ବାଦ ପ୍ରକାଶରେ ସୀମିତ ରହିଯାଇଛି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ପାଣିପାଗ ସୂଚନାକୁ ଆଧାର କରି ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା ସଭାପତି ଡକ୍ଟର



ଦେବସ୍ମିତା ଶର୍ମା ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରାଞ୍ଚଳର ବନ୍ୟା ପ୍ଲାବିତ ଅଞ୍ଚଳ ପରିଦର୍ଶନ ସହ ବନ୍ୟାରେ କ୍ଷତିଗ୍ରସ୍ତ ଗରିବ, ଖଟିଖିଆ, ଦିନମଜୁରିଆ ଓ ଚାଷୀମାନଙ୍କ ଅବସ୍ଥା ଅନୁଧ୍ୟାନ କରିବା ପାଇଁ ଜିଲ୍ଲା କଂଗ୍ରେସର ଏକ କମିଟି ଗଠନ କରିଛନ୍ତି । ଜିଲ୍ଲା କଂଗ୍ରେସ ସଭାନେତ୍ରୀଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ରାଜକନିକା ବ୍ଲକ ଅନ୍ତର୍ଗତ ପ୍ରଧାନପଡା, ପଞ୍ଚସଗଣ୍ଡା ଅଞ୍ଚଳ ଏବଂ ଆଳି ବ୍ଲକର ଧୋୟା ଅଞ୍ଚଳ ପରିଦର୍ଶନ କରିଥିଲେ । ସେହିପରି ଜିଲ୍ଲା କଂଗ୍ରେସର ସାଂଗଠନିକ ଉପସଭାପତି ସତ୍ୟପ୍ରିୟ ସାମଲ ଭୂଇଁପୁର, ସଂଶିଦା ଓ ମଙ୍ଗରାଜପୁର ଅଞ୍ଚଳ ଗସ୍ତ କରି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ଏହି ପରିଦର୍ଶନ ସମୟରେ ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ, ରାଜକନିକା ବ୍ଲକ କଂଗ୍ରେସ ସଭାପତି ପଙ୍କଜ ଦାସଙ୍କ ସହ ମାନଗୋବିନ୍ଦ ଦାସ, ରାଜେଶ ରାଉତ, ରତ୍ନାକର ରାଉତ, ସୋନୁ ସାହୁ, ଶୈଳେନ୍ଦ୍ର ମଲ୍ଲିକ, ସେକ୍ ନିଜାମୁଦ୍ଦିନ୍ ପ୍ରମୁଖ ଉପସ୍ଥିତ ଥିଲେ ।



# ବୌଦ୍ଧରେ ଯୁଗ୍ମ ଅଭିଯୋଗ ଶୁଣାଣି:୮୦ ଦରଖାସ୍ତ ଗ୍ରହଣ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ସଦର ମହକୁମା ସ୍ଥିତ ସଦ୍‌ଭାବନା ସଭା ଗୃହରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କୁଲଦୀପ ମୀନା ଯୁଗ୍ମ ଭାବରେ ଏହି ଶିବିରରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ସମ୍ପର୍କରେ ଶୁଣାଣି ଓ ସମାଧାନ କରିଥିଲେ । ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ମୋଟ୍ ୮୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୭୬ଟି ବ୍ୟକ୍ତିଗତ ଏବଂ ୪ଟି ସାମୂହିକ ଅଭିଯୋଗ ଥିଲା । ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୨୨ଟିର ତୁରନ୍ତ ସମାଧାନ କରାଯାଇଥିଲା । ଏଥିସହ ରେଡ୍‌କ୍ରସ୍ ପାଣ୍ଠିରୁ ୫ ଜଣ ଅସହାୟଙ୍କୁ ୧୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଇଛି । ଜିଲ୍ଲାରେ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ଗ୍ରାମ, ସହର, ବସତିମାନଙ୍କରେ ପାନୀୟ ଜଳ ଯୋଗାଣ, ରାସ୍ତା ମରାମତି ଓ ଜଳବନ୍ଦୀ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସମୟାନୁବର୍ତ୍ତିତା ସହିତ ସମର୍ପିତ ଭାବରେ ଜନସାଧାରଣଙ୍କୁ ସମସ୍ତ ମୌଳିକ ସେବା ଯୋଗାଇ ଦେବା ପାଇଁ ସେ ସମସ୍ତ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଆସିଷ୍ଟାଣ୍ଟ କଲେକ୍ଟର ଜ୍ୟୋତିରଞ୍ଜନ ଭୁଏ, ରଶ୍ମିରେଖା ନାୟକ, ଅତିରିକ୍ତ ତହସିଲଦାର ମହମ୍ମଦ ରଜାଏ ରସୁଲ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ ।

# ପୂର୍ବତନ ବ୍ଲକ ଅଧିକ୍ଷାଙ୍କ ଦେହାନ୍ତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷା ସଞ୍ଜୁଲତା ପରିଡାଙ୍କର ବିୟୋଗ ଘଟିଛି । ତାଙ୍କ ବିୟୋଗରେ ଧର୍ମଶାଳା ଅଞ୍ଚଳରେ ଗଭୀର ଶୋକ ପ୍ରକାଶପାଇଛି । ତାଙ୍କ ଶେଷ ଦର୍ଶନ ପାଇଁ ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଂଗ୍ରେସ ନେତା କିଶାନ ପଣ୍ଡା, ବିଜେପି ନେତା କାହ୍ନୁଚରଣ ଦାସଙ୍କ ସମେତ ବହୁନେତା ଓ ଜନସାଧାରଣ ତାଙ୍କ ଜାରକା ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ସ୍ୱର୍ଗତ ସଞ୍ଜୁଲତା ପୂର୍ବତନ ବ୍ଲକ ଅଧକ୍ଷ ତଥା ବିଜେପି ବିଧାୟକ ପ୍ରାର୍ଥୀ ରମେଶଚନ୍ଦ୍ର ପରିଡାଙ୍କ ଧର୍ମପତ୍ନୀ ଥିଲେ । ଧର୍ମଶାଳାର ପୂର୍ବତନ ବିଧାୟକ ମନ୍ତ୍ରୀ କଳ୍ପତରୁ ଦାସଙ୍କ ସମୟରେ ୧୯୯୫ ମସିହାରେ ସେ ବ୍ଲକ ଅଧ୍ୟକ୍ଷା ଥିଲେ । ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ଓ ଜାରକାବଜାର ପରିକ୍ରମା କରାଯାଇଥିଲା ଓ ପରେ ପୁରୀ ସ୍ୱର୍ଗଦ୍ୱାରରେ ସତ୍କାର କରାଯାଇଥିଲା ।

# ସମସ୍ୟା କବଳିତ ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କ ଆନ୍ଦୋଳନ ପାଇଁ ସଜବାଜ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଜୀବନରେଖା ଦିନକୁ ଦିନ ଅସହାୟ ହେବାରେ ଲାଗିଛି । ପ୍ରତିଶ୍ରୁତି ପାଣିରଗାର ସଦୃଶ୍ୟ ହୋଇଛି । ଶାସକ, ପ୍ରଶାସନ ମିଳି ଭଗତିରେ ବଳି ପଡୁଛନ୍ତି ନିରୀହ ଲକ୍ଷାଧିକ ମତ୍ସ୍ୟଜୀବୀ । ସମ୍ପୂର୍ଣ୍ଣ ଘେରି ଆଚ୍ଛାଦିତ ଚିଲିକା, ଆଉ ସୁରକ୍ଷିତ ନାହିଁ । ଲୀଳାମୟ ଚିଲିକା କିଳାମୟ ହୋଇଛି, ମଶାରୀ, ମାଟି ଘେରି, ଜବର ଦଖଲ, ମାଢି ପାତୁଆ ଜାଲ, ରିଙ୍ଗ ନେଟ୍ ଯାହା କରେଣ୍ଟ ନେଟ୍ ପ୍ରଚଳନ ହେଉଛି ତାହା ମାଛ ଯାଆଁଳା, ଡିମ୍ବ ଛୋଟ ମୀନ ମରୁଛି । ମତ୍ସ୍ୟ ଅଧିକାରୀଙ୍କ ତତ୍ପରତା ନାହିଁ । ଯେ ଯାହା ବ୍ୟବସ୍ଥାରେ ଅଛନ୍ତି । ଶାସକ, ପ୍ରଶାସଙ୍କ ଜ୍ଞାତରେ ଦିନକୁ ଦିନ ମଶାରୀ ଘେରି ବୃଦ୍ଧି ହେବାରେ ଲାଗିଛି । ମତ୍ସ୍ୟଜୀବୀ ସଂଘ ବିଭିନ୍ନ ସମସ୍ୟା ଜଣାଇଲେ ସୁଦ୍ଧା ଧର୍ମକୁ ଆଖିଠାର ଭଳି କାମ ଚାଲିଛି । ଦଲାଲ ଓ ପ୍ରଶାସନ ଜରିଆରେ ଏଭଳି କାମ ଚାଲୁଛି । ଶୁଣିବାକୁ ମିଳୁଛି ବର୍ଷକୁ ଚିଙ୍ଗୁଡ଼ି ଘେରିରୁ ୧୦ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା କାରବାର ହେବା ଫଳରେ ୧୪୭ ଖଣ୍ଡ ଗ୍ରାମ ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାର ୪ ଲକ୍ଷ ମତ୍ସ୍ୟଜୀବୀଙ୍କ ପେଟ ପାଟଣା ଦଲାଲ ପ୍ରଶାସନ ଆହାରକୁ ଛଡାଇ ନେଉଛନ୍ତି । ଏହି କଷଣକୁ ଆଉ ହାତଛଡା କରିବୁନାହିଁ, ନିଜର ହକ୍ ଅଧିକାର ପାଇଁ ଆଇନ୍ ହାତକୁ ନେବା ପାଇଁ ଗାଁ ଗାଁରେ ବୈଠକ ହେଉଛି । ତାହା ଏବଂ ଆନ୍ଦୋଳନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ସଂଗଠକ ସେନାପତି ବେହେରାଙ୍କ ସହଯୋଗରେ ନଈରୀ ଓ ବଉଳା ବନ୍ଧର ନେତୃତ୍ୱ ମଣ୍ଡଳୀ ହେଲେ ଜଗବନ୍ଧୁ ବେହେରା, ବିକାଶ ବେହେରା, ତୋଫାନ ବେହେରା,



ଆଗାମୀ ଦିନରେ ଏକ ବଡ ଧରଣର ଚିଲିକା ଭିତରେ ଆନ୍ଦୋଳନ ପାଇଁ ସଜବାଜ ହେଉଛି । ଏହି ପରିପ୍ରେକ୍ଷୀରେ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଆବଶ୍ୟକତା ମନେକରି ସଭାମାନ ଅନୁଷ୍ଠିତ ହେଉଛି । ଖୋର୍ଦ୍ଧା ଜିଲ୍ଲାର ନଈରୀ ଓ ବଉଳାବନ୍ଧ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଲୋକଙ୍କ ବିଭିନ୍ନ ସମସ୍ୟା ବାଢ଼ିଥିଲେ ପବିତ୍ର ବେହେରା, ସୁରେଶ ବେହେରା, ନାରାୟଣ ବେହେରା, ମାଧବ ବେହେରା, ହରଷ ବେହେରା, ପ୍ରଭାତ ବେହେରା, ଯୋଗୀ ବେହେରା, ଦାସ ବେହେରା, ଚରଣ ବେହେରା, ପ୍ରାଣନାଥ ବେହେରା, ବାବନ ବେହେରା, ପ୍ରଫୁଲ୍ଲ ବେହେରା ଓ ମୁନା ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ ।



# ଛାତ୍ରଛାତ୍ରୀମାନଙ୍କୁ ମୋବାଇଲ ବ୍ୟବହାରରୁ ନିବୃତ କରିବାକୁ ଅଭିଭାବକଙ୍କୁ ପରାମର୍ଶ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ସ୍ଥାନୀୟ ଖପ୍ରାଖୋଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ମାନଙ୍କର ଗହଣରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଇଷପାଲ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ, ଶିକ୍ଷା ଓ ସୁରକ୍ଷାକୁ ନେଇ ଅଭିଭାବକ ମାନଙ୍କୁ ବୁଝାଇ କହିଥିଲେ । ଏହା ସହିତ ବର୍ତ୍ତମାନ ସମୟରେ ମୋବାଇଲ ବ୍ୟବହାର କରିବା ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କର ମାନସିକ ଓ ଶାରୀରିକ ବିକାଶର ଅଧୋପତନ ଘଟୁଥିବାରୁ ଛାତ୍ରଛାତ୍ରୀମାନଙ୍କୁ ମୋବାଇଲ ବ୍ୟବହାରରୁ କିପରି ନିବୃତ କରିପାରିବେ ସେନେଇ ଅଭିଭାବକ ଅଭିଭାବିକା ମାନଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ବୁଝାଇ କହିଥିଲେ । ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରେନ୍ଦ୍ର ଭୋଇ ଉପସ୍ଥିତ ଥିବାବେଳେ ଛାତ୍ରଛାତ୍ରୀଙ୍କ ଅଭିଭାବକ ଓ ଅଭିଭାବିକା ତଥା ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ରଖିଥିଲେ । ପୂର୍ବତନ ପରିଚାଳନା କମିଟୀର ମୁଖ୍ୟ ସଦସ୍ୟ ସରୋଜ କୁମାର ସାହୁ ମଧ୍ୟ ସ୍କୁଲ ପ୍ରତି ଉଦାସନତା ଦେଖାଇ ସ୍କୁଲର ଏବଂ ଛାତ୍ର ଛାତ୍ରୀଙ୍କର ଉନ୍ନତି ପାଇଁ ମତପ୍ରକାଶ ଦେଇଥିଲେ ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ନିରୀକ୍ଷଣ କମିଟି ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ୨୦୨୫-୨୬ର ନିରୀକ୍ଷଣ କମିଟି ବୈଠକ ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ଅନ୍ତର୍ଗତ ରବିଋତୁ ପାଇଁ ଫସଲ କଟା ପରୀକ୍ଷଣ (ସିସିଇ) ଅନୁମୋଦନ ସହିତ ଶୀତ ଓ ଗ୍ରୀଷ୍ମ ଋତୁର ଏକ ପ୍ରମୁଖ ଫସଲ (ଧାନ) ଏବଂ ତେରଟି ଗୌଣ ଫସଲର କ୍ଷେତ୍ରଫଳକୁ ଅନୁମୋଦନ ପ୍ରଦାନ କରାଯାଇଥିଲା । ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଏକକ କାର୍ଯ୍ୟାଳୟର ଉପନିର୍ଦ୍ଦେଶିକା (ପରିସଂଖ୍ୟାନ ଓ ଯୋଜନା) ଆରତୀ ନାୟକଙ୍କ



ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡଃ. ସୁସ୍ମିତା ମହାନ୍ତି, ଡଃ. ଗାୟତ୍ରୀ ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ସାମଲ, ନାବାର୍ଡର ସ୍ମିତା ବଡଜେନା, ଏଲ୍‌ଡିଏମ୍ ରମାକାନ୍ତ ମାଝି, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ତାପସ ପ୍ରସାଦ ସିଂଙ୍କ ସହିତ ସହକାରୀ ପରିସଂଖ୍ୟାନ ଅଧିକାରୀ ସୌମ୍ୟରଞ୍ଜନ ଦାସ ଏବଂ ସୁଶ୍ରୀ ସ୍ନିଗ୍ଧା ସେନାପତି ଉପସ୍ଥିତ ଥିଲେ ।



# ୩୯ ଜଣଙ୍କ ମାଗଣା ଚକ୍ଷୁ ଚିକିତ୍ସା

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ସହରର ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଏକ ମାଗଣା ଗ୍ଲୁକୋମା ଓ ପରଳ ଚକ୍ଷୁ ଚିକିତ୍ସା ଶିବିର ଗାୟତ୍ରୀ ଶକ୍ତି ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୋଟ୍ ୩୯ ଜଣଙ୍କ ଚକ୍ଷୁ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ତନ୍ମଧ୍ୟରୁ ୯ ଜଣଙ୍କୁ ପରଳ ଅପରେସନ୍ ପାଇଁ ଶଙ୍କର ଚିକିତ୍ସାଳୟକୁ ପଠାଯାଇଛି । ସହ-ସଂଯୋଜକ ରମ୍ଭାର ରବି ନାରାୟଣ ସେନାପତି, ସଂଯୋଜକ ବିଜୟ କୁମାର ମିସ୍ତ୍ରୀ, ସମାଜସେବୀ ସତ୍ୟନାରାୟଣ ଆଚରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା । ଏହି ଶିବିରରେ ଉମାକାନ୍ତ ସାହୁ ଏବଂ ଚିକିତ୍ସାଳୟର ଟିମ୍ ମ୍ୟାନେଜର ନଳିନୀକାନ୍ତ ରାଉତ ଏବଂ ତାଙ୍କର ସହଯୋଗୀ କର୍ମଚାରୀ ସହଯୋଗ କରିଥିଲେ ।

# ଆଚାର୍ଯ୍ୟ ପ୍ୟାରୀମୋହନ ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ପାଳିତ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**

'ଓଡ଼ିଶା ଇତିହାସ'ର ଅମର ଲେଖକ, ଓଡ଼ିଶାର ଚିର ସଂଗ୍ରାମୀ ଓ କର୍ମଯୋଗୀ ଆଦର୍ଶ ପୁରୁଷ ପ୍ୟାରୀ ମୋହନ ଆଚାର୍ଯ୍ୟଙ୍କ ୧୭୬ତମ ଜୟନ୍ତୀ ତଥା ଆଜନ୍ମ ବିପ୍ଳବୀ ଓ ସଂସ୍କାରବାଦୀ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରଥମ ସଭାପତି, ସମାଜର ପ୍ରାକ୍ତନ ସମ୍ପାଦକ ପଦ୍ମଭୂଷଣ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୪୨ତମ ଜୟନ୍ତୀ ସମାରୋହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । କାମେଶ୍ୱର ସାହିତ୍ୟ ସଂସଦ ଆନୁକୂଲ୍ୟରେ ନିଶ୍ଚିନ୍ତ କୋଇଲି ବ୍ଲକ ଗୋପପୁର ପଣସପଡ଼ିଆ ପଣ୍ଡାଭବନ ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସଭପତି ପ୍ରଶାନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ । ସଂସଦର ସମ୍ପାଦକ ପ୍ରମୋଦ କୁମାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ନିଖିଳେଶ ମହାନ୍ତି, ବିଶିଷ୍ଟ ଅତିଥି ଭାବେ ରାଜ୍ୟ ସାମ୍ବାଦିକ ସଂଘ ମୁଖ୍ୟ କାର୍ଯ୍ୟନିର୍ବାହୀ ଶଶିଭୂଷଣ ଷଡଙ୍ଗୀ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଫକୀର ଚରଣ ନାୟକ, ବରେଣ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଡଃ ପ୍ରସନ୍ନ କୁମାର ଦାସ, ସୁଭଦ୍ରା ମହତାବ ମହାବିଦ୍ୟାଳୟର ଅଧ୍ୟାପକ ସୁଧୀର କୁମାର ଦାସ, ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ, ମହନ୍ତ ଅନନ୍ତ ରାମ ଦାସ, ସାଧୁ ନିତ୍ୟାନନ୍ଦ ପରିଡ଼ା, ପଞ୍ଚାନନ ପଣ୍ଡା, ବଂଶୀଧର ବେହେରା ପ୍ରମୁଖ ଯୋଗଦାନ କରି ବକ୍ତବ୍ୟରେ ଦୁଇ ମହାତ୍ମାଙ୍କ ଜୀବନାଦର୍ଶ ସମ୍ବନ୍ଧରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସୌଦାମିନୀ ରାଉତ, ମିନତୀ ରାଉତ, ସୁନୀଲ କୁମାର ପଣ୍ଡା, ଶାରଦା ପ୍ରସନ୍ନ ପଣ୍ଡା, ହରପ୍ରିୟା ପଣ୍ଡା, ବିଜୟିନୀ ପଣ୍ଡା, ହରିହର ପଣ୍ଡା, ଉର୍ମିଳା ପଣ୍ଡା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ଶେଷରେ ନିବେଦିତା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ରହିଥିଲେ ।

# ବାଙ୍କୀ ପ୍ରଗତି ପରିଷଦର ଚାରା ରୋପଣ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଙ୍କୀ ପ୍ରଗତି ପରିଷଦ ଆନୁକୂଲ୍ୟରେ ଓ ବନ ବିଭାଗ ସହାୟତାରେ ଚାରା ରୋପଣ କାର୍ଯ୍ୟକ୍ରମ ଉପଲକ୍ଷେ ଏକ ସଭା, ପ୍ରଗତି ପରିଷଦର ସଭାପତି ନୀଳମୋହନ ତ୍ରିପାଠୀଙ୍କ ସଭାପତିତ୍ୱରେ ମହାବେରେଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନରୋତ୍ତମ ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ପରିଷଦର ସାଧାରଣ ସମ୍ପାଦକ ନିମେଁଇ ଚରଣ ଦାସ, ଉପସଭାପତି ଚୌଧୁରୀ ସରୋଜ କୁମାର ମହାପାତ୍ର, ଶିଶୁଆର ଫରେଷ୍ଟର ମିରିନା ଗିରି ଓ ଅନ୍ୟମାନେ ବୃକ୍ଷ ରୋପଣର ଉପକାରିତା ଉପରେ ବକ୍ତବ୍ୟ ରଖିଥିଲେ । ପରିଷଦର ପ୍ରତିଷ୍ଠାତା ସଭ୍ୟ କୃତିବାସ ପଣ୍ଡା, ଜୟଦେବ ସାମନ୍ତରାୟ ଓ ନରେଶ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଓ ସଭ୍ୟାମାନେ ଶିକ୍ଷକ କୃପାସିନ୍ଧୁ ପଣ୍ଡା, ଦିଲ୍ଲୀପ କୁମାର ବେହେରା, ବିଜୟ କୁମାର ମହାନ୍ତି, ବୁନ୍ଦେଶ୍ୱର ସ୍ୱାଇଁ, ପ୍ରତାପ କୁମାର ନାଏକ, ଶିକ୍ଷୟିତ୍ରୀ ଲିସା ପାଣିଗ୍ରାହୀ, ସୁଚିତ୍ରା ମନ୍ତ୍ରୀ, ମୋନାଲିସା ଦାସ, ଅନୁରାଧା ସାମନ୍ତରାୟ, ସବିତା ସେଠୀ, ଲଳିତା ପ୍ରଧାନ, ବିଶ୍ୱମିତା ରାଉତ, ମିନତୀ ବେହେରା, ସୁବାସିନୀ ଦେବୀ, ସଞ୍ଜୁଲତା ଦେବୀ, ରୋଜାଲିନୀ ସାହୁ ଓ ସ୍ଥାନୀୟ ଲୋକମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।



# ଉମରକୋଟରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ଗଣଶିକ୍ଷାମନ୍ତ୍ରୀ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉମରକଟ ପୌରାଞ୍ଚଳର ବିଭିନ୍ନ ଆର୍ୱାଡ଼ରେ ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ତଥା ୱାର୍ଡନଂ ୧୩ ଡଙ୍ଗରିଗୁଡା ଅଡିଟରିୟମ୍ ନିକଟରେ ଏକ ଆମ୍ଫିଥିଏଟର, ୱାର୍ଡନଂ ୧୦ ମେଡିକାଲ୍ ଛକ ଠାରେ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ରୋଡ ନାମରେ ଏକ ସାଇନ୍ ବୋର୍ଡ, ଆଗାମି ଦିନ ସେଠାରେ ଡଃ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ, ୱାର୍ଡନଂ ୮ ଡଙ୍ଗରି ସାହି ଠାରେ ଗୋବଂଶର ସୁରକ୍ଷା ନିମନ୍ତେ ଗୋଟିଏ ଗୋଶାଳା, ୱାର୍ଡନଂ ୩ ଜଗନ୍ନାଥ ମନ୍ଦିର ମାର୍ଗରେ କାଂଜି ହାଉସ ଏଭଳି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କ ସହ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢୀ, ସାଂସଦଙ୍କ ପ୍ରତିନିଧି ଭୋଜନାଥ ଗଣ୍ଡ, ପୌରପରିଷଦ ଅଧକ୍ଷା ରାଧା ଭତ୍ରା, ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ମଣ୍ଡଳ ସଭାପତି ସନ୍ତୋଷ ଶର୍ମା, ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ, ବରିଷ୍ଠ ଆଇନଜୀବି ରାମକୃଷ୍ଣ ନାୟକ, ମିଲୁ ପଣ୍ଡା, ଟିଙ୍କୁ ଭାଇ, ସାନ ଭାଇ, ସୁଦେବ ନନ୍ଦି, ଅମିତ ହାଲଦାର, ପପୁ ଭାଇ, ରାମ ଗଣ୍ଡ, ଅଭିରାମ ଦାସ, ତ୍ରିଭୁବନ ସାହୁ, ମିନତି ଭଉଣି, ଅର୍ଚ୍ଚନା ଭଉଣି, ଗୌରୀ ଦିଦି ପ୍ରମୁଖ କର୍ଯ୍ୟକର୍ତ୍ତାଙ୍କ ସହ ପୌରପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ଜୀବନର ନିରନ୍ତର ବିକାଶରେ ସ୍ତନ୍ୟପାନର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ଜିଲ୍ଲା ତାଲିମ୍ କେନ୍ଦ୍ର କକ୍ଷରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ସମ୍ପର୍କିତ ସଚେତନତା ସଭା ଆୟୋଜିତ ହୋଇଥିଲା । ଚଳିତ ବର୍ଷର ବିଷୟବସ୍ତୁ- 'ଜୀବନର ଚିରନ୍ତନ ବିକାଶର ଅୟମାରମ୍ଭ ପାଇଁ ସ୍ତନ୍ୟ ପାନ :ଏହି ଉପାଦେୟ ପଦକ୍ଷେପକୁ ସଶକ୍ତ କରିବା' । ଉକ୍ତ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲ୍ଲୀପ କୁମାର ଜେନା ସଭାପତିତ୍ୱ କରିଥିଲେ । ଉପସ୍ଥିତ ଜିଲ୍ଲା ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ୍ କେନ୍ଦ୍ରର ଅଧ୍ୟୟନରତ ଛାତ୍ରୀମାନଙ୍କୁ, ସ୍ତନ୍ୟପାନ ସପ୍ତାହର ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଜନ୍ମର ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରାଇବା ଅତ୍ୟନ୍ତ ଆବଶ୍ୟକ, କାରଣ ଏହା ପିଲାର ଅଭିବୃଦ୍ଧିର ମୂଳଦୁଆ ସ୍ଥାପନ କରିଥାଏ । ଏଥିପାଇଁ ପରିବାରର ସଦସ୍ୟ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିବା ସଂଗେ ସଂଗେ ଗୃହକୁ ଏହା ଉପରେ ଆଗାମୀ ଦିନରେ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ । ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ମିନାକ୍ଷୀ ରାୟ ନିଜର ଅଭିଭାଷଣରେ କହିଥିଲେ ମା' କ୍ଷୀର କେବଳ ପିଲା ପାଇଁ ନୁହେଁ ବରଂ ପିତା, ମାତା, ସମାଜ ଏବଂ ଡାକ୍ତରଙ୍କ ପାଇଁ ସେତିକି ଗୁରୁତ୍ୱପୂର୍ଣ୍ଣ । ମା' ପିଲାକୁ ଛ ମାସ ପର୍ଯ୍ୟନ୍ତ କେବଳ ନିଜର କ୍ଷୀର ଏବଂ ପରବର୍ତ୍ତୀ ଦୁଇବର୍ଷ ପର୍ଯ୍ୟନ୍ତ ଚାଲୁ ରଖିବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ । ଡାକ୍ତର ପରେଶ ଚନ୍ଦ୍ର ନନ୍ଦୀ, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର ନିୟୋଜନ ଏବଂ ଟୀକାକରଣ) କହିଥିଲେ ସ୍ତନ୍ୟପାନର ହାର ବଢାଇବା ନିମିତ୍ତ ପରିବାରର ସଦସ୍ୟ ମାନଙ୍କୁ ସଚେତନ କରାଇବା ଜରୁରୀ । ଡାକ୍ତର ଅମୂଲ୍ୟ କୁମାର ଦାସ, ଡାକ୍ତର ସଂଜୀବ କୁମାର ପ୍ରଧାନ, ଚକ୍ରଧର ଜେନା (ଡିପିଏମ୍) ଏବଂ ଜିଲ୍ଲା ମହିଳା ସ୍ୱାସ୍ଥ୍ୟ ତାଲିମ୍ କେନ୍ଦ୍ରର ଅଧ୍ୟକ୍ଷ ଏହି ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉପରେ ଗୃହରେ ମତାମତ ରଖିଥିଲେ । ପରେ ତାଲିମ୍‌ରତ ଛାତ୍ରୀମାନେ ସ୍ତନ୍ୟପାନ ଉପରେ ସମାଜରେ ଚଳିଆସୁଥିବାକୁ ପ୍ରଥା ଏବଂ ତାକୁ କିପରି ଦୂର କରାଯାଇପାରିବ ତାରି ଉପରେ ଏକ ମନୋରମ ନାଟକ ପରିବେଷଣ କରିଥିଲେ । ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ ଏବଂ ଶେଷରେ ଡିଏମ୍‌ଆର୍‌ସିଏଚ୍ ଜିତେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜ୍ଞାନର ଉପକାରିତା ନେଇ କୁନି କୁନି ପିଲାଙ୍କୁ ମାର୍ଗଦର୍ଶନ



**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଯାଜପୁର ନଗର ତରଫରୁ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ପ୍ରତିଭାଗୀ ଭାଇ ଭଉଣୀ ଅଂଶଗ୍ରହଣ କରି ସଫଳତା ପୂର୍ବକ ସଙ୍କୁଳକୁ ଚୟନୀତ ହୋଇଛନ୍ତି । କାର୍ଯ୍ୟକ୍ରମ ଆରମ୍ଭରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବିଜ୍ଞାନ ଶିକ୍ଷକ ଆଶୁତୋଷ ବଳ ମା' ସରସ୍ୱତୀଙ୍କ ନିକଟରେ ଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିବା ସହିତ କୁନି କୁନି ବୈଜ୍ଞାନିକ ମାନଙ୍କୁ ବିଜ୍ଞାନର ଉପକାରିତା ବିଷୟରେ ମାର୍ଗଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଶୀର୍ବଚନ ପ୍ରଦାନ କରିଥିଲେ ବିଦ୍ୟାଳୟର ସଭାପତି କହ୍ନାଇ ଚରଣ ମହାନ୍ତି । ସଭାରେ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କୃତ୍ତିବାସ ରାଉତ ମହୋଦୟ । ଧନ୍ୟବାଦ ଅର୍ପଣ କରିଥିଲେ ସହ ପ୍ରଧାନ ଆଚାର୍ଯ୍ୟ ଗଦାଧର ଧଳ । ବିଦ୍ୟାଳୟର ବିଜ୍ଞାନ ଆଚାର୍ଯ୍ୟ ସୂର୍ଯ୍ୟମଣି ପଣ୍ଡା, ଅରୁଣ ମହାନ୍ତି, ସୌମ୍ୟରଞ୍ଜନ ମହାନ୍ତି ଏବଂ ଆଚାର୍ଯ୍ୟା ପ୍ରତୀକ୍ଷା ମହାନ୍ତି ତଥା ଅନ୍ୟାନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମଟି ସରସ ସୁନ୍ଦର ହୋଇପାରିଥିଲା । ପରିଚାଳନା ସମିତିର ସମ୍ପାଦକ ଜଗଦେବ ଶତ୍ରୁଞ୍ଜୟ ଗଡନାୟକ ସଦସ୍ୟ ରାଧାମୋହନ ପଣ୍ଡା, ଯୁଗ୍ମ ସମ୍ପାଦିକା ମନୋଜା ମଞ୍ଜରୀ ରାୟ, ଉପସଭାପତି ଡକ୍ଟର ଦାମୋଦର ବେହେରା, ସଦସ୍ୟା ନିବେଦିତା ବେହେରା ତଥା ଅନ୍ୟାନ୍ୟ ସଦସ୍ୟ ସଦସ୍ୟାଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ ମେଳା ସୁଚାରୁରୂପେ ଅନୁଷ୍ଠିତ ହୋଇଥିଲା । ସର୍ବଶେଷରେ କୃତୀ ପ୍ରତିଭାଗୀ ମାନଙ୍କୁ ପୁରସ୍କାର ବିତରଣ ସହିତ କାର୍ଯ୍ୟକ୍ରମଟି ସମାପନ ହୋଇଥିଲା ।

# ଡାକ୍ତରଙ୍କ ଦୁର୍ବ୍ୟବହାର ଅଭିଯୋଗ:କାର୍ଯ୍ୟାନୁଷ୍ଠାନ ଦାବି କଲେ ସାମ୍ବାଦିକ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗତ ରବିବାର ରାତିରେ ଜଣେ ଯୁବକଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ମୃତକ ଜଣକ ହେଲେ ସୋନପୁର ଥାନା ଅନ୍ତର୍ଗତ ପାନିଶିଆଲି ଗାଁର ପ୍ରଶାନ୍ତ କୁମାର ତ୍ରିପାଠୀ । ଏହି ଘଟଣାକୁ ନେଇ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ମୃତକଙ୍କ ପରିବାର ସଦସ୍ୟ ଡାକ୍ତରଙ୍କୁ ଗାଳିଗୁଲଜ ଓ ଧସ୍ତାଧସ୍ତି କରିଥିବା ନେଇ ସୋନପୁର ଥାନାରେ ଅଭିଯୋଗ ହୋଇଥିଲା । ଅପରପକ୍ଷରେ ମୃତକଙ୍କ ପରିବାରବର୍ଗ ପକ୍ଷରୁ ମଧ ଚିକିତ୍ସା ଅବହେଳାରୁ ପ୍ରଶାନ୍ତଙ୍କ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ତେବେ ଏହି ଘଟଣା ପରେ ମୃତକଙ୍କ ଶବ ବ୍ୟବଚ୍ଛେଦ କରିବାରେ ବିଳମ୍ବ କରିବା ସହ ଯେଉଁମାନେ ଡାକ୍ତରଙ୍କ ସହ ଧସ୍ତା ଧସ୍ତି କରିଛନ୍ତି ତାଙ୍କୁ ତୁରନ୍ତ ଗିରଫ କରିବାକୁ ଡାକ୍ତର ସଂଘ ପକ୍ଷରୁ କୁହାଯାଇଥିଲା । ଏନେଇ ଡାକ୍ତରମାନେ ଡିଏଚ୍‌ଏଚ୍ ପରିସରରେ ଏସ୍‌ପିଙ୍କ ସହ ଆଲୋଚନା କରୁଥିଲେ । ସେହି



ସମୟରେ କିଛି ସାମ୍ବାଦିକ ଉକ୍ତ ଆଲୋଚନା ସମୟର ଭିଡିଓ ଫଟୋ ଉତ୍ତୋଳନ କରୁଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ଜଣେ ଡାକ୍ତର ସାମ୍ବାଦିକମାନଙ୍କୁ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଥିଲେ । ଯାହାକି ସୋସିଆଲ୍ ମିଡିଆରେ ଖୁବ୍ ଭାଇରାଲ୍ ହେଉଛି । ଏହାକୁ ନେଇ ଜିଲ୍ଲାର ସାମ୍ବାଦିକ ଓ ବୁଦ୍ଧିଜୀବୀଙ୍କ ମହଲରେ ଖୁବ୍ ଅସନ୍ତୋଷ ଦେଖାଦେଇଛି ଓ ଏହି ଘଟଣାକୁ ଖୁବ୍ ନିନ୍ଦା କରାଯାଉଛି । ଏହି ଘଟଣା ବିରୁଦ୍ଧରେ ସମସ୍ତ ସାମ୍ବାଦିକ ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକଙ୍କୁ ଭେଟି ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ଭାବେ ଜଣାଇଛନ୍ତି । ଏନେଇ ସିଡିଏମ୍‌ଓ ଡ. ଉଷାରାଣୀ ଦାସଙ୍କୁ ମଧ ସାକ୍ଷାତ୍ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ୟୁପିଆଇ ପେମେଣ୍ଟସ ଉପରେ ଲାଗିପାରେ ଏମ୍‌ଡିଆର ଚାର୍ଜ

ଡିଜିଟାଲ ପେମେଣ୍ଟସ ସମ୍ପର୍କିତ ଆଇନରେ ସଂଶୋଧନ କରିବା ନେଇ ଅର୍ଥମନ୍ତ୍ରଣାଳୟ ପ୍ରସ୍ତାବ ଦେଇଛି। ଏହାଦ୍ୱାରା ଭବିଷ୍ୟତରେ ୟୁପିଆଇ ପେମେଣ୍ଟସ ଉପରେ ଏମ୍‌ଡିଆର ବା ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ ପୁଣି ଥରେ ଲାଗୁ କରାଯାଇପାରିବ । ପେମେଣ୍ଟସ ଏବଂ ସେଟଲ୍‌ମେଣ୍ଟ ସିଷ୍ଟମ ଆକ୍ଟ ୨୦୦୭ର ଧାରା ୧୦ଏ' କୁ ହଟାଇବା ଲାଗି ଏଥିରେ ସଂଶୋଧନ ପ୍ରସ୍ତାବ ଅଣାଯାଇଛି । ମନି କଣ୍ଟ୍ରୋଲ ରିପୋର୍ଟ ମୁତାବକ, ବର୍ତ୍ତମାନ ଏହି ଧାରା ଯୋଗୁ ବ୍ୟାଙ୍କ ଏବଂ ପେମେଣ୍ଟସ କମ୍ପାନି ଗୁଡିକୁ ୟୁପିଆଇ ଏବଂ ଅନ୍ୟ ଡିଜିଟାଲ ପେମେଣ୍ଟ ମୋଡ୍‌ରେ କୌଣସି ଶୁଳ୍କ କିମ୍ବା ଚାର୍ଜ ଆଦାୟ କରିବାକୁ ରୋକିଥାଏ । ଏହି ନିୟମ ପରିବର୍ତ୍ତନ ପରେ ଟିକସ କିମ୍ବା ଚାର୍ଜ ଲାଗୁ କରିବା ନେଇ ସରକାରଙ୍କୁ ଅଧିକାର ମିଳିବ। ଡିଜିଟାଲ ପେମେଣ୍ଟ ମାଗଣା କିମ୍ବା ଏହା ଉପରେ ଶୁଳ୍କ ଲାଗୁ ହେବ ସେ ନେଇ ସରକାର ସହଜରେ ନିଷ୍ପତ୍ତି ନେଇପାରିବେ। ବର୍ତ୍ତମାନର ସଂଶୋଧନ ଦ୍ୱାରା ୟୁପିଆଇ ନେଣଦେଣରେ ତ୍ୱରିତ ଚାର୍ଜ ଲାଗୁ ହେବନି । ଭବିଷ୍ୟତର ନୀତିଗତ ପଦକ୍ଷେପ ଲାଗି ଏହା ସରକାରଙ୍କୁ ସୁବିଧା ପ୍ରଦାନ କରିବ । ଆଇନରେ ପରିବର୍ତ୍ତନ ପରେ ସରକାର ଯେବେ ଚାହିଁବେ ବିଜ୍ଞପ୍ତି ଜାରି କରି ଡିଜିଟାଲ ପେମେଣ୍ଟ ଚାର୍ଜ ନିର୍ଦ୍ଧାରଣ କରିପାରିବେ । ଏମ୍‌ଡିଆର ହେଉଛି ଏକ ପ୍ରକାରର ଦେୟ ଯାହା ବ୍ୟବସାୟୀମାନେ ଡିଜିଟାଲ ନେଣଦେଣ ପ୍ରୋସେସ୍ କରିବା ଲାଗି ବ୍ୟାଙ୍କ ଏବଂ ଫୋନପେ, ଗୁଗଲ୍‌ପେ ଏବଂ ପେଟିଏମ୍ ଭଳି ପେମେଣ୍ଟ ସେବା ଯୋଗାଣକାରୀଙ୍କୁ ପ୍ରଦାନ କରିଥାନ୍ତି । ଯଦି ଭବିଷ୍ୟତରେ ୟୁପିଆଇ ଉପରେ ପୁଣି ଏମ୍‌ଡିଆର ଲାଗୁ ହୁଏ ତେବେ ଏହାର ପ୍ରଭାବ ବ୍ୟବସାୟୀ ଏବଂ ପେମେଣ୍ଟ ଇକୋସିଷ୍ଟମ ଉପରେ ପଡିବ । ସାଧାରଣ ନାଗରିକମାନେ ଦୈନନ୍ଦିନ ଜୀବନରେ ବିଭିନ୍ନ କ୍ରୟ ଲାଗି ଯେଉଁ ୟୁପିଆଇ ପେମେଣ୍ଟ କରୁଛନ୍ତି, ତାହା ଉପରେ ସିଧାସଳଖ ଚାର୍ଜ ଲାଗୁ ହେବନି । ସରକାର ଜାନୁଆରି ୨୦୨୦ରେ ୟୁପିଆଇ ଏବଂ ରୂପେ ଡେବିଟ କାର୍ଡ ନେଣଦେଣ କ୍ଷେତ୍ରରେ ଏମ୍‌ଡିଆରକୁ ହଟାଇ ଦେଇଥିଲେ । ଡିଜିଟାଲ ପେମେଣ୍ଟସକୁ ପ୍ରୋତ୍ସାହନ ଦେବା ଏବଂ କ୍ୟାଶଲେସ ଇକୋନୋମିକୁ ଦୃଢ଼ କରିବା ଲାଗି ଏଭଳି କରାଯାଇଥିଲା । ଏହା ପରେ ୟୁପିଆଇ ପେମେଣ୍ଟ ବ୍ୟାପକ ହୋଇଥିଲା । ତେବେ ୟୁପିଆଇ ଇକୋସିଷ୍ଟମକୁ ବିନା କୌଣସି ଆୟରେ ଦୀର୍ଘ ସମୟ ଲାଗି ଚଳାଇବା ଆର୍ଥିକ ଦୃଷ୍ଟିକୋଣରୁ ଆହ୍ୱାନ ପାଲଟିଛି । ନିକଟରେ ଏହି ପ୍ରସଙ୍ଗକୁ ନେଇ ସଂସଦୀୟ କମିଟି ଚିନ୍ତା ପ୍ରକଟ କରିଥିଲା । ଶୂନ ଏମ୍‌ଡିଆର ନୀତି ଯୋଗୁ ପେମେଣ୍ଟ ଶିଳ୍ପ ଏବଂ ବ୍ୟାଙ୍କ ଗୁଡିକୁ କ୍ଷତି ହେଉଥିବା ସଂସଦୀୟ କମିଟି କହିଛି । ଏହାର ଭରଣା ଲାଗି ଏକ ସ୍ଥାୟୀ ରାଜସ୍ୱ ମଡେଲ ଆଣିବା ଉପରେ କମିଟି ଗୁରୁତ୍ୱାରୋପ କରିଛି । ସରକାର ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ରୁପେ ଡେବିଟ କାର୍ଡ ଏବଂ କମ୍ ମୂଲ୍ୟର ଭୀମ-ୟୁପିଆଇ ମର୍ଚ୍ଚାଣ୍ଟ ନେଣଦେଣକୁ ସହାୟତା କରିବା ଲାଗି ୨ ହଜାର କୋଟିର ଅନୁଦାନ ପ୍ରଦାନ କରିଥିଲେ । ଏହି ପ୍ରୋତ୍ସାହନ ସ୍କିମ ୨୦୨୧-୨୨ରୁ ଆରମ୍ଭ କରାଯାଇଥିଲା । ସଂସଦୀୟ କମିଟି ଏହା ମଧ୍ୟ କହିଛି ଯେ, ଏହି ସହାୟତା ରାଶି ପେମେଣ୍ଟସ ଶିଳ୍ପ ଖର୍ଚ୍ଚର ମାତ୍ର କିଞ୍ଚିତ ଅଂଶକୁ ଭରଣା କରିପାରୁଛି । ବିଶେଷ କରି ୨ଟି ଦିଗ ଉପରେ ସନ୍ତୁଳନ ବନାଇ ରଖିବା ଏହାର ଲକ୍ଷ୍ୟ । ସାଧାରଣ ଲୋକଙ୍କ ପାଇଁ ସହଜ ଡିଜିଟାଲ ପେମେଣ୍ଟସ ବ୍ୟବସ୍ଥା କରିବା ଏବଂ ଅନ୍ୟପଟେ ୟୁପିଆଇ ଇକୋସିଷ୍ଟମ(ବ୍ୟାଙ୍କ, ଫିନଟେକ କମ୍ପାନି)କୁ ଆର୍ଥିକ ଦୃଷ୍ଟିକୋଣରୁ ମଜବୁତ ଏବଂ ସ୍ଥିତାବସ୍ଥା ବଜାୟ ରଖିବା । ପ୍ରସ୍ତାବିତ ସଂଶୋଧନ ପାସ୍ ହେଲା ପରେ ସରକାର ସ୍ଥିତିର ସମୀକ୍ଷା କରିବେ । ବଡ ମର୍ଚ୍ଚାଣ୍ଟ କିମ୍ବା ଉଚ୍ଚ ମୂଲ୍ୟର ନେଣଦେଣ ଲାଗି କିଛି ମାତ୍ରାରେ ଏମ୍‌ଡିଆର ଲାଗୁ ହୋଇପାରେ । ଛୋଟ ଦୋକାନୀ ଏବଂ ସାଧାରଣ ଖାଉଟିଙ୍କ ପେମେଣ୍ଟ ସମ୍ପୂର୍ଣ୍ଣ ମାଗଣା ରହିବା ନେଇ ଆଶା କରାଯାଉଛି।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ବେଙ୍ଗଫୁଲା

ଶ୍ରଦ୍ଧେୟ ଭକ୍ତବୃନ୍ଦ, ବେଙ୍ଗ ହେଉଛି ଉଭୟ ଚରପ୍ରାଣୀ, ସେ ସ୍ଥଳରେ ବୁଲିପାରିବ, ଜଳରେ ବୁଡି ପାରିବ । କିନ୍ତୁ ବେଙ୍ଗଫୁଲା ଖାଲି ପାଣିରେ ରହିଥାଏ। ସେ ଉପରକୁ ଉଠିଲା ପରେ ମରିଯିବ । ତାହାର କାରଣ କ'ଣ ? ତାହାର କାରଣ ହେଉଛି ତା ନିଜର ଲାଞ୍ଜ। ଲାଞ୍ଜ ଛିଡିଲେ ଯାଇଁ ସେ ଉଭୟଚର ପ୍ରାଣୀ ହୋଇପାରିବ । ନଚେତ୍ ବୃଥା । ସେହିପରି ଆମେ ଭକ୍ତ ହେବା ପୂର୍ବରୁ ଆମେ ଚିନ୍ତା କରିବା ଉଚିତ୍ ଆମ ଲାଞ୍ଜ ଛିଡିଛି ନା ଅଛି । ଆମେ ଶିଷ୍ୟ ହେବା ପୂର୍ବରୁ ଆମେ ଚିନ୍ତା କରିବା ଉଚିତ୍ ଆମ ଲାଞ୍ଜ ଛିଡିଛି ନା ଅଛି । ପ୍ରଥମେ ଏହାକୁ ତୁମେ ବିଶ୍ଳେଷଣ କର । ନଚେତ୍ ନାଗସାପ କଣ ତୁମକୁ ଧଣ୍ଡସାପ ମାନେ ଖାଇଯିବେ । ତେଣୁ ସାବଧାନ । ତାହେଲେ ତୁମର ଲାଞ୍ଜଟିର ଅର୍ଥ କ'ଣ? ଏ ଲାଞ୍ଜଟିର ଅର୍ଥ (ମୋହ, ମାୟା)ରୂପକ ସଂସାର । ତେଣୁ ହେ ଭକ୍ତ, ହେ ଶିଷ୍ୟ ହେ ମନୁଷ୍ୟ ସାବଧାନ । ନିଜକୁ ଜଗ, କାରଣ ଜଗିଲେ ଯୋଗ୍ୟ, ନଚେତ ଯୋଗ୍ୟ ବେଶ୍ ଥିବ କିନ୍ତୁ ଭୋଗୀ ଖାତରେ ପଡି ନାମ ନଉଥିବ । ଏଥିରେ କାହାର କିଛି ହେବନାହିଁ, ଏଥିରେ କ୍ଷତି କିନ୍ତୁ ତୁମରି ହେବ । ହରିଓଁ ।

# ଫୁସ୍‌ଫୁସ୍ କର୍କଟ ଓ ହେପାଟାଇଟିସ୍



ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ପ୍ରଫେସର
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

ଅଗଷ୍ଟ ୧ ଥିଲା ବିଶ୍ୱ ଫୁସ୍‌ଫୁସ୍ କର୍କଟ ଦିବସ। ଏହି ଭୟାବହ ରୋଗ ବାବଦରେ ସଚେତନତା ସୃଷ୍ଟି ଏହି ଦିବସ ପାଳନର ଲକ୍ଷ୍ୟ। ଫୁସ୍‌ଫୁସ୍ କର୍କଟରେ ଆକ୍ରାନ୍ତ ହେଲେ ବଞ୍ଚିବାର ସମ୍ଭାବନା ମାତ୍ର ସତର ପ୍ରତିଶତ। ଧୂମପାନ, ରେଡ଼ନ୍ ବାଷ୍ପ, ଆଜ୍‌ବେସ୍‌ଟସ୍, ବାୟୁ ପ୍ରଦୂଷଣ ଆଦି ଏହାର ମୁଖ୍ୟ କାରଣ। ଏହା ଜିନ୍ ଦୋଷରୁ ମଧ୍ୟ ହୋଇପାରେ। ଧୂମପାନ କରୁଥିବା ଲୋକେ ଫୁସ୍‌ଫୁସ୍ କର୍କଟର ଶିକାର ହେବାର ଆଶଙ୍କା ସର୍ବାଧିକ। ବିଶ୍ୱର ଏକ ମାତ୍ର ଦେଶ ଭୁଟାନରେ ୨୦୦୫ରୁ ଧୂମପାନ ନିଷିଦ୍ଧ। ୨୦୦୮ରେ ଆମ ଦେଶରେ ସର୍ବସାଧାରଣରେ ଧୂମପାନକୁ ନିଷିଦ୍ଧ କରାଯାଇଥିଲେ ହେଁ ଅଦ୍ୟାବଧି ବନ୍ଦ ହୋଇନାହିଁ। ତେବେ ସିଗାରେଟ ବିଡ଼ିର ବିଜ୍ଞାପନ ଉପରେ ଅଙ୍କୁଶ ଲାଗିବା ପରେ ଯୁବ ପିଢ଼ି ମଧ୍ୟରେ ଧୂମପାନ ଷୋହଳ ପ୍ରତିଶତ କମିଥିବା ପ୍ରକାଶ। ଫୁସ୍‌ଫୁସ୍ କର୍କଟ ପ୍ରାଚୀନ ରୋଗ ନୁହେଁ। ଟୁବାକୋର ବ୍ୟାପକ ପ୍ରଚଳନ ସହ ଏହି ରୋଗ ବ୍ୟାପିବା ଆରମ୍ଭ ହୋଇଥିଲା।

ଫୁସ୍‌ଫୁସ୍ ଦେଇ ବାୟୁମଣ୍ଡଳରୁ ଅମ୍ଳଜାନ ଶରୀରରେ ପ୍ରବେଶ କରିଥାଏ। ପ୍ରଥମେ ତାହା ଫୁସ୍‌ଫୁସ୍‌ର ଏପିଥେଲିୟମ (ଝିଲ୍ଲି)ରେ ପହଞ୍ଚିଥାଏ। ଯେଉଁମାନଙ୍କର ରୋଗପ୍ରତିରୋଧକ ଶକ୍ତି କମ ସେମାନଙ୍କ ଠାରେ, ଭୂତାଣୁ ପ୍ରଥମେ ସେହି ଝିଲ୍ଲିକୁ ନଷ୍ଟ କରିଥାଏ। ଝିଲ୍ଲି ନଷ୍ଟ ହେବାପରେ ସେଠାରେ ପାଣି ଭଳି ଅଂଶ ଜମିଥାଏ। ଯାହାକୁ ନିମୋନିଆ ବୋଲି କହନ୍ତି। ପାଣି ଅଂଶ ଜମିବା ପରେ ରକ୍ତକୁ ଫୁସ୍‌ଫୁସ୍ ଦେଇ ଆମ ଅମ୍ଳଜାନ ଯାଇପାରେନାହିଁ। ସୁସ୍ଥ ଲୋକଙ୍କ ଶରୀରରେ ସେହି ଝିଲ୍ଲି ରାସ୍ତା ଦେଇ ଅମ୍ଳଜାନ ରକ୍ତରେ ମିଶିଥାଏ ଏବଂ ପୁଣି ସେହି ରାସ୍ତା ଦେଇ ଅଙ୍ଗାରକାମ୍ଳ ଫୁସ୍‌ଫୁସ୍‌କୁ ଆସି ନିଶ୍ୱାସରେ ଶରୀର ବାହାରକୁ ଯାଇଥାଏ। ସେହି ଝିଲ୍ଲି ନଷ୍ଟ ହୋଇଗଲା ପରେ ଧୀରେ ଧୀରେ ମଣିଷର ଶରୀର ଦୁର୍ବଳ ହୋଇପଡ଼ିଥାଏ। ଶରୀରରେ ଅମ୍ଳଜାନ ସ୍ତର କମିଯାଏ। ଯଦି ଅମ୍ଳଜାନସ୍ତର ୯୪ ପ୍ରତିଶତରୁ ତଳକୁ ଖସି ଆସିବ ତେବେ ରୋଗୀଙ୍କୁ ଅମ୍ଳଜାନ ଦିଆଯାଇଥାଏ। ଶରୀରର ଅମ୍ଳଜାନ ସ୍ତର ୭୦ ପ୍ରତିଶତକୁ ଖସି ଆସିଲେ ରୋଗୀଙ୍କ ମୃତ୍ୟୁ ଘଟିବାରେ ଯଥେଷ୍ଟ ସମ୍ଭାବନା ରହିଥାଏ। ଏହା ହେଉଛି ଆମ ଶରୀରର ଅମ୍ଳଜାନ ଗ୍ରହଣର ବ୍ୟବସ୍ଥା।

ବିଶ୍ୱ ଫୁସ୍‌ଫୁସ୍ କର୍କଟ ଦିବସ ଅବସରରେ ପ୍ରଥମେ ହେପାଟାଇଟିସ୍ ସମ୍ବନ୍ଧରେ ସାଧାରଣ କିଛି ଜାଣିବା ଦରକାର। ସାଧାରଣ ଅର୍ଥରେ ବୁଝିବାକୁ ଗଲେ ଏହା ଲିଭର ସମ୍ବନ୍ଧୀୟ ଏକ ରୋଗ। ହେପାଟାଇଟିସ୍‌କୁ ପାଞ୍ଚଟି ଶ୍ରେଣୀଭୁକ୍ତ କରାଯାଇଛି। ସେଗୁଡ଼ିକ ହେଲା ଏ, ବି, ସି, ଡି ଏବଂ ଇ। ଏହି ଦିବସର ଆଭିମୁଖ୍ୟ ହେଉଛି ରୋଗର ପ୍ରତିକାର ଓ ଚିକିତ୍ସା। ସମଗ୍ର ବିଶ୍ୱରେ କୋଟି କୋଟି ବ୍ୟକ୍ତି ହେପାଟାଇଟିସ୍ ଦ୍ୱାରା ଆକ୍ରାନ୍ତ। ଏହାର ଭୟାବହତା ଓ ଦୁର୍ବଳ ଚିକିତ୍ସା ସେବା ହେତୁ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ପ୍ରତିବର୍ଷ ବିଶ୍ୱରେ ପାଖାପାଖି ୫୦ କୋଟି ଲୋକ ହେପାଟାଇଟିସ-ବି, ଅଥବା ହେପାଟାଇଟିସ୍-ସି ରୋଗରେ ପୀଡ଼ିତ। ଚିକିତ୍ସକଙ୍କ ମତରେ, ଯଦି ହେପାଟାଇଟିସ୍-ବି କିମ୍ବା ସି ରୋଗର ଉପଯୁକ୍ତ ଚିକିତ୍ସା କରାନଯାଏ ତେବେ ଏହା ଲିଭର ସିରୋସିସ, ଲିଭର କ୍ୟାନସର ଭଳି ଗୁରୁତର ସମସ୍ୟା ସୃଷ୍ଟି କରିପାରେ। ଅନେକଙ୍କର ଧାରଣା ରହିଛି ଯେ, ହେପାଟାଇଟିସ୍ ଠାରୁ ଏଡ଼୍‌ସ ଅତ୍ୟନ୍ତ ଭୟାବହ ରୋଗ। କିନ୍ତୁ ସତକଥା ହେଉଛି, ପ୍ରତିବର୍ଷ ଏଡ଼୍‌ସ ରୋଗରେ ଯେତିକି ଲୋକ ମରୁନାହାନ୍ତି ତା'ଠାରୁ ଅଧିକ ମରୁଛନ୍ତି ହେପାଟାଇଟିସ୍-ବି ଅଥବା ସି ରୋଗରେ। ହେପାଟାଇଟିସ୍ ସଂସ୍ଥା ଏବଂ ସ୍ୱେଚ୍ଛାସେବୀମାନେ ପ୍ରତିବର୍ଷ ଏହି ଦିବସରେ ଲୋକମାନଙ୍କୁ ବିଭିନ୍ନ ସଚେତନଧର୍ମୀ ବାର୍ତ୍ତା ଦେଇଥାନ୍ତି। ଲିଭର କ୍ୟାନସର ଏକ ମାରାତ୍ମକ ରୋଗ। କିନ୍ତୁ ଏହି ମାରାତ୍ମକ ବ୍ୟାଧିକୁ ବହୁଳାଂଶରେ ନିରାକରଣ କରାଯାଇପାରିବ। ପ୍ରତିବର୍ଷ ସମଗ୍ର ପୃଥିବୀରେ ଛଅ ଲକ୍ଷ ବ୍ୟକ୍ତି ଲିଭର କ୍ୟାନସର ଯୋଗୁଁ ମୃତ୍ୟୁବରଣ କରିଥାନ୍ତି। ସମଗ୍ର ପୃଥିବୀରେ ଏହି କ୍ୟାନସରର ସ୍ଥାନ ଷଷ୍ଠରେ ରହିଛି। ମହିଳା ମାନଙ୍କ ଅପେକ୍ଷା ପୁରୁଷ ମାନଙ୍କ ଭିତରେ ଏହି ରୋଗର ପ୍ରାଦୁର୍ଭାବ ବେଶୀ ଭାବରେ ଦେଖାଯାଏ। ପୁରୁଷ ମାନଙ୍କ ଭିତରେ ଏହା ପଞ୍ଚମ ସ୍ଥାନରେ ଓ ମହିଳା ମାନଙ୍କ ଭିତରେ ଏହା ଅଷ୍ଟମ ସ୍ଥାନରେ ଅଛି। ଫୁସ୍‌ଫୁସ୍ କ୍ୟାନସର ଓ ପେଟ କ୍ୟାନସର ପରେ ଲିଭର କ୍ୟାନସରରୁ ହିଁ ବେଶୀ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ନ୍ତି। ହେପାଟାଇଟିସ୍ ବି ଓ ସି ଏହି ରୋଗର ମୁଖ୍ୟ କାରଣ।

ଦେଶରେ ହେପାଟାଇଟିସ୍ ବି ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି। ଏହି ବାହକମାନେ ସାଧାରଣତଃ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି। ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମା'ଠାରୁ ଭୂତାଣୁର ଶିକାର ହୋଇଥାନ୍ତି। ଯାହାକୁ ସିଧା ପ୍ରସାରଣ କୁହାଯାଏ। ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ। ରକ୍ତବ୍ୟାଙ୍କ ମାନଙ୍କରେ ହେପାଟାଇଟିସ୍ ବି ଓ ସି ପରୀକ୍ଷା ମାଧ୍ୟମରେ ହେପାଟାଇଟିସ୍ ବି ଓ ସିକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ। ଡାଏବେଟିସ, ଅତ୍ୟଧିକ ଧୂମପାନ ଇତ୍ୟାଦି ମଧ୍ୟ ବହୁଳାଂଶରେ ନିୟନ୍ତ୍ରଣ ସାପେକ୍ଷ। ଆଫ୍‌ଲଟକ୍ସିନ୍ ମାଧ୍ୟମରେ ଯେଉଁ ଲିଭର କ୍ୟାନସର ବ୍ୟାପେ, ତାହାକୁ ମଧ୍ୟ ଉପଯୁକ୍ତ ଖାଦ୍ୟ ସଂରକ୍ଷଣ ମାଧ୍ୟମରେ ରୋକାଯାଇପାରିବ। ଜନସାଧାରଣ ମାନଙ୍କ ମଧ୍ୟରେ ଏହି ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଲେ ଲିଭର କ୍ୟାନସର ଭଳି ଏକ ମାରାତ୍ମକ ରୋଗକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ। ଚଳିତ ବର୍ଷର ବାର୍ତ୍ତା। 'ନିଜ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାର ସାମର୍ଥ୍ୟ ରଖିପାରିବା' ଏହାକୁ ଗ୍ରହଣ କଲେ ଏହି ଦିବସର ଗୁରୁତ୍ୱ ପ୍ରତିପାଦିତ ହୋଇପାରିବ।

# ହସ୍ତତନ୍ତ ଓଡିଆ ଅସ୍ମିତାର ପ୍ରତୀକ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁବନ, ଢେଙ୍କାନାଳ
ମୋ-୯୧୭୮୭୧୩୪୪୫

ଓଡିଶା ହେଉଛି କଳା ଓ ଭାସ୍କର୍ଯ୍ୟର ରାଜ୍ୟ । ଓଡିଶାର ହସ୍ତତନ୍ତ ଓ ହସ୍ତଶିଳ୍ପର କାରୁକାର୍ଯ୍ୟ ବହୁ ପୁରାତନ । ଏହା ଆମ ଐତିହ୍ୟ ଓ ପରମ୍ପରାର ପ୍ରତୀକ । ବୁଣାକାରମାନେ ତାଙ୍କ କାରିଗରୀ କୌଶଳରେ ଆମ ସଂସ୍କୃତି ଓ କଳାକୁ ସୂତାରେ ବାନ୍ଧି ରଖିଛନ୍ତି । ବୟନ ଶିଳ୍ପରେ ଜଡିତ ରହିଛି ଓଡିଶାର ମାନ, ସ୍ୱାଭିମାନ, ଉଦବେଳନ ଓ ପ୍ରାଣର ସ୍ପନ୍ଦନ । ହସ୍ତତନ୍ତ ମାଧ୍ୟମରେ ଆମର କଳା, ସଂଗୀତ, ସଂସ୍କୃତି, ଆଧ୍ୟାତ୍ମିକ ଓ ସଂସ୍କୃତିକ ଭାବାବେଗ ପ୍ରକାଶିତ ହୋଇଥାଏ । ତେଣୁ ଓଡିଆ ଅସ୍ମିତାର ଏକ ପ୍ରମୁଖ ସ୍ତମ୍ଭ ହେଉଛି ହସ୍ତତନ୍ତ । ହସ୍ତତନ୍ତ କ୍ଷେତ୍ର କେବଳ ଏକ ଆର୍ଥିକ ସ୍ତମ୍ଭ ନୁହେଁ, ଏହା ଜାତୀୟ ଗର୍ବ ଓ ଗାରିମାର ପ୍ରତୀକ। ପୂର୍ବେ ବୋଇତରେ ସାଧବମାନେ ପ୍ରାଚୀନ ଓଡିଶାର ହସ୍ତତନ୍ତ ଓ ହସ୍ତଶିଳ୍ପ ବିଦେଶକୁ ରପ୍ତାନୀ କରୁଥିଲେ । କୃଷି ପରେ ଦ୍ୱିତୀୟ ବୃହତ୍ତମ କର୍ମନିଯୁକ୍ତିର କ୍ଷେତ୍ର ଭାବରେ ବୟନଶିଳ୍ପ ଗ୍ରାମାଞ୍ଚଳ ଲୋକମାନଙ୍କୁ ସର୍ବାଧିକ କର୍ମସଂସ୍ଥାନ ଯୋଗାଇଥାଏ । ହସ୍ତତନ୍ତ କେବଳ ଆମ ଆଭିଜାତ୍ୟର ପ୍ରତୀକ ନୁହେଁ ଏହା ଦେଶର ଅର୍ଥନୀତିର ପ୍ରମୁଖ ଅଂଶ। ଉତ୍ପାଦନ, ରପ୍ତାନୀ ଏବଂ କର୍ମନିଯୁକ୍ତି ମାଧ୍ୟମରେ ଦେଶର ଘରୋଇ ଉତ୍ପାଦନର ଏକ ସିଂହଭାଗ ଏଇ ହସ୍ତତନ୍ତ କ୍ଷେତ୍ରରୁ ହିଁ ଆସିଥାଏ ।

ପରାଧୀନ ଭାରତରେ ବ୍ରିଟିଶ ସାମଗ୍ରୀ ବର୍ଜନ ପାଇଁ ଆହ୍ୱାନ ଦେଇ ୧୯୦୫ ମସିହା ଅଗଷ୍ଟ ୭ ରେ କଲିକତାର ଟାଉନ ହଲ ଠାରେ ଦେଶରେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ କରାଯାଇଥିଲା । ୧୯୨୦ ମସିହାରେ ଭାରତରେ ସ୍ୱଦେଶୀ ଆନ୍ଦୋଳନ ଅନ୍ତର୍ଗତ ଖଦିକୁ ଏକ ଜାତୀୟତାବାଦୀ ଅସ୍ତ୍ର ରୂପେ ଗାନ୍ଧିଜୀ ଉପସ୍ଥାପିତ କରିଥିଲେ। ସ୍ୱଦେଶୀ ଆନ୍ଦୋଳନ ମାଧ୍ୟମରେ ସେ ଉପନିବେଶବାଦୀ ଶୋଷଣର ମୂଳକୁ ଆଘାତ କରିଥିଲେ। ତେଣୁ ହସ୍ତତନ୍ତ ଉତ୍ପାଦନରେ ଭାରତର ଉତ୍କର୍ଷ ପରମ୍ପରା ରହିଛି । ଏହି ଶିଳ୍ପ ବିଭିନ୍ନ କାରଣରୁ ବର୍ତ୍ତମାନ ସଂକଟଜନକ ପରିସ୍ଥିତିରେ ଗତି କରୁଛି । ସୂତା କିଣା ଠାରୁ ଆରମ୍ଭ କରି ବସ୍ତ୍ର ବିକ୍ରି ପର୍ଯ୍ୟନ୍ତ ବୁଣାକାରମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି । ମହଙ୍ଗା ସୂତା ଓ ରଙ୍ଗ ବୁଣାକାରମାନଙ୍କୁ ନିରାଶ କରିଦେଇଥିବା ବେଳେ ତାଉପରେ ଜି.ଏସ.ଟି ଆର୍ଥୀକ ଭାବେ ବୁଣାକାର ଓ ହସ୍ତତନ୍ତ ଲୁଗା ପ୍ରତି ବାଧକ ସାଜିଛି। ମନୁଷ୍ୟକୃତ ତନ୍ତୁ, ସୂତା, କପଡା ଏବଂ ପୋଷାକ ଉପରେ ୫ ପ୍ରତିଶତ ଜି.ଏସ.ଟି ରହିଛି । ଯଦ୍ୱାରା ଗ୍ରାହକମାନେ ଏହି ସାମଗ୍ରୀ କିଣିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି । ଶିଳ୍ପୀ ଓ କାରିଗରମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀକୁ ଜି.ଏସ.ଟି ମୁକ୍ତ ତାଲିକାରେ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ ।

ଓଡିଶାରେ ବୟନ ଶିଳ୍ପ ହେଉଛିଏକ ବୃହତ କୁଟିର ଶିଳ୍ପ । ଶତାବ୍ଦୀ ଶତାବ୍ଦୀ ଧରି ଓଡିଶା ବିଶ୍ୱର ଏକ ଅନ୍ୟତମ ବୟନ ସମୃଦ୍ଧ ରାଜ୍ୟର ମାନ୍ୟତା ହାସଲ କରି ଦେଶବିଦେଶକୁ ଉତ୍କୃଷ୍ଟ ସାମଗ୍ରୀ ରପ୍ତାନୀ କରିଆସୁଛି। ଏହା ରାଜ୍ୟ ଜନସଂଖ୍ୟାର ମୋଟ ଚାରି ପ୍ରତିଶତ ଲୋକଙ୍କୁ ରୋଜଗାର ଦେଇଥାଏ । ଏକ ସରକାରୀ ହିସାବ ଅନୁଯାୟୀ ଓଡିଶାର ପ୍ରାୟ ସତୁରୀ ହଜାର ପଞ୍ଜିକୃତ ବୁଣାକାର ଥିବାବେଳେ ଅଣପଞ୍ଜିକୃତ ବୁଣାକାରମାନଙ୍କ ପରିବାର ମିଶି ପ୍ରାୟ ଚାରି ଲକ୍ଷ ଲୋକ ହସ୍ତତନ୍ତ ଶିଳ୍ପ ଉପରେ ସିଧାସଳଖ ନିର୍ଭରଶୀଳ । ଏମାନେ ଶାଢି, କପଡା, ଗାମୁଛା, ଧୋତି, ବେଡସିଟ, ଟେବୁଲ କ୍ଲଥ ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ଉତ୍ପାଦନ କରିଥାନ୍ତି । ଏହି କାରବାରେ କଞ୍ଚାମାଲ ବ୍ୟବସାୟୀ, ବସ୍ତ୍ର ବ୍ୟବସାୟୀ ଏବଂ ବୁଣାକାରମାନେ ସାମିଲ ହୋଇଥାନ୍ତି । ହସ୍ତତନ୍ତ କ୍ଷେତ୍ରରେ ବରଗଡ, ସୋନପୁର, ସମ୍ବଲପୁର, ବଲାଙ୍ଗୀର, କୋରାପୁଟ, କଳାହାଣ୍ଡି, ଗଞ୍ଜାମ ଜିଲ୍ଲାର ବୁଣାକାରମାନେ ଉତ୍କୃଷ୍ଟ ହସ୍ତତନ୍ତ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି । ଓଡିଶାରୁ ପ୍ରସ୍ତୁତ ଇକତ, ବାନ୍ଧ ଶାଢୀ, ବ୍ରହ୍ମପୁରୀ ରେଶମ ପାଟ, କାଞ୍ଜିବରମ, କୋଟପାଡ ବସ୍ତ୍ର ଦେଶବିଦେଶରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ବୁଣାକାରମାନଙ୍କର ଜୀବନ ଜୀବିକାର ସୁରକ୍ଷା, ସେମାନଙ୍କର ପିଲାମାନଙ୍କର ଶିକ୍ଷା ଓ ଆର୍ଥିକ ବିକାଶକୁ ବିଶେଷ ଗୁରୁତ୍ୱ ଦେବା ସହିତ ସେମାନଙ୍କର ଅର୍ଥନୈତିକ ବିକାଶ ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା କରାଯାଇଛି। ଉଚ୍ଚ ଗୁଣବତ୍ତାସମ୍ପନ୍ନ ହସ୍ତତନ୍ତର ଉତ୍ପାଦିତ ବସ୍ତ୍ରର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ପାଇଁ ହସ୍ତତନ୍ତ ମାର୍କ ପ୍ରତୀକ ଲଗାଯିବାର ବ୍ୟବସ୍ଥା କରାଯାଇଛି । ଉଚ୍ଚ ଗୁଣବତ୍ତାସମ୍ପନ୍ନ ହସ୍ତତନ୍ତରେ ଉତ୍ପାଦିତ ବସ୍ତ୍ରଗୁଡିକୁ ସ୍ୱତନ୍ତ୍ର ମାନ୍ୟତା ଦେବା ଉଦ୍ଦେଶ୍ୟରେ ଇଣ୍ଡିଆ ହାଣ୍ଡଲୁମ ବୋର୍ଡର ବ୍ୟବସ୍ଥା ରହିଛି । ବ୍ୟବହୃତ କଞ୍ଚାମାଲ, ସେଗୁଡିକର ପ୍ରକ୍ରିୟାକରଣ, ବୁଣା କୌଶଳ ନେଇ ଗ୍ରାହକମାନଙ୍କର ବିଶ୍ୱାସ ଜିତାଇବାରେ ସହାୟକ ହୁଏ । ପକ୍କା ତନ୍ତଶାଳା ତଥା ବାସଗୃହ ଉନ୍ନୟନ ପାଇଁ ବୁଣାକାରମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ, ଉନ୍ନତମାନର ତନ୍ତ, ତନ୍ତ ସରଞ୍ଜାମ ଏବଂ ରଙ୍ଗ ସରଞ୍ଜାମ ଯୋଗାଣ, ନୂଆ ପିଢିଙ୍କୁ ପ୍ରାଥମିକ ବୁଣା କାର୍ଯ୍ୟ ସହ ଉନ୍ନତ ମାନର ସୂତା ରଙ୍ଗ କରିବା ତାଲିମ ପ୍ରଦାନ, ଆଧୁନିକ ଜ୍ଞାନ କୌଶଳ ଆହରଣ ପାଇଁ ପ୍ରଗତିଶୀଳ ହସ୍ତତନ୍ତ ପୁଞ୍ଜୀକୁ ବୁଣାକାରଙ୍କ ପରିଭ୍ରମଣ, ଜୀବନ ବୀମା ଯୋଜନା, କେନ୍ଦ୍ର ସରକାରଙ୍କ ଦ୍ୱାରା ବ୍ଲକସ୍ତରୀୟ ପୁଞ୍ଜି ଯୋଜନା ପ୍ରଚଳନ ଏବଂ ସୂତା ସୁଲଭ ମୂଲ୍ୟରେ ଯୋଗାଇବା ନିମନ୍ତେ କଞ୍ଚାମାଲ ବ୍ୟାଙ୍କ ପ୍ରତିଷ୍ଠା, ଆର୍ଥିକ ସହାୟତାର ବ୍ୟବସ୍ଥା ସାଙ୍ଗକୁ ବିକ୍ରୟ ସହାୟତା ସହିତ ବିକ୍ରି ଯୋଜନାରେ ୧୦ ଶତକଡା ସରକାରୀ ରିହାତି ଦିଆଯାଉଛି । ରାଜ୍ୟର ଉତ୍ପାଦିତ ବୟନ ସାମଗ୍ରୀଗୁଡିକୁ ଗୋଟିଏ ଜାଗାରେ ଉପଲବ୍ଧ କରାଇବା ସହ ବୁଣାକାରମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ, ବିକ୍ରିବଟା ପାଇଁ ଉପଯୁକ୍ତ ବଜାର ସୃଷ୍ଟି କରିବା ଲକ୍ଷ୍ୟ ନେଇ ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ତୋଷାଳି ଜାତୀୟ କ୍ରାଫ୍ଟ ମେଳାର ଆୟୋଜନ କରାଯାଇଛି । ଓଡିଶାର ଆଭିଜାତ୍ୟପୂର୍ଣ୍ଣ ହସ୍ତତନ୍ତର ପ୍ରଦର୍ଶନ ନିମନ୍ତେ ଭୁବନେଶ୍ୱରର ଗଣ୍ଡମୁଣ୍ଡା ଠାରେ ସମଗ୍ର ପୂର୍ବ ଭାରତରେ ପ୍ରଥମ କରି ଓଡିଶା କ୍ରାଫ୍ଟ ମ୍ୟୁଜିୟମ ପ୍ରତିଷ୍ଠା କରାଯାଇଛି । ଓଡିଆ ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସଡର ଭାବେ ଲୋକପ୍ରିୟ ଚଳଚ୍ଚିତ୍ର ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କୁ ନିଯୁକ୍ତି ଦିଆଯାଇଛି । ପାରମ୍ପରିକ ହାତବୁଣା ବସ୍ତ୍ରରେ ଆଧୁନିକତାର ସ୍ପର୍ଶ ଲାଗିଥିଲେ ବି ଏହା ନିଜର ମୌଳିକତାକୁ ହରାଇନି କି ପାଶ୍ଚାତ୍ୟ ପୋଷାକର ଭିଡରେ ଏହା ହଜି ଯାଇନି ।

# ଡିଜିଟାଲ୍ ମାୟାଜାଲ ଓ ଭ୍ରମିତ ସତ୍ୟ



ସୌମ୍ୟ ରଞ୍ଜନ ଦାଶ
ଅଧ୍ୟାପକ, ବିରଜା ଆଇନ ମହାବିଦ୍ୟାଳୟ, ଯାଜପୁର
ମୋ. ନଂ. ୮୮୯୫୯୫୨୩୧୫

ଆଧୁନିକ ସଭ୍ୟତାରେ ଡିଜିଟାଲ୍ ଆକାଶ ଆଜି କେବଳ ସୂଚନା ଆଦାନପ୍ରଦାନର ମାଧ୍ୟମ ହୋଇ ରହିନାହିଁ, ବରଂ ଏହା ଏକ ଶକ୍ତିଶାଳୀ ଅଗ୍ନିଶିଖାରେ ପରିଣତ ହୋଇଛି। ଗୋଟିଏ କ୍ଲିକ୍, ଗୋଟିଏ ଶେୟାର୍ ଏବଂ ଗୋଟିଏ ଆକର୍ଷଣୀୟ ଥମ୍ବନେଲ୍—ଏହି ତିନୋଟି ଶକ୍ତି ଆଜି ସମଗ୍ର ସମାଜର ଚେତନା ଓ ମନସ୍ତତ୍ତ୍ୱକୁ ନିୟନ୍ତ୍ରଣ କରୁଛି। ଯେଉଁ ସୋସିଆଲ୍ ମିଡିଆ ଦିନେ ମଣିଷକୁ ମଣିଷ ସହ ଯୋଡ଼ିବା ପାଇଁ ଏକ ସେତୁ ସଦୃଶ ଥିଲା, ତାହା ଆଜି ଏକ ବିରାଟ ଭ୍ରମର ବଜାର ବା ମିଥ୍ୟାର ହାଟରେ ରୂପାନ୍ତରିତ ହୋଇଛି। ଏହି ବଜାରରେ ସତ୍ୟ ବିକ୍ରି ହୁଏ ଏବଂ ମିଥ୍ୟା ମଧ୍ୟ, କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଉଛି ମିଥ୍ୟା ଏଠାରେ ଅଧିକ ଲାଭଦାୟକ ଓ ଚର୍ଚ୍ଚିତ। ସାଧାରଣ ମଣିଷର ବିଶ୍ୱାସକୁ ପୁଞ୍ଜି କରି ଏହି ବଜାର ନିଜର କାୟା ବିସ୍ତାର କରିଚାଲିଛି। ଆମେ ପ୍ରତିଦିନ ସ୍ମାର୍ଟଫୋନ୍ ପରଦାରେ ଯାହା ଦେଖୁଛୁ, ତାହା ବାସ୍ତବରେ ସତ୍ୟ ନା ଏକ ସୁଚିନ୍ତିତ ମିଥ୍ୟାର ପ୍ରଲେପ, ତାହା ଚିନ୍ତା କରିବାର ସମୟ ଉପନୀତ। ସୋସିଆଲ୍ ମିଡିଆ ଆଜି ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସକାଳର ପ୍ରଥମ କିରଣଠାରୁ ଆରମ୍ଭ କରି ରାତିର ନିସ୍ତବ୍ଧତା ପର୍ଯ୍ୟନ୍ତ ମୋବାଇଲ୍ ସ୍କ୍ରିନ୍ ଆମର ନିତ୍ୟ ସହଚର। ଶିଶୁଠାରୁ ବୃଦ୍ଧ, ସବୁ ବର୍ଗର ଲୋକ ଏହି ମାୟାଜାଲରେ ଆବଦ୍ଧ। ପୂର୍ବରୁ ଖବର ପାଇଁ ଲୋକେ ଖବରକାଗଜ କିମ୍ବା ଟେଲିଭିଜନ ଉପରେ ନିର୍ଭର କରୁଥିଲେ, କିନ୍ତୁ ଆଜି ଏକ ଛୋଟ ରିଲ୍ କିମ୍ବା ଷ୍ଟାଟସ୍ ମାଧ୍ୟମରେ ସେମାନେ ନିଜକୁ ଅପଡେଟ୍ ରଖୁଛନ୍ତି। ମାତ୍ର ଏହି ଅତି-ନିର୍ଭରଶୀଳତା ଆମ ଭିତରେ ଥିବା ବିଚାରଶୀଳତାକୁ ଧୀରେ ଧୀରେ ଶୋଷି ନେଉଛି। ଆମେ ସ୍କ୍ରିନ୍‌ରେ ଦେଖୁଥିବା ପ୍ରତିଟି ଜିନିଷକୁ ବିନା ଦ୍ୱିଧାରେ ସତ୍ୟ ବୋଲି ଗ୍ରହଣ କରିନେଉଛୁ। ସୂଚନାର ସଠିକତା ଯାଞ୍ଚ କରିବାର ଧୈର୍ଯ୍ୟ କମିଛି ଏବଂ ଅନ୍ଧଭାବେ ଭରସା କରିବାର ପ୍ରବୃତ୍ତି ବଢ଼ିଛି। ଏହି ଭରସାକୁ ହିଁ ଆଜିର ଡିଜିଟାଲ୍ ଯୁଗର ସବୁଠୁ ବଡ଼ ମୁଦ୍ରା ଭାବେ ବ୍ୟବହାର କରାଯାଉଛି। ଏହି ମୁଦ୍ରାକୁ ଲୁଟିବା ପାଇଁ ବଜାରକୁ ଆସିଛନ୍ତି ଅସଂଖ୍ୟ ତଥାକଥିତ 'ଇନ୍‌ଫ୍ଲୁଏନ୍ସର' କିମ୍ବା ପ୍ରଭାବଶାଳୀ ବ୍ୟକ୍ତି। ସେମାନଙ୍କ ପାଇଁ ସଫଳତାର ଏକମାତ୍ର ମାପକାଠି ହେଉଛି ଭ୍ୟୁ, ଲାଇକ୍ ଏବଂ ସବସ୍କ୍ରାଇବର୍ ସଂଖ୍ୟା। ଏହି ସଂଖ୍ୟା ବଢ଼ାଇବା ପାଇଁ ସେମାନେ ନୈତିକତାର ସମସ୍ତ ସୀମା ଅତିକ୍ରମ କରିବାକୁ ପଛାଉ ନାହାନ୍ତି। ଏକ ସାଧାରଣ ଘଟଣାକୁ ରାଷ୍ଟ୍ରବ୍ୟାପୀ ସଂକଟ ଭାବେ ଉପସ୍ଥାପନ କରିବା ଏବଂ ଗୁରୁତର ସମସ୍ୟାକୁ ଅଣଦେଖା କରିବା ସେମାନଙ୍କର ଏକ କୌଶଳ ପାଲଟିଛି। ଯେଉଁଥିରେ 'ଭାଇରାଲ୍' ହେବାର ସମ୍ଭାବନା ଥାଏ, ତାହାକୁ ହିଁ ଅଧିକ ଗୁରୁତ୍ୱ ଦିଆଯାଏ। ଭାଷାକୁ ଉତ୍ତେଜକ କରିବା, ଚମକଦାର ଶୀର୍ଷକ ଦେବା ଏବଂ ତଥ୍ୟକୁ ନିଜ ସୁବିଧା ଅନୁସାରେ ମୋଡ଼ିବା ଦ୍ୱାରା ଏକ ନୂଆ ପ୍ରକାରର 'ଅର୍ଦ୍ଧ-ସତ୍ୟ' ଜନ୍ମ ନେଉଛି। ଏହି କାହାଣୀଗୁଡ଼ିକ ଦେଖିବାକୁ ଅତ୍ୟନ୍ତ ଆକର୍ଷଣୀୟ ହୋଇଥାଏ, କିନ୍ତୁ ବାସ୍ତବିକତାର ସ୍ପର୍ଶ ଏଥିରେ ନଥାଏ। ଫଳସ୍ୱରୂପ, ସମାଜରେ ଏକ ଶୂନ୍ୟତା ସୃଷ୍ଟି ହେଉଛି, ଯେଉଁଠାରେ ବାସ୍ତବ ସମସ୍ୟା ଗୁଡ଼ିକ ଡିଜିଟାଲ୍ ଗୁଜବର କୋଳାହଳ ମଧ୍ୟରେ ହଜିଯାଉଛି। ଅନେକ ସମୟରେ ଏହି ଗୁଜବଗୁଡ଼ିକ ଅତ୍ୟନ୍ତ ସୁଚିନ୍ତିତ ଓ ଯୋଜନାବଦ୍ଧ ଭାବେ ପ୍ରସାର କରାଯାଏ। ପୁରୁଣା ଭିଡିଓକୁ ନୂଆ ଘଟଣାର ରୂପ ଦେବା କିମ୍ବା ଗୋଟିଏ ସ୍ଥାନର ଫଟୋକୁ ଅନ୍ୟ ଏକ ସମ୍ବେଦନଶୀଳ ଘଟଣା ସହ ଯୋଡ଼ିବା ଦ୍ୱାରା ଦର୍ଶକଙ୍କ ମନରେ କ୍ରୋଧ ଏବଂ ଭୟ ସୃଷ୍ଟି କରାଯାଏ। ଡିଜିଟାଲ୍ ମାର୍କେଟିଂର ଗଣିତ ଅନୁସାରେ, ଯେତେ ଅଧିକ ଉତ୍ତେଜନା, ସେତେ ଅଧିକ ଭ୍ୟୁ ଏବଂ ସେତେ ଅଧିକ ଆୟ। ଅର୍ଥାତ୍ ଲୋକଙ୍କ ଭୟକୁ ଏଠାରେ ପୁଞ୍ଜିରେ ପରିଣତ କରାଯାଉଛି। ସମସ୍ୟାର ଆଉ ଏକ ଜଟିଳ ଦିଗ ହେଉଛି ଧାର୍ମିକ ଓ ଜାତିଗତ ଉତ୍ତେଜନା ସୃଷ୍ଟି କରି ରାଜନୈତିକ ଫାଇଦା ଉଠାଇବା। କେତେକ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ ଭିଡିଓ କ୍ଲିପ୍‌କୁ ଏଡିଟ୍ କରି କିମ୍ବା ପ୍ରସଙ୍ଗ ବାହାରେ ରଖି ଭାଇରାଲ୍ କରନ୍ତି, ଯାହା ସମାଜରେ ଘୃଣାର ବାତାବରଣ ସୃଷ୍ଟି କରେ। ଏହିପରି ଘଟଣାରେ ସାଧାରଣ ଲୋକେ ଭାବପ୍ରବଣ ହୋଇ ନିଜ ଭିତରେ କଳହ କରନ୍ତି, କିନ୍ତୁ ଏହାର ଫାଇଦା ପରଦା ପଛରେ ଥିବା ଲୋକମାନେ ଉଠାନ୍ତି। ଏହି ବଜାରର ଅନ୍ୟ ଏକ କଳା ଦିଗ ହେଉଛି ଅନିୟନ୍ତ୍ରିତ ପ୍ରଚାର ଓ ବିଜ୍ଞାପନ। ଫୁଡ୍ ବ୍ଲଗର୍ ହୁଅନ୍ତୁ କିମ୍ବା ଟ୍ରାଭେଲ୍ ବ୍ଲଗର, ସେମାନେ ଅନେକ ସମୟରେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର ସ୍ତୁତିଗାନ କରନ୍ତି। କିନ୍ତୁ ଏହି ପ୍ରଶଂସା ମୂଳରେ ସେବା କିମ୍ବା ଗୁଣବତ୍ତା ନଥାଏ, ଥାଏ କେବଳ ମୋଟା ଅଙ୍କର ଟଙ୍କା। ସାଧାରଣ ଦର୍ଶକ ନିଜର ପ୍ରିୟ ଇନ୍‌ଫ୍ଲୁଏନ୍ସରଙ୍କ କଥାରେ ବିଶ୍ୱାସ କରି ସେହି ଖାଦ୍ୟ ଖାଆନ୍ତି ବା ସେହି ସେବା ଗ୍ରହଣ କରନ୍ତି, କିନ୍ତୁ ଯଦି ସେଥିରୁ କୌଣସି କ୍ଷତି ହୁଏ, ତେବେ ସେହି ଦାୟିତ୍ୱ କିଏ ନେବ? ପ୍ରଚାରକ ନିଜ ପକେଟ୍ ଗରମ କରି ଚୁପ୍ ରହୁଥିବା ବେଳେ ଗ୍ରାହକ ଜଣକ ପ୍ରତାରିତ ହୋଇଥାନ୍ତି। ଏହି ନୈତିକତାବିହୀନ ବ୍ୟବସାୟ ସମାଜର ଆର୍ଥିକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଏକ ବଡ଼ ବିପଦ। ତା' ସହିତ ଆଜିକାଲି ଭ୍ୟୁ ବଢ଼ାଇବା ପାଇଁ ଅଶ୍ଳୀଳ ବା ଭ୍ରମକର ଥମ୍ବନେଲ୍‌ର ବ୍ୟବହାର ଏକ ବ୍ୟାଧି ଭଳି ବ୍ୟାପିବାରେ ଲାଗିଛି। ଭିଡିଓର ବିଷୟବସ୍ତୁ ସାଧାରଣ ହୋଇଥିଲେ ମଧ୍ୟ ଏହାର ବାହ୍ୟ ରୂପକୁ ଏମିତି କରାଯାଏ ଯାହା ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଓ କାମନା ଜାଗ୍ରତ କରେ। ଏହା କେବଳ ସାମାଜିକ ମୂଲ୍ୟବୋଧର ପତନ ନୁହେଁ, ବରଂ ନୂତନ ପିଢ଼ିର ମାନସିକତାକୁ ମଧ୍ୟ କଳୁଷିତ କରୁଛି। ସେହିପରି ଅନେକେ ଆଇନ କିମ୍ବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅସମ୍ପୂର୍ଣ୍ଣ ଓ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରୁଛନ୍ତି, ଯାହା ସାଧାରଣ ଲୋକଙ୍କ ପାଇଁ ପ୍ରାଣଘାତୀ ମଧ୍ୟ ହୋଇପାରେ। ଏହି ପରିପ୍ରେକ୍ଷୀରେ ଭାରତୀୟ ଆଇନଗତ ବ୍ୟବସ୍ଥାକୁ ବୁଝିବା ଅତ୍ୟନ୍ତ ଜରୁରୀ। ଭାରତୀୟ ସମ୍ବିଧାନର ଧାରା ୧୯(୧)(ବ) ପ୍ରତ୍ୟେକ ନାଗରିକଙ୍କୁ ଅଭିବ୍ୟକ୍ତିର ସ୍ୱାଧୀନତା ପ୍ରଦାନ କରିଛି ସତ, କିନ୍ତୁ ଧାରା ୧୯(୨) ଏହା ଉପରେ କିଛି ଯୁକ୍ତିସଙ୍ଗତ ସୀମା ମଧ୍ୟ ଧାର୍ଯ୍ୟ କରିଛି। ଏହାର ଅର୍ଥ ହେଉଛି, ସ୍ୱାଧୀନତା ନାମରେ କେହି ବି ସମାଜରେ ବିଦ୍ୱେଷ କିମ୍ବା ମିଥ୍ୟା ପ୍ରଚାର କରିପାରିବେ ନାହିଁ। ସମ୍ପ୍ରତି ଭାରତ ସରକାର ପୁରୁଣା ଇଣ୍ଡିଆନ୍ ପେନାଲ୍ କୋଡ୍ ବଦଳରେ ଭାରତୀୟ ନ୍ୟାୟ ସଂହିତା ଲାଗୁ କରିଛନ୍ତି। ଏହି ନୂତନ ବ୍ୟବସ୍ଥାରେ ମଧ୍ୟ ଗୁଜବ ପ୍ରଚାର, ମାନହାନି ଏବଂ ସାମାଜିକ ଶାନ୍ତି ଭଙ୍ଗ କରୁଥିବା କାର୍ଯ୍ୟକୁ କଠୋର ଦଣ୍ଡନୀୟ ଅପରାଧ ଭାବେ ଗ୍ରହଣ କରାଯାଇଛି। ସୂଚନା ପ୍ରଯୁକ୍ତିବିଦ୍ୟା ଆଇନ ବଳରେ ସରକାର ଅସାମାଜିକ ଓ ବିଭ୍ରାନ୍ତିକର ବିଷୟବସ୍ତୁକୁ ବ୍ଲକ୍ କରିବାର କ୍ଷମତା ରଖନ୍ତି। ଏହା ସହିତ IT Rules, ୨୦୨୧ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ବା ମଧ୍ୟସ୍ଥମାନଙ୍କ ଉପରେ ଅଧିକ ଦାୟିତ୍ୱ ନ୍ୟସ୍ତ କରିଛି ଯେ ସେମାନେ ନିଜ ପ୍ଲାଟଫର୍ମରୁ ସ୍ୱତଃପ୍ରବୃତ୍ତ ଭାବେ ଅବୈଧ ତଥ୍ୟ ହଟାଇବେ। ବିଶେଷ କରି ଇନ୍‌ଫ୍ଲୁଏନ୍ସର୍ ମାନଙ୍କ ପାଇଁ 'କଞ୍ଜ୍ୟୁମର ପ୍ରୋଟେକ୍ସନ ଆକ୍ଟ ୨୦୧୯' ଅତ୍ୟନ୍ତ ପ୍ରାସଙ୍ଗିକ। କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣର ନିର୍ଦ୍ଦେଶ ଅନୁସାରେ, ଯଦି କୌଣସି ଇନ୍‌ଫ୍ଲୁଏନ୍ସର୍ କୌଣସି ଦ୍ରବ୍ୟର ପ୍ରଚାର ପାଇଁ ଅର୍ଥ ନେଇଛନ୍ତି, ତେବେ ତାହାକୁ 'ପେଡ୍ ପ୍ରମୋସନ୍' ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରିବା ବାଧ୍ୟତାମୂଳକ। ଏହାର ଉଲ୍ଲଂଘନ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯାଇପାରେ। ତେବେ କେବଳ କାଗଜପତ୍ରରେ ଆଇନ ଥିଲେ ସମସ୍ୟାର ସମାଧାନ ହେବନାହିଁ। ଏହାର ଦୃଢ଼ ଓ ନିରପେକ୍ଷ ପ୍ରୟୋଗ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ସରକାରଙ୍କ ତରଫରୁ ଡିଜିଟାଲ୍ ଇନଫ୍ଲୁଏନ୍ସରମାନଙ୍କ ପାଇଁ ଏକ ବାଧ୍ୟତାମୂଳକ ପଞ୍ଜିକରଣ ବ୍ୟବସ୍ଥା ରହିବା ଆବଶ୍ୟକ। ସ୍କୁଲ ଓ କଲେଜ ସ୍ତରରେ 'ଡିଜିଟାଲ୍ ସାକ୍ଷରତା' ଶିକ୍ଷା ପ୍ରଦାନ କରାଯିବା ଉଚିତ, ଯାହାଦ୍ୱାରା ଆଗାମୀ ପିଢ଼ି କୌଣସି ସୂଚନାକୁ ଦେଖିବା ମାତ୍ରେ ତାହାକୁ ବିଶ୍ୱାସ ନକରି ତାର ସତ୍ୟତା ପରଖିବାର ଦକ୍ଷତା ହାସଲ କରିବ। ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ମଧ୍ୟ ସେମାନଙ୍କର 'ଆଲଗୋରିଥମ୍' ପରିବର୍ତ୍ତନ କରିବା ଉଚିତ। ଅନେକ ସମୟରେ ଏହି ପ୍ଲାଟଫର୍ମଗୁଡ଼ିକ କେବଳ ଅଧିକ 'ଏନଗେଜମେଣ୍ଟ' ପାଇଁ ଉତ୍ତେଜକ ଓ ମିଥ୍ୟା ପୋଷ୍ଟକୁ ଅଧିକ ଲୋକଙ୍କ ପାଖକୁ ପଠାଇଥାନ୍ତି, ଯାହା ବନ୍ଦ ହେବା ଦରକାର। ଏହା ବ୍ୟତୀତ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଯେଉଁ 'ଆଇଟି ସେଲ୍' ଗୁଡ଼ିକ ମିଥ୍ୟା ସୂଚନା ମାଧ୍ୟମରେ ସାମ୍ପ୍ରଦାୟିକ ସଦ୍ଭାବ ବିଗାଡ଼ିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କ ବିରୋଧରେ ବିନା ଭେଦଭାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ପରିଶେଷରେ, ସୋସିଆଲ୍ ମିଡିଆ ନିଜେ ଏକ ସମସ୍ୟା ନୁହେଁ, ବରଂ ଏହାର ବ୍ୟବହାର ଶୈଳୀ ସମସ୍ୟା ସୃଷ୍ଟି କରୁଛି। ଏହା ଏକ ଦର୍ପଣ ସଦୃଶ, ଯେଉଁଥିରେ ଆମେ ଆମର ମାନସିକତାକୁ ଦେଖିପାରୁ। ଯଦି ଆମେ ସଚେତନ ନ ହେବା, ତେବେ ଏହି 'ଭ୍ରମର ବଜାର' ସତ୍ୟକୁ ସମ୍ପୂର୍ଣ୍ଣ ଭାବେ ଗିଳି ଦେବ। କେବଳ ସରକାରୀ ନିୟମ କିମ୍ବା ପୋଲିସ ଦ୍ୱାରା ଏହାକୁ ରୋକିବା ସମ୍ଭବ ନୁହେଁ, ଏଥିପାଇଁ ପ୍ରତ୍ୟେକ ନାଗରିକଙ୍କୁ 'ଡିଜିଟାଲ୍ ସଂସ୍କାର' ଗ୍ରହଣ କରିବାକୁ ହେବ। କୌଣସି ସୂଚନା ପାଇବା ପରେ ତାହାକୁ ଶେୟାର କରିବା ପୂର୍ବରୁ ଦୁଇ ମିନିଟ୍ ଚିନ୍ତା କରିବାକୁ ହେବ—ଏହା କଣ ବାସ୍ତବରେ ସତ୍ୟ? ଏହା ଦ୍ୱାରା କାହାର କ୍ଷତି ହେବ ନାହିଁ ତ? ଯଦି ଆମେ ନିଜର ବିବେକକୁ ବନ୍ଧା ପକାଇ ଲାଇକ୍ ଓ ଭ୍ୟୁ ପଛରେ ଗୋଡ଼ାଇବା, ତେବେ ଆଗାମୀ ପିଢ଼ି ପାଇଁ ଏକ ମିଥ୍ୟାର ଜଙ୍ଗଲ ଛାଡ଼ିଯିବା। ସତ୍ୟର ମୂଲ୍ୟ ଲାଇକ୍‌ର ସଂଖ୍ୟାରେ ନାହିଁ, ବରଂ ଏହାର ଶୁଦ୍ଧତାରେ ଅଛି। ସଚେତନ ନାଗରିକତା ଏବଂ ନୈତିକ ଡିଜିଟାଲ୍ ଆଚରଣ ହିଁ ଏହି ଭ୍ରମର ବଜାରକୁ ଏକ ସୁସ୍ଥ ଓ ଜ୍ଞାନବର୍ଦ୍ଧକ ପରିବେଶରେ ପରିଣତ କରିପାରିବ। ସମୟ ଆସିଛି, ଶବ୍ଦମାନଙ୍କୁ ଅଗ୍ନିଶିଖା ନୁହେଁ ବରଂ ଜ୍ଞାନର ଆଲୋକ ଭାବେ ବ୍ୟବହାର କରିବା।

# ଗରିବ ଲୋକଙ୍କ ନର୍କ

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ନବଘନ ଜଣେ ମଧ୍ୟବିତ୍ତ ଲୋକ । କିଛି ପାପ କରିଛି, କିଛି ପୁଣ୍ୟ ବି କରିଛି । ମଲା ପରେ ଚିତ୍ରଗୁପ୍ତ ପାଖରେ ହିସାବ ହେଲା । ଚିତ୍ରଗୁପ୍ତ କହିଲେ, ତମ ହିସାବ ଯାହା କହୁଛି ତମେ ନର୍କରେ ଅଧିକ ଦିନ ରହିବ, ସ୍ୱର୍ଗରେ କମ । ତେଣୁ ଆଗେ ଯାଅ, ନର୍କ ବାସ ଅବଧି ସାରିଦିଅ । ନବଘନ ନର୍କରେ ପହଞ୍ଚି ଦେଖିଲାବେଳକୁ ସେଠି ଦିଟା ଦୁଆର। ଗୋଟାକରେ ବୋର୍ଡ ଲଗା ହୋଇଛି: ଗରିବ ଲୋକଙ୍କ ନର୍କ । ଆରଟାରେ ବୋର୍ଡ ଲଗା ହୋଇଛି: ଧନୀ ଲୋକଙ୍କ ନର୍କ । ନବଘନ ତ ମଧ୍ୟବିତ୍ତ, ସେ କନଫ୍ୟୁଜ ହୋଇଗଲା କଉ ନର୍କକୁ ଯିବ । ସେ ଲକ୍ଷ୍ୟ କଲା - ଗରିବ ଲୋକଙ୍କ ନର୍କ ଦୁଆର ଆଗରେ ଲମ୍ବା ଲାଇନ, ଭିଡ଼ ସମ୍ଭାଳିବାକୁ ତିନିଜଣ ଦ୍ୱାରରକ୍ଷୀ ଠିଆ ହୋଇଛନ୍ତି । ଧନୀ ଲୋକଙ୍କ ନର୍କ ଆଗରେ ଆଦୌ ଭିଡ଼ ନାହିଁ । ସେଠି ଜଣିଏ ଦ୍ୱାରରକ୍ଷୀ ବସି ବସି ଢୋଳଉଛି । ନବଘନକୁ ବିଷୟଟା ଟିକେ ଅଡୁଆ ଲାଗିଲା । ସେ ଧନୀ ଲୋକଙ୍କ ନର୍କ ଆଗରେ ବସି ଢୋଳଉଥିବା ଦ୍ୱାରରକ୍ଷୀଙ୍କ ପାଖରେ ପହଞ୍ଚିଲା । ତାକୁ ଦେଖି ଦ୍ୱାରରକ୍ଷୀ ଠିଆ ହୋଇ ପଡ଼ିଲା । କହିଲା, ଆସନ୍ତୁ ଆସନ୍ତୁ - ଧନୀ ଲୋକଙ୍କ ନର୍କକୁ ଆପଣଙ୍କୁ ସ୍ୱାଗତ ।

ନବଘନ କହିଲା, ଭାଇ - ମୁଁ ଧନୀ ନୁହେଁ କି ଗରିବ ନୁହେଁ, ମୁଁ ମଧ୍ୟବିତ୍ତ । ତେଣୁ ଟିକେ କନଫ୍ୟୁଜ ହୋଇଯାଉଛି - କଉ ନର୍କକୁ ଯିବି । ମୋତେ କହିଲ - ଧନୀ ଲୋକଙ୍କ ନର୍କରେ କଣ ହୁଏ ? ଦ୍ୱାରରକ୍ଷୀ କହିଲା, ଆପଣ ତ ଜାଣନ୍ତି ନର୍କରେ ପାପୀମାନଙ୍କୁ ଶାସ୍ତି ଦିଆଯାଏ । ଏଠି ପାପୀମାନଙ୍କୁ ଆଗେ ଗରମ ତେଲରେ ଫ୍ରାଏ କରାଯାଏ, ତାପରେ ସିଲିଂ ଫ୍ୟାନରେ ଟାଙ୍ଗି ପଙ୍ଖାଟାକୁ ଘୁରେଇ ଦିଆଯାଏ। - ଆରେ ବାପରେ! ଆଚ୍ଛା, ଗରିବ ଲୋକଙ୍କ ନର୍କରେ କଣ କରାଯାଏ? ଦ୍ୱାରରକ୍ଷୀ କହିଲା, ଶାସ୍ତି ଏକା । ପାପୀମାନଙ୍କୁ ଆଗେ ଗରମ ତେଲରେ ଫ୍ରାଏ କରାଯାଏ, ତାପରେ ସିଲିଂ ଫ୍ୟାନରେ ଟାଙ୍ଗି ପଙ୍ଖାଟାକୁ ଘୁରେଇ ଦିଆଯାଏ । ନବଘନ ପଚାରିଲା, ଆଚ୍ଛା, ଶାସ୍ତି ଯଦି ଏକା - ତେବେ ଗରିବ ଲୋକଙ୍କ ନର୍କ ଦୁଆର ଆଗରେ ଏତେ ଲମ୍ବା ଲାଇନ କାହିଁକି ? ଧନୀ ଲୋକଙ୍କ ନର୍କ ଆଗରେ କେହି ନାହାନ୍ତି ? ମାନୁଛି ଭାରତରେ ଗରିବ ଲୋକଙ୍କ ସଂଖ୍ୟା ଅଧିକ । ହେଲେ ଧନୀ ଲୋକବି ଅଛନ୍ତି, ଆଉ ସେମାନଙ୍କ ସଂଖ୍ୟା ବଢୁଛି ବୋଲି ସରକାର କହୁଛନ୍ତି । ପରିସଂଖ୍ୟାନ କହୁଛି, ୨୦୧୪ରୁ ୨୦୨୬ ଭିତରେ ଭାରତରେ କୋଟିପତିଙ୍କ ସଂଖ୍ୟା ତିନିଗୁଣା ହେଲାଣି । ଆମେରିକା ଆଉ ଚୀନ ପରେ ପୃଥିବୀରେ ସବୁଠୁ ଅଧିକ ସଂଖ୍ୟକ କୋଟିପତି ଅଛନ୍ତି ଭାରତରେ। ହେଲେ ଏଠି ବିଚାର ପୁରା ଓଲଟା ...

ଦ୍ୱାରରକ୍ଷୀ କହିଲା, ଆରେ ଭାଇ ଗରିବ ଲୋକଙ୍କ ନର୍କ ପାଇଁ ବଜେଟ କମ । ସେଠି ଅଧା ଦିନ ଗ୍ୟାସ ନ ଥାଏ ଯେ ଚୁଲି ଜଳେ ନାହିଁ , ତେଲ ଗରମ ହୁଏ ନି । ଅଧା ଦିନ ବିଜୁଳି ନ ଥାଏ - ପଙ୍ଖା ଚାଲେନି । ଧନୀ ଲୋକଙ୍କ ନର୍କ ପାଇଁ ବଜେଟ ବେଶୀ, ସବୁ ଟିପଟପ ...ସବୁ ଠିକଠାକ ଚାଲେ। ଦ୍ୱାରରକ୍ଷୀ କଥା କହୁଥିଲା ବେଳେ ଦୁଇଜଣ ଲୋକ ଆସିଲେ। ଦୂରରୁ ସେମାନଙ୍କୁ ଟିକେ ଚିହ୍ନା ଚିହ୍ନା ଲାଗିଲା। ଭଲ କରି ଲକ୍ଷ୍ୟ କଲା ନବଘନ । ଆରେ ଇଏ ତ ଅମ୍ବାନୀ ଆଉ ଅଡାନୀ ।

ନବଘନ ଦେଖିଲା, ସେମାନେ ଦୁଇଜଣ ଚୁପଚାପ ଗରିବ ଲୋକଙ୍କ ନର୍କ ଦୁଆର ଆଗରେ ଲାଇନରେ ଠିଆ ହୋଇଗଲେ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ବର୍ଷା ଭିଜା କେତେ ଗୀତ

ଦେବାଶୀଷ ଚକ୍ରବର୍ତ୍ତୀ

**ମେଘ**
କଜଳ ମେଘର ସଜଳ ଆଖିରୁ
ଝରୁଛି ପ୍ରୀତିର ଝର
ନିଆଁଶୀ ଆଖିରେ ଲହଡ଼ି ମାରୁଛି
ହତାଶାର ପାରାବାର ।

**ଘଡଘଡ଼ି**
ଆକାଶ ଛାତିରୁ ଭାସି ଆସୁଅଛି
ବଜ୍ର ବିଜୁଳି ନାଦ
ଫଟା ପଲିଥିନ୍ ତଳେ ଗୁମୁରୁଛି
ଶେଷହୀନ ଅବସାଦ ।

**ବିଜୁଳି**
ବିଜୁଳି ଧାସରେ ଉଜୁଳି ଉଠୁଛି
ରାତ୍ରିର କଳା ପିଠି
ବେକାର ଯୁବକ ପାଇଛି ଯେପରି
ଇଣ୍ଟରଭ୍ୟୁର ଚିଠି ।

**ବର୍ଷା**
ଉଦାସୀ ଧରାର ଓଠରେ ବରଷା
ଦେଉଛି ଶ୍ୟାମଳ ଚୁମା
ଉପାସୀ ଆଖିରେ ଖୁସିର ପାଖୁଡା
ସହଜେ ଫୁଟେନି ଜମା ।





ମଣ୍ଡୁଆ, କେନ୍ଦୁଝର ଗଡ
ମୋ -୯୪୩୭୭୫୨୩୯୫

# !! ବର୍ଷା ଏକ ଋତୁ !!

କୈଳାସ ଚନ୍ଦ୍ର ସାହାଣୀ

ପ୍ରକୃତିର ବରଦାନ ବର୍ଷା
ପହିଲି ଟୋପାରେ ଭିଜା ମାଟିର ବାସ୍ନା
ରିମ୍ ଝିମ୍ ସଙ୍ଗୀତର ବେପଥୁରେ
କିଏ ଲେଖେ ପ୍ରଣୟ ପତ୍ର
ମେଘକୁ ଦୂତ କରି
କେଉଁ ଇପ୍ସିତ ପ୍ରିୟତମକୁ !

ବର୍ଷା କେବେ ଈର୍ଷାରେ ଜଳେ
ଲୁହ ଲହୁକୁ ଏକାକାର କରି ,
କେଉଁ ଭଗ୍ନ ଉପତ୍ୟକାରେ
ନଗ୍ନ ନଗଡାର ପାଦଚିହ୍ନ
ଭୋକର ଜଠରରୁ ଉତୁରିପଡେ ,
କାଞ୍ଜିପାଣିରେ ବଉଦର ଜରିପାଟ ଭିତରୁ
ଉଙ୍କିମାରେ ଉପର ପଣସନସାର
ଜୁଆଙ୍ଗ କିଶୋରୀ ,
ପୋଡୁ ଚାଷର କ୍ଷେତରେ
ବୁଣେ ମକା, ସୋରିଷ, ରାଶି !

ଦାଦନ ଫେରନ୍ତା ଶବ ଉପରେ
ଲୁହ ଢାଳେ ବର୍ଷା ,
ଗୋନାସିକାର ବୈତରଣୀ ଉତ୍ସ
ଫୁଲି ଫୁଲି କାନ୍ଦେ

ଲୋଟିପଡେ କେଉଁ ଅରଣ୍ୟ ଛାତିରେ
ପୁଞ୍ଜିଭୂତ ଦୁଃଖକୁ ସାଉଁଟି ବାଟଚାଲେ
ଆରଣ୍ୟକ !

ବାଂଶପାଳ ବନ ବିଥିରୁ
ଭୂୟାଁ ଜନଜାତିଙ୍କ ସମ୍ମିଳିତ ସେବାରେ
ସଂଗୃହୀତ ଶିଆଳି ଲତାର ରଶି
ବଳଦେବ ଜୀଉଙ୍କୁ ରଥରେ ଟାଣିନିଏ
ବଡଦାଣ୍ଡରେ ,
ବର୍ଷା ଭିଜାଉଥାଏ ରଥ ପଥ ଜଗତନାଥଙ୍କୁ !

ଏ ବର୍ଷା କେବେ ସ୍ମୃତିର ଶତଦଳ
କେବେ ପ୍ରୀତିର ବନଫୁଲ ,
ଏ ବର୍ଷାର ମାଦକତାରେ
ଝୁମି ଝୁମି ନାଚେ ଝଡି ପୋକ
ଜନ୍ତର ମନ୍ତରରେ ଡେଣା ଝାଡି ଉଡୁଥାଏ
ଅସରପା କୀଟ,
ବିପ୍ଳବର ଫୁଆର ନେଇ ବର୍ଷା
ଭିଜାଉଥାଏ ନବୀନ ସକାଳ !

ବର୍ଷାରେ ବେହାଲ କେବେ ସୁଦୂର ଆସାମ
ଭାଙ୍ଗିଦିଏ ବନ୍ଧବାଡ ,
ବର୍ଷା ପାଣି ତୋଡରେ ହଜିଯାଏ ସୁରମ୍ୟ ପ୍ରାସାଦ
ନଭଶ୍ଚୁମ୍ବୀ ଅଟ୍ଟାଳିକା ଭୂମିଲଗ୍ନା କେବେ;
ମେଘ ଆସେ ମେଘ ଯାଏ
ଛାଡିଯାଏ ଯେତେ କୀର୍ତ୍ତି ଅକୀର୍ତ୍ତିର ଚିହ୍ନ
ସବୁଜ ଶ୍ୟାମଳ ଧରଣୀରେ
ବର୍ଷା କେବେ ଆସିଥିଲା
ଆଣିଏକ ଛୋଟ ପିଲାଦିନ,



କାଗଜ ଡଙ୍ଗାର ମନ ନେଇ
ଗାଉଥିଲା ସେକାଳ ଶୈଶବ
'ମେଘ ବରଷିଲା ଟୁପୁରୁ ଟୁପୁର
କେଶର ମାରିଲା ଗଜା ,
କେଉଁ ରାଇଜରେ ରହିଲେ ମୋ ରଜା
ତେଲିଙ୍ଗୀ ବାଇଦ ବଜା '!!

ଲକ୍ଷ୍ମୀନଗର, ବଡବିଲ
କେନ୍ଦୁଝର
ମୋ-୯୪୩୭୮୪୩୨୧୯

# ବିରହ ଋତୁ

ସିଦ୍ଧେଶ୍ୱର ତ୍ରିପାଠୀ

ଗ୍ରୀଷମ ବରଷା ଶରତ ହେମନ୍ତ
ଶୀତ ଠୁ ବସନ୍ତ ସବୁ
ଦିନସରି ପୁଣି ରାତି ପାହିଯାଏ
ତୋ କଥା ଭାବୁ ଭାବୁ ।

ନିଦାଘଠୁ ବେଶୀ ତୋ ପ୍ରେମ ଦହନ
ଅହ ରହ ଜାଳେ ମୋତେ
ଧାରା ଶ୍ରାବଣବି ଭିଜାଇ ପାରେନି
ମୋ ଲୁହ ଭିଜାଏ ଯେତେ ।

ଫିକା ପଡ଼ିଯାଏ ତୋ ସ୍ମୃତି ଆଗେ
ତୋଫା ଜହ୍ନ ଅନୁଭୂତି
ହେମନ୍ତ କାକରଠାରୁ ବି କାଲୁଆ
ତୋ ପ୍ରେମର ମଧୁ ଗୀତି ।

ଶୀତ ଶୀତଳତା କି କରି ପାରିବ
ତୋର ସେଇ ଗୀତ ଆଗେ
ଯୋଉ ଗୀତ ଆସି ମୋତେ ଛୁଇଁବାକୁ
ଜହ୍ନରୁ ଜୋଛନା ମାଗେ ।

ବସନ୍ତର ଅନ୍ତ ସବୁ ହୁଏ ଶାନ୍ତ
ମନକୁ ବୁଝିବ କିଏ
ଲୁହକୋହ ଆଉ ମିଛେଇ ପ୍ରିୟାକୁ
ଏଇ ମନ ଖୋଜୁଥାଏ ।



ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୨୪୬

# ଇପ୍ସିତା

ଡ. ଦୀପକ କୁମାର ମିଶ୍ର

କେଜାଣି କାହିଁକି, ତୁମ ସହ ବିତିଥିବା ସ୍ମୃତିତକ
କେବେ ରୂପାନ୍ତରିତ ହୋଇପାରନ୍ତିନି ଶବ୍ଦରେ
ଯଦିଓ ଭାବର ଅତଡ଼ା ଖସୁଥାଏ ମାଟିକାନ୍ଥ ଖାଇ
କୂଳ ଲଂଘୁଥିବା ନିରନ୍ତର ସୁଅର ମାଡ଼ରେ ।

ଲାଗେ, ତୁମେ ବୋଧେ ଶବ୍ଦାତୀତ, ସମୟାତୀତ
କବିତାର କୋଣଠେସା ରୂପକଳ୍ପମାନଙ୍କର
ପରିମିତ ସଂଜ୍ଞା ମଧ୍ୟରେ ଆବଦ୍ଧ ନହୋଇ
ପସନ୍ଦକର ରହିବାକୁ ଗୋପନୀୟ ଗୁମାନ ଗୁମ୍ଫାରେ
ଯେଉଁଠିକୁ ଏକ କଳ୍ପିତ ପ୍ରେମପକ୍ଷୀର କଳରବ ଛଡ଼ା
ଅନ୍ୟମାନଙ୍କର ପ୍ରବେଶ ନିଷେଧ ।

ବାସ୍ତବରେ ତୁମକୁ କଣ କେହି ସଜେଇପାରିବ
କମକୁଟ ସିଙ୍ଗାର ସଂଲଗ୍ନ ସହଜ ଶବ୍ଦର ଗୁମୁଟ ଭିତରେ
ତୁମକୁ କଣ କିଏ ଦେଖି ପାରିବ
ଅଦ୍ଭୁତ ନକ୍ସାର ନଖଦର୍ପଣରେ
ତେଣୁ ତ କହିବି ....
'ଅଛିଣ୍ଡା ପଦର ନାୟିକା ତୁମେ
ଅଷ୍ଟମ ଋତୁର ଛାଇ
ଅନାବିଷ୍କୃତ ଭାଷାର ପରିଭାଷାଟିଏ
ଭାବ ଯାର ଖର ନଈ' ।

ତୁମେ ବର୍ତ୍ତମାନକୁ ମାଡ଼ିଆସିଥିବା
ଅତୀତର ଏକ ଆୟୁଷ୍ମତି ଲାଜକୁଳି ଲତା
ଯାହାର ମୁଦିହେଇଯିବା ମାନେ ନୁହେଁ ଆତ୍ମସମର୍ପଣ
ବରଂ ଅସ୍ତିତ୍ୱକୁ ଆକାରଦେଇ, ପ୍ରେମକୁ ପ୍ରବନ୍ଧ କରି
ଆଗତକୁ ସ୍ୱାଗତ କରିବାର ପ୍ରାକ୍ ପ୍ରସ୍ତୁତିର
ଏକ ନିରବ ମନ୍ଥନର
ମର୍ମସ୍ପର୍ଶୀ ପ୍ରେରଣାଦାୟୀ ପ୍ରେମତତ୍ତ୍ୱଟିଏ ।

ତୁମ ହସରେ ଯୁଦ୍ଧ ଓ ଯମୁନା
ତୁମ ଆଖିରେ ସମୁଦ୍ର ଓ ଅପେକ୍ଷାର ପୋତ
ତୁମ ଓଠରେ ନିରବତାର କାବ୍ୟିକ କୁହାଟ
ତୁମେ ଏକ ଅନାମିକା ଦେହଦ୍ୱୀପର ସଂଯତ ସ୍ୱପ୍ନଭରା ରାତ୍ର ।

ବରଂ ତୁମକୁ ନେଇ କଦାପି ନଲେଖାଯାଉ କବିତାଟିଏ
ତୁମର ଭାବନାର ସ୍ଥିତପ୍ରଜ୍ଞା କାନ୍ଥମାନଙ୍କରେ
ମୁଁ ସଜାଉଥାଏ ଅନ୍ୟାନ୍ୟ ଚାଲୁ କବିତାମାନଙ୍କର
ବିବିଧ ଚିତ୍ରମାଳା
ତୁମରି ସହଜାତ ରହସ୍ୟମୟୀ ସ୍ନିଗ୍ଧ ଭାବନାରେ ।

ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦

# ବୋଉ ବିନା ଜହ୍ନରାତି

ଶରତ କୁମାର ଦାସ

ବୋଉ ମୋ ଶେଷହୀନ
ଲୋଡ଼ାପଣର ଅସହ୍ୟ ଯନ୍ତ୍ରଣା,
ମୋ ବିଦଗ୍ଧ ପ୍ରାଣର ଶାଶ୍ୱତ ପ୍ରେରଣା
ଯେତେକଥା ରହିଗଲା ବାକି ତା ସହ
ସେ ତାହର ଏକ ସୂକ୍ଷ୍ମ ବୁଝାମଣା ।

ମୋ ଅସରନ୍ତି ଅତୁଟ ବିଶ୍ୱାସର ସେ
ଓଦାଓଦା ମୁଠାଏ ଶୁକ୍ଳପକ୍ଷ,
ତା' ମିଠାମିଠା ଚେନାଏ
ଆଲୋକିତ ନିଃଶ୍ୱାସରେ
ଚେଇଁଉଠେ ମୋ ଜୀବନର ସୀମାହୀନ
ସୁପ୍ତ ଓ ନିଃସଙ୍ଗ କୃଷ୍ଣପକ୍ଷ ।

ବୋଉ ମିଠାମିଠା ଶୀତଳ ଜ୍ୟୋସ୍ନାର
ମୁଠାମୁଠା କଅଁଳ ପରଶ ,
ବିନା ବର୍ଷାରେ ଭିଜାଇଦିଏ
ତା ମଧୁର ଛୁଆଁର ଅମ୍ଳାନ ଆଶ୍ଲେଷ ।

ଅଣଚାଶ ପବନକୁ ଫୁ' କରିପାରୁଥିବା
ସେ ସଦା ପ୍ରଜ୍ୱଳିତ ଝଲମଲ ଦୀପଶିଖା,
ତା' ପଣତକାନିର ଖଣ୍ଡୁଆପାଟ
ମୋ ପାଇଁ କାଳକାଳର ଅନନ୍ତ ସୁରକ୍ଷା ।

ତା' 'ଧୋରେ ବାଇୟା ଧୋ' ଲୋରିରେ
ଶୋଇପଡ଼େ ଖୁବ ସନ୍ତର୍ପଣେ
କଅଁଳା ବାଛୁରୀ ପରି
ରଡ଼ିକରୁଥିବା ଚାରିଖଣ୍ଡ ମେଘ,
ହାତପାଆନ୍ତାରେ ଖେଳେ ପୁନେଇଁର ଜହ୍ନ
ସତରେ ନିଆରା ତା ଆବେଗ ଓ ସ୍ପନ୍ଦନ ।

ସେ ପା' ଚକମକ ଦିଶୁଥିବା ଅଭଙ୍ଗା ଦର୍ପଣ
ମୋ ନଜର ପହଁରିଯାଏ ଯେବେ
ମୋତେ ଲାଗେ ତା ଦେହର ଶିରାପ୍ରଶିରାରେ
କାହିଁ କୋଉ ଯୁଗରୁ ଖୁନ୍ଦିହୋଇରହିଛି
ଅସୁମାରୀ ଜ୍ଞାନ ଓ ଜୀବନ-ଦର୍ଶନ ।

ଆଜି ମୋ ବୋଉ ନାହିଁ ଏ ପୃଥିବୀରେ
ଝଟକୁଛୁ ତାରାହୋଇ ଆକାଶ ଛାତିରେ,
ହେଲେ, ମୋ ଆଖିରେ ପହଁରୁଛି
ଅସରା ଲୁହର ଧାର ,
ଆଗପରି ଆଉ ସାଗର ଗାଉନି ଗୀତ
ବାଉଳା ହେଉନି ନଈ, କେବଳ
ନିରବରେ ଆଁ' କରି ଚାହିଁଛି ଶୂନ୍ୟକୁ ଯାହା
ବିଶାଳ ଏକ ଶୂନ୍ୟସ୍ଥାନର ବିଖଣ୍ଡିତ ରୂପ ।

ଠିକ ମୁଁ ବୁଝୁପାରୁଛି ଆଜି
ବୋଉ ବିନା ଏ ଜହ୍ନରାତି କେତେ ରୁକ୍ଷ
କେତେ ନିଃସ୍ୱ, କେତେ କ୍ଲାନ୍ତ,
କେତେ ବେଦନାବିଧୂର ;
ଦେଖିବ ଯେବେ ତ ଆସ
ଚକମକ ଆଲୁଅରେ କେମିତି ଖେଳୁଛି ଦୋଳି
ଖଣ୍ଡଖଣ୍ଡ ବହଳ ଅନ୍ଧାର; ପୁଣି କେମିତି
ଜଳୁଛି ଏବେ ମୋ ପଳାସ ଫୁଲର ନଅର ।





ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

# ମୌସୁମୀର ଜୟଗାନ

ଆଦ୍ୟାଶା ମହାପାତ୍ର

ବରଷକ ପରେ ମୌସୁମୀ ଆସିଛି ମାଟି ମନ ମହକଇ
ଋତୁଚକ୍ରର ପରିବର୍ତ୍ତନକୁ ସେ' ରହିଥିଲା ସତେ ଚାହିଁ,
ଜଳଦ ବିନ୍ଦୁର ଶୀତଳ ପରଶେ ଘୁଞ୍ଚିଅଛି ମନସ୍ତାପ
ଊଷର ଧୂସର ଧରିତ୍ରୀ ସ୍ୱପ୍ନରେ ଅଙ୍କିତ ଖୁସି ଚିତ୍ର ।।



ଚୋରାଇ ନେଇଛି ସନ୍ତର୍ପଣରେ ଜୀବଜଗତର ଲୁହ
ବିଧୁର ବିବ୍ରତ ହୃଦୟେ ରୋପିଛି ଜୀଜୀବିଷାର ମୋହ,
ବରଷା ସାନ୍ନିଧ୍ୟେ କ୍ଷେତ ବଗିଚାରେ ସ୍ୱପ୍ନରାଜି ଅଙ୍କୁରିତ
ଭୁଲି ଅବସୋସ ଗୁଣୁଗୁଣୁ ସ୍ୱରେ ଚାଷୀ ଖୁସିରେ ଆର୍ଦ୍ରିତ ।।



ମେଣ୍ଟାଇଛି ଆଶା କୂପ ତଡାଗର ଚାତକ ପକ୍ଷୀର ଶୋଷ
ତଟିନୀ ଓଠରେ ଭରିଛି ଉଲ୍ଲାସ ଭୁଲିଛି ସେ ଅବସୋସ,
କ୍ଷେତ ଖମାରରେ ପର୍ବତ କାନନେ ଖେଳାଇଛି ସବୁଜିମା
ପ୍ରକୃତି ପ୍ରାଣରେ ଭରିଛି ପୀୟୂଷ ପୁଲକିତ ଭୂମି ଭୂମା ।।

ଲାଗେ ଏଲନିନୋ ନିଃସ୍ୱ ନିଃସହାୟ ନିଃସନ୍ଦେହେ ହୀନିମାନ
ଏବେ ଚଉଦିଗେ ଶୁଭେ ମହନୀୟ ମୌସୁମୀର ଜୟଗାନ ।।



ନୂଆପଡା, କଟକ

# ଧରାରେ ଆସିଛି ବର୍ଷା

ଜୟଶ୍ରୀ ପଟ୍ଟନାୟକ

ନବ ସୁଷମାରେ ବିମଣ୍ଡିତ ହୋଇ
ଧରାରେ ଆସିଛି ବର୍ଷା
ରିମ ଝିମ ଗୀତ ଗାଇ ଆହ୍ଲାଦରେ
ମାଟିକୁ କରେ ସରସା
ମେଘ କୋଳେ ଦେଖି ଚପଳା ସୁନ୍ଦରୀ
ଗ୍ରୀଷ୍ମର ଉଡଇ ହଂସା ।୧

ଆକାଶ ଅଙ୍ଗନେ କଳାମେଘ ସାଥେ
ସୂରୁଯର ଲୁଚକାଳି
କନକରଶ୍ମିରେ ଇନ୍ଦ୍ରଧନୁ ସାଜି
ସାତରଙ୍ଗ ହୁଏ ବୋଲି
ବୋଇତ ପରିକା ମେଘ ଖଣ୍ଡ ଭାସି
କରଇ ମନକୁ ହର୍ଷା ।୨

ବକ ପଂକ୍ତି ଉଡି କୃଷ୍ଣ ବାଦଲରେ
ଅଭ୍ର ଖଣ୍ଡ ପ୍ରାୟ ଦିଶେ
ଶୀତାଂଶୁ ପାଳଇ ଚାନ୍ଦ୍ରାୟଣ ବ୍ରତ
ମୁଖ ତା ବିଷର୍ଣ୍ଣ ଦିଶେ
ନିଷ୍ପ୍ରାଣ ବନାନୀ ପ୍ରାଣ ସଂଚାରରେ
ଦିଏ ଆଶାକୁ ଭରସା ।୩

କୁଳୁ କୁଳୁ ନାଦରେ କ୍ଷୀଣାଙ୍ଗୀ ବାରି
ଝରିଯାଏ ଆନନ୍ଦରେ
ପୂର୍ଣ୍ଣଗର୍ଭା ହୁଏ ତଟିନୀ ତଡାଗ
ଡାହୁକ ରାବେ କୁରେ
ସାଧବବୋହୂଟି ଶ୍ୟାମ ଦୂର୍ବାଦଳେ
ଲାଗଇ ସତେ ଷୋଳଶା । ୪

ବରଷା ପାଣିରେ ଭିଜି ନାଚି ଗାଇ
କାଗଜ ଡଙ୍ଗା ଭସାଇ
ଖୁସିରେ ଫୁଟାନ୍ତି ପାଣିଫୋଟକାକୁ
ଚାଳ ଓଳି ତଳେ ଥାଇ
ପୁଷ୍ପ ସମ୍ଭାରରେ ଉଦ୍ୟାନ ବାଟିକା
କରଇ ମନ ଉଲ୍ଲସା ।୫



ଭୁବନେଶ୍ୱର
ଗଙ୍ଗନଗର

# ଜଣେ ଭିକାରୀ

ମନୋଜ କୁମାର ବେହେରା

ତାକୁ ମୁଁ ଦେଖିଲି ହାତରେ ଚପଲ
ଆଣ୍ଟୁରେ ପ୍ଲାଷ୍ଟିକର ଥଳି
ଆଉ ପାଦରେ କିଛି ପିନ୍ଧି ନଥିଲା ସେ
ଦ୍ୱିପହରର ତିନିଟା ବାଜିଥିଲା
ଜଳୁଥିବା ସଡକକୁ ପାର କରିକି !
ମୁଁ ତା' ପାଖକୁ ଚାଲିଲି
ଆଉ ମୁଁ ସ୍କୁଟରକୁ ଅଟକେଇଲି
ପିଏଇବାକୁ ଚାହିଁଲି ଲେମ୍ବୁ ସରବତ
କିନ୍ତୁ ସେ ମନା କରିଦେଲା..
ମନା କରିବା ପାଇଁ ଯେତେବେଳେ ସେ
ନିଜର ହାତକୁ ଯୋଡିଲା ଆଉ ତା'ର
ଚପଲ ଯୋଡି ହୋଇଗଲା ପରସ୍ପରରେ
ମୁଁ ଯୋଡି ହୋଇଥିବା ହାତରେ ତାକୁ
ନମସ୍କାର କଲି ।
ମୁଁ ପଚାରିଲି ନାହିଁ କେଉଁଠି ରହୁଛ !
ଆଉ କ'ଣ କରୁଛ !
ମୁଁ କେବଳ ଏତକି ପଚାରିଲି
ହାତରେ ପିନ୍ଧିବା ପାଇଁ ଭଲ ଚପଲ
ଯଦି ଦରକାର ତା'ହେଲେ ମୁଁ ଦେବି ?
ଏହା ଶୁଣି ସେ ମୋତେ ଦେଖିଲା
ଦୁଇଟା ଆଶୀଷ ଭରା ଆଖିରେ କିଛି
କହିଲା ନାହିଁ ଖାଲି ଏହା ବ୍ୟତୀତ
ଏବେ ଦୁଇ ଯୋଡା ସ୍ଲିଲର ପଡି ରହିଛି ବାବୁ !
ସରକାରଙ୍କୁ ଆମେ ଦୁହେଁ ଜାଣିଛେ
କିନ୍ତୁ ଜାଣିକି ମଧ୍ୟ ଆମେ ଦୁହେଁ ଜାଣିନେ,
ଏନ.ଜି.ଓକୁ ଆମେ ଦୁହେଁ ଜାଣିଛେ
କିନ୍ତୁ ଜାଣିକି ମଧ୍ୟ ଆମେ ଦୁହେଁ କିଛି ଜାଣିନେ ।
ବଡ-ବଡ ସଂସ୍ଥାକୁ ଆମେ ଦୁହେଁ ଜାଣିଛେ
କିନ୍ତୁ ଜାଣିକି ମଧ୍ୟ ଆମେ ଦୁହେଁ କିଛି ଜାଣିନେ ।
ସେ ମୂର୍ଖ ନଥିଲା
ସେ ମୋ ସାମ୍ନାରେ ଭାବୁକ ହୋଇ
କାନ୍ଦିବାକୁ ଲାଗିଲା..
ମୁଁ ମଧ୍ୟ ଏତେ ଗମ୍ଭୀର ହୋଇ ନଥିଲିକି
ନିଜ ପର୍ସରେ ଥିବା ସବୁ ଟଙ୍କା ତା ଉପରେ
ଉଡେଇଦେବି ।
ତାକୁ ଜଣା ଥିଲା ତା'ର ଭାଗ୍ୟ ଖରାପ..
ମୋତେ ଜଣାଥିଲା ମୋ ଭାଗ୍ୟ ଭଲ ଅଛି ।
ଏହି ଦେଖା ସାକ୍ଷାତ ଦୁଇ ବୁଦ୍ଧିମାନ
ଲୋକଙ୍କର ସାକ୍ଷାତ ଥିଲା ।
ଏଥିରେ ଲୁହ,ଗାଳି,ପଇସା ଆଉ ସାହାଯ୍ୟର
ସୁଯୋଗ ପ୍ରାୟ ନା' ର ବରାବର ଥିଲା ।
ତାକୁ ଭିକ ମାଗିବାକୁ ଯିବାର ଥିଲା

ମୋତେ କଲେଜରୁ ଘରକୁ ଫେରିବାର ଥିଲା ।
ତା'ର ଦିନ ଏବେ ଆରମ୍ଭ ହେଲା
ମୋର ଦିନ ଏବେ ସମାପ୍ତ ହୋଇ ଯାଇଥିଲା ।
ତାକୁ ଶହେ-ଦୁଇ ଶହ ଟଙ୍କା କମେଇବାକୁ ଥିଲା
ମୁଁ ପନ୍ଦର ଶହ ଟଙ୍କା କମେଇ କରି ଆସୁଥିଲି ।
ଘରେ ଆସିକରି ମୁଁ ସ୍ତ୍ରୀକୁ କହିଲି
ଟିକିଏ ଲେମ୍ବୁ ପାଣି ଦେବ !
ଗୋଟିଏ ଗୋଟିଏ ଢୋକର ସହିତ
ମୁଁ ପିଇ ଚାଲିଲି ତା'ର ଚେହେରାକୁ ଦେଖି
ତା'ର ଚପଲ ଦେଖିବାକୁ ଲାଗୁଥିଲା ଲଗାତାର
ଖଟ-ଖଟ-ଖଟର ଶବ୍ଦ ଆସୁଥିଲା
ପ୍ରତ୍ୟେକ ଢୋକରେ.. ।

ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍, ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨ ଫୋନ୍-୭୯୭୮୮୩୦୬୧୧

# ଟି-୨୦ର ନୂଆ 'ରେକର୍ଡ କିଙ୍ଗ୍' ହେବେ ବୈଭବ ସୂର୍ଯ୍ୟବଂଶୀ : ଜୋସ୍ ବଟଲର



**ନୂଆଦିଲ୍ଲୀ**

ଜୋସ ବଟଲର ଟି-୨୦ କ୍ରିକେଟ ଇତିହାସର ସବୁଠାରୁ ବଡ଼ ରେକର୍ଡ ନିଜ ନାମରେ କରିଛନ୍ତି । ୱେଲ୍ସ ଫାୟାର ବିପକ୍ଷ ମ୍ୟାଚ୍‌ରେ ମାଞ୍ଚେଷ୍ଟର ସୁପର ଜାୟାଣ୍ଟସ ପକ୍ଷରୁ ଖେଳି ବଟଲର ୫୧ ରନର ବିସ୍ଫୋରକ ଇନିଂସ ଖେଳିଥିଲେ । ଏହି ପାରି ସହ ସେ କିରନ ପୋଲାର୍ଡଙ୍କ ରେକର୍ଡକୁ ପଛରେ ପକାଇ ଟି-୨୦ କ୍ରିକେଟରେ ସର୍ବାଧିକ ରନ ସଂଗ୍ରହ କରିଥିବା ବ୍ୟାଟର ହୋଇଛନ୍ତି ।

ବର୍ତ୍ତମାନ ଜୋସ ବଟଲରଙ୍କ ନାମରେ ଟି-୨୦ କ୍ରିକେଟରେ ୧୪,୮୩୩ ରନ ରହିଛି । ଏହି ଐତିହାସିକ ସଫଳତା ପରେ ସେ ଏପରି ଏକ ବୟାନ ଦେଇଛନ୍ତି, ଯାହା ସୋସିଆଲ ମିଡିଆରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି । ବଟଲର କହିଛନ୍ତି ଯେ, ଭବିଷ୍ୟତରେ ବୈଭବ ସୂର୍ଯ୍ୟବଂଶୀ ତାଙ୍କ ଏହି ରେକର୍ଡ ଭାଙ୍ଗିପାରନ୍ତି ।

ଟି-୨୦ କ୍ରିକେଟରେ କିରନ ପୋଲାର୍ଡଙ୍କ ନାମରେ ୧୪,୮୦୩ ରନ ଥିଲା । ବଟଲର ତାଙ୍କଠାରୁ ମାତ୍ର ୨୨ ରନ ପଛରେ ଥିଲେ । ୱେଲ୍ସ ଫାୟାର ବିପକ୍ଷ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରି ସେ ପୋଲାର୍ଡଙ୍କୁ ପଛରେ ପକାଇ ଟି-୨୦ ଇତିହାସର ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର ହୋଇଛନ୍ତି ।

ଇତିହାସ ରଚିବା ପରେ ବଟଲର କହିଥିଲେ, "ଟି-୨୦ କ୍ରିକେଟରେ ସମସ୍ତଙ୍କଠାରୁ ଅଧିକ ରନ ମୋ ନାମରେ ଥିବା କଥା ଭାବିଲେ ବହୁତ ଭଲ ଲାଗେ । ଦିନେ ନା ଦିନେ କେହି ନା କେହି ଏହି ରେକର୍ଡ ଭାଙ୍ଗିବେ, ଆଉ ମୋର ମନେ ହେଉଛି ସେହି ନାମ ବୈଭବ ସୂର୍ଯ୍ୟବଂଶୀ ହୋଇପାରେ ।"

# ଫେବୃୟାରୀରୁ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ, ଖେଳିବେ ୧୦ ଟିମ୍

**ଦୁବାଇ**

ଆସନ୍ତା ବର୍ଷ ଆୟୋଜିତ ହେବ ଦିନିକିଆ ବିଶ୍ୱକପ୍ । ଏହା ପୂର୍ବରୁ ଆଇସିସି ଏକ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବ । ଆସନ୍ତା ଫେବୃୟାରୀ ୨୨ ତାରିଖରୁ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ମାର୍ଚ୍ଚ ୨୩ ତାରିଖରେ ଶେଷ ହେବ । ମୋଟ୍ ୧୦ଟି ଦଳକୁ ନେଇ ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳ ବିଶ୍ୱକପ୍‌କୁ ସିଧା ସଳଖ ଯୋଗ୍ୟତା ଅର୍ଜନ କରିବ । ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ଦଖଲ କରିଥିବା ଦଳ ବିଶ୍ୱକପ୍‌ର ପ୍ରଥମ ରାଉଣ୍ଡ ଖେଳିବେ । ଏହି ରାଉଣ୍ଡର ନାମ ରଖା ଯାଇଛି ସୁପର ସିରିଜ । ସୁପର ସିରିଜର ଚାମ୍ପିଅନ ଦଳ ବିଶ୍ୱକପ୍‌ର ମୁଖ୍ୟ ଡ୍ର'ରେ ପ୍ରବେଶ କରିବେ ।

ଏଥର ବିଶ୍ୱକପ୍ ପାଇଁ ପ୍ରସ୍ତୁତ କରାଯାଇଥିବା ଫର୍ମାଟ୍ ଅନୁଯାୟୀ ମୋଟ୍ ୧୪ଟି ଦେଶ ବିଶ୍ୱକପ୍‌ରେ ଭାଗ ନେବେ । ମାନ୍ୟତା ତାଲିକାର ୧ରୁ ୧୦ ମଧ୍ୟରେ ରହିଥିବା ଦଳ ସିଧା ସଳଖ ବିଶ୍ୱକପ୍ ଟିକେଟ୍ ହାସଲ କରିବେ । ବାକି ୪ଟି ଦଳ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରୁ ବିଶ୍ୱକପ୍‌ରେ ପ୍ରବେଶ କରିବେ ।

ବିଶ୍ୱକପ୍‌ର ୧୪ତମ ସଂସ୍କରଣକୁ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବିୟା ମିଳିତ ଭାବେ ଆୟୋଜନ କରୁଛନ୍ତି । ମୋଟ୍ ୧୪ଟି ଦଳକୁ ନେଇ ବିଶ୍ୱକପ୍ ଆୟୋଜନ କରାଯିବ । ଏଥର



ବିଶ୍ୱକପ୍‌ରେ ମୋଟ୍ ୫୭ଟି ମ୍ୟାଚ୍ ରହିଛି । ୩ ଆୟୋଜକ ଦେଶର ୮ଟି ସହରରେ ସମସ୍ତ ମ୍ୟାଚ୍ ଆୟୋଜନ କରାଯିବ । ଦକ୍ଷିଣ ଆଫ୍ରିକାର ୮ଟି, ଜିମ୍ବାୱେର ୩ଟି ଓ ନାମିବିୟାର ଗୋଟିଏ ଷ୍ଟାଡ଼ିୟମରେ ଖେଳାଯିବ ସମସ୍ତ ମ୍ୟାଚ୍ ।

୧୦ଟି ଦଳକୁ ନେଇ ଯୋଗ୍ୟତା ପର୍ଯ୍ୟାୟ ଖେଳାଯିବ । ଚାମ୍ପିଅନ ଦଳ ସିଧା ସଳଖ ମୁଖ୍ୟ ଡ୍ର'କୁ ଉନ୍ନୀତ ହେବେ । ମୁଖ୍ୟ ଡ୍ର'ରେ ଦଳ ସଂଖ୍ୟା ୧୧ରେ ପହଞ୍ଚିବ । ଏହାପରେ ୩ଟି ପର୍ଯ୍ୟାୟରେ ବିଶ୍ୱକପ୍ ଖେଳାଯିବ । ଯୋଗ୍ୟତା ପର୍ଯ୍ୟାୟରେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ଦଖଲ କରିଥିବା ୩ଟି ଦଳ ମଧ୍ୟରେ ଏକ ସୁପର ସିରିଜ ଖେଳାଯିବ । ବିଜୟୀ ଦଳ ମୁଖ୍ୟ ଡ୍ର'ରେ ପ୍ରବେଶ କରିବେ । ମାନ୍ୟତାର ୧ରୁ ୧୧ ମଧ୍ୟରେ ରହିଥିବା ଦଳଗୁଡ଼ିକ ସହ ସୁପରସିରିଜ୍ ବିଜେତା ଯୋଗ ଦେବେ । ୧୨ଟି ଦଳକୁ ୨ଟି ଗ୍ରୁପ୍‌ରେ ଭାଗ କରାଯିବ । ପ୍ରତି ଗ୍ରୁପ୍‌ରେ ୬ଟି ଲେଖାଏଁ ଦଳ ରହିବେ ।

ରାଉଣ୍ଡ ରବିନ ଫର୍ମାଟରେ ଗ୍ରୁପ୍ ପର୍ଯ୍ୟାୟ ଖେଳାଯିବ । ଉଭୟ ଗ୍ରୁପ୍‌ରୁ ଶ୍ରେଷ୍ଠ ୩ଟି ଲେଖାଏଁ ଦଳ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବେ । ଏମାନଙ୍କ ସହ ଶ୍ରେଷ୍ଠ ଚତୁର୍ଥ ସ୍ଥାନରେ ରହିଥିବା ଦଳ ମଧ୍ୟ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିବ । ଫଳରେ ମୋଟ୍ ୭ଟି ଦଳକୁ ନେଇ ସୁପର ସେଭେନ ରାଉଣ୍ଡ ଖେଳାଯିବ । ଏହି ରାଉଣ୍ଡରେ ମୋଟ୍ ୨୧ଟି ମ୍ୟାଚ୍ ରହିଛି । ଶେଷରେ ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲରେ ପ୍ରବେଶ କରିବେ ।

# ଜାତୀୟ କନିଷ୍ଠ ହକି : ଫାଇନାଲ୍‌ରେ ଓଡ଼ିଶା

**କୋଏମ୍ବାଟୁର**

ଏଠାରେ ଚାଲିଥିବା ଜାତୀୟ କନିଷ୍ଠ ପୁରୁଷ ହକି ପ୍ରତିଯୋଗିତାର ଫାଇନାଲ୍‌ରେ ଓଡ଼ିଶା ପ୍ରବେଶ କରିଛି । ଗୁରୁବାର କଡ଼ା ସଂଘର୍ଷପୂର୍ଣ୍ଣ ସେମିଫାଇନାଲ୍‌ରେ ଓଡ଼ିଶା ୬-୪ ଗୋଲ୍‌ରେ ପଞ୍ଜାବକୁ ପରାସ୍ତ କରିଛି । ମ୍ୟାଚ୍‌ର ସପ୍ତମ ଓ ଅଷ୍ଟମ ମିନିଟ୍‌ରେ ପଞ୍ଜାବ ଲଗାତାର ୨ଟି ଗୋଲ୍ ଲଦି ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା । ଅମନଦୀପ ଓ ମନଦୀପ ସିଂହ ଏହି ଦୁଇ ଗୋଲ୍ କରିଥିଲେ । ୧୧ତମ ମିନିଟ୍‌ରେ ଆଲୋକ କୁଜୁରଙ୍କ ଗୋଲ୍‌ରେ ଓଡ଼ିଶା ପ୍ରଥମ କ୍ୱାର୍ଟରକୁ ୧-୨ରେ ଶେଷ କରିଥିଲା । ଦ୍ୱିତୀୟ କ୍ୱାର୍ଟରରେ ବିକ୍ରମ ଓରାମ (୨୮ ମିନିଟ୍)ଙ୍କ ଗୋଲ୍‌ରେ ସ୍ଥିତି ସମାନ କରିଥିଲା ଓଡ଼ିଶା ।

ତୃତୀୟ କ୍ୱାର୍ଟରରେ ଅଜୟ ପାଲ୍ (୩୪ ମିନିଟ୍)ଙ୍କ ଗୋଲ୍‌ରେ ପଞ୍ଜାବ ପୁଣି ଆଗୁଆ ହୋଇଯାଇଥିଲ । ୩୭ତମ ମିନିଟ୍‌ରେ ଅଧିନାୟକ ଦୀପକ ପ୍ରଧାନଙ୍କ ଫିଲ୍ଡ ଗୋଲ୍‌ରେ ସ୍ଥିତି ସମାନ ହୋଇଥିଲା । ୪୧ତମ ମିନିଟ୍‌ରେ ଓଡ଼ିଶାକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ବିକ୍ରମ ଓଡ଼ିଶାକୁ ଆଗୁଆ କରିଥିଲେ । ଏହାପର ମିନିଟ୍‌ରେ ଅମନଦୀପ (୪୨ ମିନିଟ୍) ବ୍ୟକ୍ତିଗତ ଦ୍ୱିତୀୟ ସଫଳତା ପାଇବା ସହ ସ୍ଥିତି ସମାନ କରିଥିଲେ । ୫୨ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ବିକ୍ରମ ହ୍ୟାଟ୍ରିକ୍ ଅର୍ଜନ କରିବା ସହ ଦଳକୁ ପୁଣି ଥରେ ଅଗ୍ରଣୀ ଦେଇଥିଲେ । ୫୯ତମ ମିନିଟ୍‌ରେ ସୁଜିତ ତିର୍କିଙ୍କ ଫିଲ୍ଡ ଗୋଲ୍‌ରେ ଓଡ଼ିଶା ୬-୪ରେ ବିଜୟ ବାନା ଉଡ଼ାଇଥିଲା ।

# ବିଶ୍ୱକପ୍ ଫୁଟବଲ ଫାଇନାଲରେ ପରାଜୟ ପରେ ଲିଗ୍ସ କପ୍‌ରେ ମେସିଙ୍କ ରେକର୍ଡ ଗୋଲ

**ନୂଆଦିଲ୍ଲୀ**

ଫିଫା ବିଶ୍ୱକପ୍-୨୦୨୬ ଫାଇନାଲରେ ସ୍ପେନଠାରୁ ପରାଜୟ ପରେ ଆର୍ଜେଣ୍ଟିନାର ଷ୍ଟାର ଫୁଟବଲ ତାରକା ଲିଓନେଲ ମେସି ପୁଣିଥରେ ନିଜର ଚମତ୍କାର ପ୍ରଦର୍ଶନ କରିଛନ୍ତି । ଆର୍ଜେଣ୍ଟିନାର ଷ୍ଟାର୍ ଫୁଟବଲର ଲିଓନେଲ ମେସି ବୁଧବାର ଲିଗ୍ସ କପ୍ ମ୍ୟାଚ୍‌ରେ ଇଣ୍ଟର ମିଆମି ପକ୍ଷରୁ ଖେଳିଥିଲେ । ଏଥିରେ ସେ ୨ଟି ଗୋଲ୍ ସ୍କୋର କରି ଆଟଲେଟିକୋ ସାନ୍ ଲୁଇସ୍ ବିପକ୍ଷରେ ୪-୨ ଗୋଲ ବ୍ୟବଧାନରେ ଇଣ୍ଟର ମିଆମିକୁ ବିଜୟୀ କରିଥିଲେ । ଏହି ବିଜୟୀ କରିବା ସହ ଟୁର୍ଣ୍ଣାମେଣ୍ଟ ଇତିହାସର ସର୍ବାଧିକ ଗୋଲ୍ ସ୍କୋର କରିବାର ରେକର୍ଡ ମେସିଙ୍କ ନାଁରେ ନାମିତ ହୋଇଛି ।



ବିଶ୍ୱକପ୍-୨୦୨୬ ଫାଇନାଲରେ ଆର୍ଜେଣ୍ଟିନା ସ୍ପେନ୍ ନିକଟରୁ ୦-୧ ଗୋଲ୍‌ରେ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା । ସେହି ପରାଜୟ ପରେ ଲିଗ୍ସ କପରେ ମେସିଙ୍କର ଏହା ପ୍ରଥମ ଗୋଲ ଥିଲା ।

ମ୍ୟାଚ୍‌ର ଚତୁର୍ଥ ମିନିଟରେ ଡେଭିଡ୍ ରୋଡ୍ରିଗେଜ୍ ହେଡର ମାଧ୍ୟମରେ ଆଟଲେଟିକୋ ସାନ୍ ଲୁଇସ୍‌କୁ ଆଗୁଆ କରାଇଥିଲେ । ତେବେ ୧୧ତମ ମିନିଟ୍‌ରେ ମେସି ଗୋଲ୍ କରି ସ୍କୋରକୁ ୧-୧ରେ ବରାବର କରିଥିଲେ । ପ୍ରଥମାର୍ଦ୍ଧ ଶେଷ ହେବା ପୂର୍ବରୁ ୪୪ତମ ମିନିଟ୍‌ରେ ସେ ନିଜର ଦ୍ୱିତୀୟ ଗୋଲ୍ କରି ଇଣ୍ଟର ମିଆମିକୁ ୨-୧ରେ ଆଗୁଆ କରାଇଥିଲେ ।

ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ରାଫା ଲୋରେଣ୍ଟେ, ସାନ ଲୁଇସ ପାଇଁ ଆଉ ଏକ ଗୋଲ୍ କରିଥିଲେ । ଅନ୍ୟପଟେ ଇଣ୍ଟର ମିଆମି ପକ୍ଷରୁ ଟେଲାସ୍କୋ ସେଗୋଭିଆ ଓ ଡିଫେଣ୍ଡର ମିକାଏଲ୍ ଗୋଟିଏ ଲେଖାଏଁ ଗୋଲ୍ କରି ଦଳକୁ ୪-୨ ଗୋଲ୍‌ରେ ବିଜୟୀ କରିଥିଲେ । ଏହି ବିଜୟ ସହ ଇଣ୍ଟର ମିଆମିର ଅପରାଜେୟ ଧାରା ବଜାୟ ରହିଛି । ଦଳ ଲଗାତର ୮ଟି ମ୍ୟାଚ ଜିତିବାର ରେକର୍ଡ କରିଛି ।

ମେସି ଦୁଇଟି ଗୋଲ୍ କରିବା ସହ ଲିଗ୍ସ କପ୍‌ରେ ତାଙ୍କର ମୋଟ ଗୋଲ୍ ସଂଖ୍ୟା ୧୪ରେ ପହଞ୍ଚିଛି । ଏହା ସହ ସେ ଲସ୍ ଆଞ୍ଜେଲେସ୍ ଏଫ୍‌ସିର ଡେନିସ୍ ବୁଆଙ୍ଗାଙ୍କ (୧୩ ଗୋଲ୍) ରେକର୍ଡକୁ ପଛରେ ପକାଇ ଟୁର୍ଣ୍ଣାମେଣ୍ଟ ଇତିହାସର ସର୍ବାଧିକ ଗୋଲ୍ ସ୍କୋରର ହୋଇଛନ୍ତି । ଲିଗ୍ସ କପରେ ବୋଙ୍ଗୋକୁହ୍ଲେ ହ୍ଲୋଙ୍ଗୱାନେ, କୁଚୋ ହର୍ଣ୍ଣାଣ୍ଡେଜ ଏବଂ ତାଇ ବାରିବୋଙ୍କ ନାମରେ ୭ଟି ଲେଖାଏଁ ଗୋଲ୍ ରହିଛି ।

# କନିଷ୍ଠ ମହିଳା ଏସିଆ କପ୍ ପାଇଁ ୧୮ ଜଣିଆ ଭାରତୀୟ ଦଳ ଘୋଷିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମିଡ୍‌ଫିଲ୍ଡର ଖାଇଦେମ୍ ସିଲେଇମା ଚାନୁଙ୍କ ନେତୃତ୍ୱରେ ଆଗାମୀ କନିଷ୍ଠ ମହିଳା ଏସିଆ କପ୍ ଲାଗି ୧୮ ଜଣିଆ ଦଳ ଘୋଷିତ ହୋଇଛି । ଚୀନ୍‌ର ମୋକ୍ୱିରେ ଚଳିତ ମାସ ୩୦ରୁ ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତା ଲାଗି ଘୋଷିତ ଏହି ଦଳରେ ଓଡ଼ିଶାରୁ ୩ ଜଣ ଗୋଲି ଏଞ୍ଜେଲ ହର୍ଷ ରାଣୀ ମିଞ୍ଜ, ଡିଫେଣ୍ଡର ପୂଜା ସାହୁ ଓ ମିଡ୍‌ଫିଲ୍ଡର ତନୁଜା ଟୋପ୍ପୋ ସ୍ଥାନ ପାଇଛନ୍ତି । ଏହି ମହାଦେଶୀୟ ପ୍ରତିଯୋଗିତା ଲାଗି ନୂଆ ମୁଖ୍ୟ ପ୍ରଶିକ୍ଷକ ଟିମ୍ ହ୍ୱାଇଟ୍‌ଙ୍କ ତତ୍ତ୍ୱାବଧାନରେ ଦଳ ପ୍ରସ୍ତୁତ ହୋଇଛି ।

ଭାରତୀୟ ଦଳ : ଗୋଲି-ନିଧି, ଏଞ୍ଜେଲ ହର୍ଷ ରାଣୀ ମିଞ୍ଜ, ଡିଫେଣ୍ଡର-ପୂଜା ସାହୁ, ସୁପ୍ରିୟା, ପୂଜା ମଲ୍ଲିକ, ପାର୍ବତୀ ଟୋପ୍ପୋ, ମଧୁ, ମିଡ୍‌ଫିଲ୍ଡର-ଖାଇଦେମ ସିଲେଇମା ଚାନୁ (ଅଧିନାୟିକା), ତନୁଜା ଟୋପ୍ପୋ, ବିନିମା ଧାନ୍, ରୋଶନୀ ଐନ୍ଦ, ଗୀତା ଯାଦବ, ଫରୱାର୍ଡ-ଲାଲରିନପୁଲି, ପୂର୍ଣ୍ଣିମା ଯାଦବ, ସୁଖବୀର କୌର, କ୍ରିଷ୍ଣା ଶର୍ମା, ସନିକା ଚନ୍ଦ୍ରକାନ୍ତ ମାନେ, ମଧୁ ସିଦାର । ଷ୍ଟାଣ୍ଡ ବାଇ-ଏଫ୍ ଲାଲ୍‌ବିକ୍‌ସିଆମି, ତନୁଶ୍ରୀ ଦିନେଶ କଦ୍ଦୁ ।

# ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ବରଗଡ଼ ସାଂସଦ : ୩ଟି ପ୍ରମୁଖ ଦାବି ଉପରେ ଆଲୋଚନା

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାରେ କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ ୧୨ ଲକ୍ଷ କେନ୍ଦୁପତ୍ର ଶ୍ରମିକ କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ, ବନ୍ଧେଇ ଶ୍ରମିକମାନଙ୍କ ପାଇଁ ଓଡ଼ିଶା ସରକାର ଯଥାକ୍ରମେ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ୨୫% ଓ ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକ ମାନଙ୍କ ପାଇଁ ୫% ବୋନସ୍ ଘୋଷଣା କରିଥିବାରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନୂଆଦିଲ୍ଲୀ ଗସ୍ତ ସମୟରେ ବରଗଡ଼ ଲୋକସଭା ସଦସ୍ୟ ତଥା କେନ୍ଦୁପତ୍ର ଶ୍ରମିକ ନେତା ପ୍ରଦୀପ ପୁରୋହିତ ଫୁଲଗୁଚ୍ଛ ପ୍ରଦାନ ପୂର୍ବକ ଓଡ଼ିଶାର ୧୨ ଲକ୍ଷ କେନ୍ଦୁପତ୍ର ଶ୍ରମିକମାନଙ୍କ ତରଫରୁ



ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । କେନ୍ଦୁପତ୍ର ଶ୍ରମିକମାନଙ୍କ ଆଉ କିଛି ମହତ୍ତ୍ୱପୂର୍ଣ୍ଣ ଦାବି ବିଷୟରେ ସାଂସଦ ଶ୍ରୀ ପୁରୋହିତ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ସିଜିନାଲ କର୍ମଚାରୀଙ୍କ ଦରମା ବୃଦ୍ଧି, ସିଜିନାଲ କର୍ମଚାରୀଙ୍କ ଅବସର ବୟସ ୬୫ ବର୍ଷ କରିବା, ସିଜି ୱାଚରମାନଙ୍କ ବକେୟା ଦରମା ବାବଦକୁ ୨କୋଟି ୫୦ ଲକ୍ଷ ପ୍ରଦାନ କରିବା, ଶ୍ରମିକମାନଙ୍କ ପୁଅ/ଝିଅଙ୍କୁ ଛାତ୍ର ବୃତ୍ତି ପ୍ରଦାନ ଓ ବିବାହ ସହାୟତା ଯୋଗାଇ ଦେବା ଆଦି ମୁଖ୍ୟ ଦାବି ଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଆସନ୍ତା କେନ୍ଦୁଲିଫ୍ ଡେଭଲପମେଣ୍ଟ ବୋର୍ଡ ବୈଠକରେ ଏ ସମସ୍ତ ବିଷୟ ଆଲୋଚନା କରାଯିବା ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଥିଲେ ।

# ପାକିସ୍ତାନୀ କ୍ରିକେଟରଙ୍କ ଉପରେ ଲାଗିଲା ୨ବର୍ଷର ବ୍ୟାନ୍

**ନୂଆଦିଲ୍ଲୀ**

ପାକିସ୍ତାନୀ କ୍ରିକେଟର ହମଜା ନଜରଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ । ପାକିସ୍ତାନ କ୍ରିକେଟ ବୋର୍ଡ଼ ତାଙ୍କ ବିରୁଦ୍ଧରେ କଡ଼ା ପଦକ୍ଷେପ ଉଠାଇ ୨ ବର୍ଷ ଲାଗି ବ୍ୟାନ୍ କରି ଦେଇଛି, ଏହାସହ ଜରିମାନା ବି ଲଗାଇଛି । ଏବେ ସେ ୨ବର୍ଷ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟ ବ୍ୟତୀତ ଘରୋଇ କ୍ରିକେଟରେ ବି ଭାଗ ନେଇପାରିବେ ନାହିଁ । ପ୍ରକାଶ ଯେ, ପିସିବି ଏହି ମାମଲାରେ ଏକ ଯାଞ୍ଚ ସମିତି କରିଥିଲା, ଯିଏ ହମଜାଙ୍କୁ ତାଙ୍କ ପକ୍ଷ ରଖିବା ଏବଂ ଜବାବ ଦେବାର ସୁଯୋଗ ଦେଇଥିଲେ । ବୋର୍ଡ଼ ଏହାକୁ ନେଇ ଷ୍ଟେଟ୍‌ମେଣ୍ଟ ଜାରି କରିଛି । ପିସିବି ନିଜର ଷ୍ଟେଟମେଣ୍ଟରେ କହିଛି କି ହମଜା ନଜରଙ୍କ ଉପରେ ସମସ୍ତ ଘରୋଇ ଏବଂ ଅନ୍ତର୍ଜାତୀୟ କ୍ରିକେଟ ଗିତିବିଧିରେ ଭାଗ ନେବାରେ ଦୁଇ ବର୍ଷର ବ୍ୟାନ୍ ଲଗାଇ ଦିଆଯାଇଛି । ତାଙ୍କ ଉପରେ ୧୦ଲକ୍ଷ ପାକିସ୍ତାନ ଟଙ୍କାର ଜରିମାନା ବି ଲଗାଯାଇଛି । ବୋର୍ଡ଼ ୩ ସଦସ୍ୟ ଭିତ୍ତିକ ଏକ ଯାଞ୍ଚ ସମିତି କରିଥିଲା ଯେଉଁମାନେ ହମଜାଙ୍କୁ ନିଜ ପକ୍ଷ ରଖିବା ଏବଂ ବିଚାରାଧିନ ମାମଲାରେ ଜବାବ ଦେବାକୁ ସୁଯୋଗ ଦେଇଥିଲେ । ତାଙ୍କ କଥା ଶୁଣିବା, ଉପଲବ୍ଧ ସୂଚନାର ସମୀକ୍ଷା କରିବା ଏବଂ ସମସ୍ତ ସମ୍ବନ୍ଧିତ ପରିସ୍ଥିତି ଉପରେ ବିଚାର କରିବା ପରେ ସମିତି ନିଜ ରିପୋର୍ଟ ଏବଂ ସୁପାରିସ ପାକିସ୍ତାନ କ୍ରିକେଟ ବୋର୍ଡ଼କୁ ଦେଇଛି ।


**OFFICE OF THE SUPERINTENDING ENGINEER** 34001/596/2627
**BHUBANESWAR (R&B) DIVISION NO II**
**BHUBANESWAR**
cerb2 bbsr@yahoo.com
**INVITATIONS FOR BIDS THROUGH e-Procurement**
**Bid Identification No-C.C. (R&B) - 02**
**e-Procurement Notice No. 06 of 2026-27**

The Superintending Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for **Two** Number **Electrical** works to be received in online bidding, **Single** cover system as detailed in: https://tendersorissa.gov.in. The details of bid documents will be available in the above website from **14.08.2026 at 11.00 Hours to Dt.24.08.2026 at 17.00 Hours.** The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of **25.08.2026** in the Office of the Superintending Engineer, Bhubaneswar (R&B) Division No-II, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum / Corrigendum, if required, will be available only in the Website.

Sd/- Superintending Engineer,
BBSR (R&B) Division No.II, BBSR
OIPR-34001/34088/1/26-27/0003

ବନଖଣ୍ଡ ଅଧିକାରୀ-ତଥା-ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, କଟକ ବନଖଣ୍ଡ, କଟକ
ଓଡ଼ିଶା ସରକାର GOVERNMENT of Odisha
**OFFICE OF THE DIVISIONAL FOREST OFFICER:KATAKA FOREST DIVISION**
**GHATAKULA:NUAPADA:MADHUPATANA:KATAKA-753010.**
**Off. Tel 06712957611 Control Room Tel :06712340343 Toll Free No.18003457473**
**E-mail ID:- dfocuttack2023@gmail.com**
**Tender Notice No-05 /1F-Dated 06.08.2026**
**TENDER CALL NOTICE**
8001/260/2627

Divisional Forest Officer, Kataka Forest Division invites sealed tenders from reputed intending Manufacturing Firms/Dealers/Suppliers having valid GSTIN and PAN Registration No. procurement of **Solar Street Light & Solar Fencing** for Kataka Forest Division. The Tender documents can be obtained by paying Rs.2,000/- towards cost of tender paper from the office of the undersigned in any working days from **10.08.2026.** The last date of receipt of Tender documents is **21.08.2026** at 05.00 P.M. in the office of the undersigned through Speed 'Post / Regd. Post / Courier and in no case it will be accepted beyond 05.00 PM. The Tender will be opened in the on **24.08.2026** at 12.00 Noon. The authority reserves the right to cancel or reject any or all quotations without assigning any reason thereof. Any legal dispute in future is subject to jurisdiction of Kataka only. The undersigned reserves the right to accept or reject any or all the tenders without assigning any reason thereof.

| | |
|---|---|
| Last Date Submission of Bids | 21.08.2026 till-05.00 PM |
| The Date of Opening of Tenders | 24.08.2026 AT 12.00 - NOON |

Sd/- Divisional Forest Officer,
Kataka Forest Division
OIPR-8001/8025/1/26-27/0004

NATIONAL HEALTH MISSION ଜାତୀୟ ସ୍ୱାସ୍ଥ୍ୟ ମିଶନ
**Office of the Superintendent CHC Baunsuni,** 10001/441/2627
**District-Boudh,PIN-762015**
**Advt. No.391 Date: 06/08/026**
**TENDER CALL NOTICE FOR HIRING OF VEHICLES FOR MOBILE HEALTH UNIT (MHU) FOR CHC Baunsuni**

Sealed tenders are invited from registered travel agencies / sole proprietor for hiring of commercial light vehicles on a **monthly basis.** Details regarding eligibility criteria, terms & conditions and the formats of submission of tender (Technical & Price bid) are mentioned in the tender document which may be downloaded from the website: **www.boudh.odisha.gov.in** Interested agencies sole proprietor may submit their tenders through **Registered / Speed Post** in a sealed envelope super-scribing on the top of the sealed envelope as "Tender for Hiring of Vehicles on Monthly Basis for MHU in reference to Advertisement No. 391 dtd. 06/08/2026. A pre-bid meeting shall be held on dt. 20/08/2026 at 11 AM at Baunsuni O/o the Superinten CHC Baunsuni. Any amendments in the tender document due to decision in the pre-bid meeting shall only be notified in the website mentioned above.
The tenders should reach the concerned office of the Superintendent CHC Baunsuni on or before dt 21/08/2026 The tenders will be opened at 11AM on dt 24/08/2024 The Superintendent of CHC reserves the right to reject any or all the tenders without assigning any reason thereof.

Sd/- Superintendent CHC
Baunsuni District-Boudh
OIPR-10001/10274/1/26-27/0003


# ଯାଜପୁର ଗସ୍ତରେ ସ୍ୱାସ୍ଥ୍ୟ ମନ୍ତ୍ରୀ : ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ପରିଚାଳନାର କଲେ ସମୀକ୍ଷା

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯାଜପୁର ଜିଲ୍ଲା ଗସ୍ତରେ ଆସି ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ଓ ଜନସ୍ୱାସ୍ଥ୍ୟ ପରିଚାଳନାର ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି । ଗସ୍ତ ଅବସରରେ ମନ୍ତ୍ରୀ ଡ. ମହାଲିଙ୍ଗ ପ୍ରଥମେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ମା'-ଶିଶୁ ୱାର୍ଡ ଏବଂ ଅନ୍ୟାନ୍ୟ ବିଭାଗ ବୁଲି ଦେଖିଥିଲେ । ସେଠାରେ ବନ୍ୟା ସମୟରେ ଉଦ୍ଧାର କରାଯାଇଥିବା ଗର୍ଭବତୀ ମା'ମାନଙ୍କ ସମେତ ଚିକିତ୍ସାଧୀନ ଅନ୍ୟ ରୋଗୀମାନଙ୍କ ସହ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ସମ୍ପର୍କରେ ସିଧାସଳଖ ପଚାରି ବୁଝିଥିଲେ । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାର ସ୍ୱାସ୍ଥ୍ୟସେବା, ରୋଗ ନିୟନ୍ତ୍ରଣ ବ୍ୟବସ୍ଥା



ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଅନୁଧ୍ୟାନ କରିଥିଲେ ।

ସମୀକ୍ଷା ବୈଠକରେ ମନ୍ତ୍ରୀ କହିଥିଲେ ଯେ ବନ୍ୟା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ବନ୍ୟା ଜଳ ଅପସାରଣ ପରେ ଝାଡ଼ାବାନ୍ତି (ଡାଇରିଆ), କଲେରା, ମ୍ୟାଲେରିଆ ଓ ଡେଙ୍ଗୁ ଭଳି ଜଳ ଓ ବାହକବାହିତ ରୋଗ ବ୍ୟାପିବାର ସମ୍ଭାବନା ଅଧିକ ଥାଏ । ଏହି ସମ୍ଭାବ୍ୟ ସଂକ୍ରମଣକୁ ରୋକିବା ପାଇଁ ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ମିଳିତ ଭାବେ 'ଆଗୁଆ ଯୋଜନା' ଏବଂ 'ବିସ୍ତୃତ ଯୋଜନା' ଆଧାରରେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।

ଏହି ଅବସରରେ ମନ୍ତ୍ରୀ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଉଦ୍ୟମକୁ ପ୍ରଶଂସା କରି କହିଥିଲେ ଯେ ବନ୍ୟା ସମୟରେ ୬୦ ଜଣ ଆସନ୍ନ ପ୍ରସବା ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୪୭ ଜଣ ସୁସ୍ଥ ମାତୃତ୍ୱ ଲାଭ କରିସାରିଥିବା ବେଳେ ୪୦ ଜଣ ହସ୍ପିଟାଲରୁ ଡିସଚାର୍ଜ ହୋଇସାରିଛନ୍ତି । ଏହାସହିତ ବନ୍ୟା ସମୟରେ ସର୍ପାଘାତ ରୋଗୀଙ୍କ ଚିକିତ୍ସା ପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତର ପର୍ଯ୍ୟନ୍ତ ଆଣ୍ଟି-ସ୍ନେକ୍ ଭେନମ୍ ଇଞ୍ଜେକସନ ଯୋଗାଇ ଦିଆଯାଇଛି ।

ପ୍ରଭାବିତ ଅଞ୍ଚଳରେ ଷ୍ଟପ୍ ଡାଇରିଆ ଅଭିଯାନ ସକ୍ରିୟ ଭାବେ କାର୍ଯ୍ୟ କରିବା ଆଶା, ଅଙ୍ଗନୱାଡ଼ି ଓ ସ୍ୱାସ୍ଥ୍ୟକର୍ମୀଙ୍କ ମାଧ୍ୟମରେ ଘରେ ଘରେ ସଚେତନତା ସୃଷ୍ଟି ପାନୀୟ ଜଳ ଫୁଟାଇ ପିଇବା, ଜଳ ଉତ୍ସ ଗୁଡିକର ନିୟମିତ ବିଶୋଧନ ଆବଶ୍ୟକୀୟ ଔଷଧର ପର୍ଯ୍ୟାପ୍ତ ମହଜୁଦ ସୁନିଶ୍ଚିତ କରିବା ସହ ମେଡିକାଲ ଟିମ୍‌କୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଜନ ଜୀବନର ସୁରକ୍ଷା ଏବଂ ସମ୍ମାନର ସହିତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର ବନ୍ୟା ପ୍ରଭାବିତ ଅଞ୍ଚଳରେ ଚାଲିଥିବା ରିଲିଫ୍, ଉଦ୍ଧାର କାର୍ଯ୍ୟ, ମେଡିକାଲ୍ ଟିମ୍ ନିୟୋଜନ, ହାଲୋଜେନ ବଟିକା, ଓ.ଆର.ଏସ୍. ବଣ୍ଟନ ଏବଂ ଜନସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀଙ୍କୁ ବିସ୍ତୃତ ସୂଚନା ଦେଇଥିଲେ । ବୈଠକରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡଃ. ରବୀନ୍ଦ୍ର ନାଥ ମିଶ୍ର, ସ୍ୱତନ୍ତ୍ର ସଚିବ, ଜନସ୍ୱାସ୍ଥ୍ୟ ଡଃ ବିଜୟ କୁମାର ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ, ଡଃ. ସୁବାଶିଷ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନଗେନ୍ଦ୍ର ନାଥ ମହାପାତ୍ର, ଏଡିଏମଓ ଡା. ରମେଶ ଚନ୍ଦ୍ର ମଲ୍ଲିକ, ବିଡିଓ, ତହସିଲଦାର ଏବଂ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଓ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଡାକ୍ତରମାନେ ଉପସ୍ଥିତ ଥିଲେ ।

# ମୟୂରଭଞ୍ଜରେ ବନ୍ୟା ପରିସ୍ଥିତିର ସମୀକ୍ଷା କଲେ ମନ୍ତ୍ରୀ ରବି ନାରାୟଣ ନାଏକ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାରେ ସାମ୍ପ୍ରତିକ ବନ୍ୟା ପରିସ୍ଥିତି ଓ ପରିଚାଳନାର ତଦାରଖ ପାଇଁ ଦୁଇଦିନିଆ ଜିଲ୍ଲା ଗସ୍ତରେ ଆସିଛନ୍ତି ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ. ବୁଧବାର ରାତିରେ ବାରିପଦା ସର୍କିଟ ହାଉସ ଠାରେ ରାତ୍ରିଯାପନ କରିବା ପରେ, ଗୁରୁବାର ପୂର୍ବାହ୍ନ ୧୦ଟାରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାରେ ବନ୍ୟା ପରିସ୍ଥିତି ଏବଂ କ୍ଷୟକ୍ଷତି ନେଇ ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଇରଙ୍ଗପୁର ବିଧାୟକ ଜଲେନ



ନାଏକ, ସାରସକଣା ବିଧାୟକ ଭାଦବ ହାଁସଦା, ବାଙ୍ଗରୀପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଜିଲ୍ଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ଏବଂ ସମସ୍ତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ଯେ, ଗତ ଜୁଲାଇ ୨୭ ଏବଂ ୨୮ ତାରିଖରେ ମୟୂରଭଞ୍ଜରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିର ସଠିକ ମୁକାବିଲା ସରକାର କରିଛନ୍ତି । ଆଗାମୀ ଦିନରେ ଯେପରି ଏଭଳି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ, ସେଥିପାଇଁ ରାଜ୍ୟର ୧୫ଟି ବନ୍ୟା ପ୍ରଭାବିତ ଜିଲ୍ଲା ପାଇଁ ସବିଶେଷ ଯୋଜନା ପ୍ରସ୍ତୁତ ପାଇଁ ବିଭିନ୍ନ ମନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଶିମିଳିପାଳ ଅଭୟାରଣ୍ୟରୁ ବୋହି ଆସୁଥିବା ଜଳରାଶି ଯୋଗୁଁ ତଳିଆ ଅଞ୍ଚଳଗୁଡ଼ିକ ଉପରେ ବ୍ୟାପକ ବର୍ଷାପାଣି ପ୍ରବାହିତ ହୋଇ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ଏହିସବୁ ସ୍ଥାନରେ ଉଚ୍ଚସ୍ତରୀୟ ପୋଲ ନିର୍ମାଣ କରାଗଲେ ବନ୍ୟା ସମସ୍ୟା ଦୂର ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି । ଏଥିସହିତ ପ୍ରଭାବିତ ଅଞ୍ଚଳଗୁଡ଼ିକର କ୍ଷତିଗ୍ରସ୍ତ ଫସଲ, ଭାଙ୍ଗିଯାଇଥିବା ଘର ଓ ବିଚ୍ଛିନ୍ନ ହୋଇଥିବା ରାସ୍ତାଘାଟର ସରଜମିନ ତଦାରଖ ପାଇଁ ମନ୍ତ୍ରୀ ଓ ପ୍ରତିନିଧି ମଣ୍ଡଳୀ କ୍ଷେତ୍ର ପରିଦର୍ଶନ କରିଛନ୍ତି । ପ୍ରତିବର୍ଷ ବନ୍ୟାରେ କଚାଘର ଭାଙ୍ଗିବା ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ, ପୂର୍ବତନ ସରକାରଙ୍କ ସମୟରେ ସଠିକ ସର୍ଭେ ଓ ତାଲିକା ଅଭାବରୁ ଅନେକ ଗରିବ ଲୋକ ପକ୍କା ଘର ପାଇବାରୁ ବଞ୍ଚିତ ହୋଇଥିଲେ । ବର୍ତ୍ତମାନର ସରକାର ୩୭ ଲକ୍ଷ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଘର ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି । ବର୍ତ୍ତମାନର ବନ୍ୟାରେ ଯେଉଁମାନଙ୍କ ଘର ଭାଙ୍ଗିଛି, ସେମାନଙ୍କୁ ତୁରନ୍ତ ଆବାସ ଯୋଜନା ଅନ୍ତର୍ଗତ ସହାୟତା ଯୋଗାଇ ଦିଆଯିବ । ସରଜମିନ ତଦାରଖ ଶେଷ ହେବା ପରେ ଜିଲ୍ଲା ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧିଙ୍କ ସହ ଆଲୋଚନା କରି ଏକ ସମ୍ପୂର୍ଣ୍ଣ ଆକ୍ସନ ପ୍ଲାନ ଓ ରିପୋର୍ଟ ରାଜ୍ୟ ସରକାରଙ୍କ ପାଖରେ ଦାଖଲ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାଏକ ସୂଚନା ଦେଇଛନ୍ତି ।

**32 YEARS**

**ସମ୍ବାଦ କଳିଙ୍ଗ**

ଭୁବନେଶ୍ୱର, ୦୭ ଅଗଷ୍ଟ ୨୦୨୬ ଶୁକ୍ରବାର





# ଏମ୍ସ ଭୁବନେଶ୍ୱରରେ ଶୀଘ୍ର ଯକ୍ଷ୍ମା ଚିହ୍ନଟ ଓ ନିରାକରଣ ଉପରେ ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ୟୁନିଭର୍ସାଲ ଡ୍ରଗ୍ ସସେପ୍ଟିବିଲିଟି ଟେଷ୍ଟିଂ (ୟୁଡିଏସ୍ଟି) କୁ ସୁଦୃଢ଼ କରିବା, ଡ୍ରଗ୍ ରେଜିଷ୍ଟାଂଟ୍ ଟିବି ର ପ୍ରାରମ୍ଭିକ ଚିହ୍ନଟରେ ଉନ୍ନତି ଆଣିବା, ଏବଂ ମଲିକୁଲାର ଡାଇଗ୍ନୋଷ୍ଟିକ୍ସ, ଜିନୋଟାଇପିକ୍ ପରୀକ୍ଷା, ଲକ୍ଷ୍ୟଭେଦୀ ପରବର୍ତୀ ପିଢ଼ିର ଅନୁକ୍ରମଣ (ଟିଏନ୍‌ଜିଏସ), ଡିଜିଟାଲ୍ ସ୍ୱାସ୍ଥ୍ୟ ବ୍ୟବସ୍ଥା, କୃତ୍ରିମ ବୁଦ୍ଧିମତା (ଏଆଇ) ଏବଂ ରିୟଲ୍ ଟାଇମ୍ ମନିଟରିଂରେ ନବସୃଜନର ଉପଯୋଗ, ଭାରତରେ ଟିବି ନିରାରକଣ ଅଭିଯାନକୁ ତ୍ୱରାନ୍ୱିତ କରିବା ନେଇ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି । ଏମ୍ସ ଭୁବନେଶ୍ୱର ଏବଂ ପଲିସି ରେଜିଲିଏନ୍ସ ଫାଉଣ୍ଡେସନ୍ (ପିଆର୍ଏଫ୍) ସହଯୋଗରେ ଏଠାରେ ଆୟୋଜିତ ଦୁଇଦିନିଆ ଜାତୀୟ କନକ୍ଲେଭ୍ ଏବଂ ଯକ୍ଷ୍ମା ଉପରେ ନୀତି ନିର୍ଦ୍ଧାରଣ ଆଲୋଚନାରେ ଅଂଶଗ୍ରହଣ କରି ଯକ୍ଷ୍ମା ବିଶେଷଜ୍ଞମାନେ ଏପରି ମତ ରଖିଛନ୍ତି । ଆଜିର ଉଦ୍ଘାଟନ ସମ୍ମିଳନୀରେ ଜାତୀୟ ଯକ୍ଷ୍ମା-ମୁକ୍ତ ଭାରତ ମିଶନରେ ଅବଦାନ ରଖିବା ସହିତ ଓଡ଼ିଶାରେ ଯକ୍ଷ୍ମା ନିବାରଣ, ଚିହ୍ନଟ, ଚିକିତ୍ସା ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟକ୍ଷମ ରଣନୀତି ଉପରେ ବିଚାରବିମର୍ଶ କରିବା ପାଇଁ ନୀତି ନିର୍ଦ୍ଧାରକ, ବୈଜ୍ଞାନିକ, ଚିକିତ୍ସକ, କାର୍ଯ୍ୟକ୍ରମ ଅଧିକାରୀ, ଗବେଷକ, ବିକାଶ ଅଂଶୀଦାର ଏବଂ ଜନସ୍ୱାସ୍ଥ୍ୟ ନିଷ୍ପତିକାରମାନେ ଏକତ୍ରିତ ହୋଇଥିଲେ । ଏହି ଅବସରରେ ଜାତୀୟ ଚିକିତ୍ସା ବିଜ୍ଞାନ ଏକାଡେମୀ (ନାମ୍ସ)ର ଅଧ୍ୟକ୍ଷ ଏବଂ ଖ୍ୟାତାନାମା ପଲ୍ମୋନୋଲୋଜିଷ୍ଟ ଡ. ଦିଗମ୍ବର ବେହେରା, ଯକ୍ଷ୍ମା ଏବଂ ଔଷଧ-ପ୍ରତିରୋଧୀ ଯକ୍ଷ୍ମା ରୋଗର ପ୍ରାରମ୍ଭିକ ଚିହ୍ନଟ ସହିତ ଜଡିତ ଆହ୍ୱାନଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ଭାରତରେ ବିଶ୍ୱର ସର୍ବାଧିକ ଯକ୍ଷ୍ମା ରୋଗୀ ବସବାସ କରୁଛନ୍ତି । ମାତ୍ର, ଔଷଧ-ପ୍ରତିରୋଧୀ ଯକ୍ଷ୍ମାକୁ ସଠିକ୍ ଭାବରେ ଚିହ୍ନଟ କରିବା ଏବଂ ସବୁଠାରୁ ପ୍ରଭାବଶାଳୀ ଔଷଧ ବ୍ୟବସ୍ଥା ନିର୍ଣ୍ଣୟ କରିବା ବର୍ତମାନ ମଧ୍ୟ ଏକ ଆହ୍ୱାନଭରା ବିଷୟ ହୋଇ ରହିଛି । ଟିବି ରୋଗର ତ୍ୱରିତ ଏବଂ ସଠିକ୍ ଚିହ୍ନଟ ପାଇଁ ବର୍ତମାନ ପ୍ରଚଳିତ ପ୍ରଯୁକ୍ତିବିଦ୍ୟା ପ୍ରାୟତଃ ପର୍ଯ୍ୟାପ୍ତ ନୁହେଁ । ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ଉନ୍ନତ ରୋଗ ନିର୍ଣ୍ଣୟ ପ୍ରଯୁକ୍ତିର ସଫଳ ପ୍ରୟୋଗ ଚିକିତ୍ସକମାନଙ୍କୁ ଉପଯୁକ୍ତ ଔଷଧ ପ୍ରଦାନ, ଚିକିତ୍ସା ଫଳାଫଳକୁ ଉନ୍ନତ କରିବା ଏବଂ ଯକ୍ଷ୍ମା ନିୟନ୍ତ୍ରଣ ପ୍ରୟାସକୁ ଉଲ୍ଲେଖନୀୟ ଭାବରେ ଦୃଢ଼ କରିବା ପାଇଁ ସକ୍ଷମ ହେବ ବୋଲି ଡ. ବେହେରା ପ୍ରକାଶ କରିଛନ୍ତି । ସମାବେଶକୁ ସମ୍ବୋଧିତ କରି, ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ ଯକ୍ଷ୍ମା ନିରାକରଣରେ ସହଯୋଗମୂଳକ ପ୍ରୟାସର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଏମ୍ସ ଭୁବନେଶ୍ୱର ଗବେଷଣା, ନବସୃଜନ, ଦକ୍ଷତା ବିକାଶ, ଏବଂ ନୀତିଗତ ସମର୍ଥନ ମାଧ୍ୟମରେ ଟିବି ନିରାକରଣ ପ୍ରୟାସକୁ ସମର୍ଥନ କରିଆସୁଛି । ଏହି ସମ୍ମିଳନୀ ତୃଣମୂଳସ୍ତରରେ ଥିବା ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟ କରିବା ଏବଂ ରୋଗ ନିର୍ଣ୍ଣୟ, ଚିକିତ୍ସା ପ୍ରଦାନ ଏବଂ ରୋଗୀ ଫଳାଫଳକୁ ସୁଦୃଢ଼ କରିବା ପାଇଁ ବ୍ୟବହାରିକ ସମାଧାନ ଅନୁସନ୍ଧାନ କରିବାରେ ସାହାଯ୍ୟ କରିବା ନେଇ ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି । ଏହି ସମ୍ମିଳନୀରେ ଓଡ଼ିଶାର ଉପାନ୍ତ ଅଂଚଳ, ଆଦିବାସୀ, ଦୁର୍ବଳ ଏବଂ କଷ୍ଟକର ସମ୍ପ୍ରଦାୟରେ ଯକ୍ଷ୍ମା ନିର୍ଣ୍ଣୟକୁ ପ୍ରଭାବିତ କରୁଥିବା କ୍ଷେତ୍ରସ୍ତରୀୟ ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟ କରିବା ଉପରେ ବିଶେଷ ଆଲୋଚନା ହେବ । ରୋଗୀ ଚିହ୍ନଟ, ନମୁନା ସଂଗ୍ରହ, ପରୀକ୍ଷା, ରିପୋର୍ଟିଂ, ଚିକିତ୍ସା ଆରମ୍ଭ, ଅନୁସରଣ ଏବଂ ଫଳାଫଳ ମନିଟରିଂରେ ଥିବା ତ୍ରୁଟିଗୁଡ଼ିକ ସମ୍ପର୍କରେ ବ୍ୟାପକ ଆଲୋଚନା ହେବ । ଏହି ସମ୍ମିଳନୀର ଉଦ୍ଦେଶ୍ୟ ବିଷୟରେ କହି, ପଲିସି ରେଜିଲିଏନ୍ସ ଫାଉଣ୍ଡେସନ୍ର ପ୍ରତିଷ୍ଠାତା ଶ୍ରୀ ନନ୍ଦୀଶ ଆର. ପିଠାନୀ କହିଛନ୍ତି ଯେ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ଏବଂ ସ୍ୱାସ୍ଥ୍ୟ ଫଳାଫଳକୁ ଉନ୍ନତ କରିବା ପାଇଁ ଆଲୋଚନା ବିଶେଷ ଭାବରେ ରୋଗ ନିର୍ଣ୍ଣୟ ବିଳମ୍ବ, ନମୁନା ପରିବହନ, ରିପୋର୍ଟିଂ ବ୍ୟବସ୍ଥା, ଚିକିତ୍ସା ଆରମ୍ଭରେ ବିଳମ୍ବ ଏବଂ ରୋଗୀ ଅନୁସରଣ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବ । ଏହି ଦୁଇଦିନିଆ ସମ୍ମିଳନୀ ଯକ୍ଷ୍ମା ନିୟନ୍ତ୍ରଣରେ ଭାରତର ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ଉପରେ ଆଲୋକପାତ ହେବ । ଉଦ୍ଘାଟନୀ ଅଧିବେଶନରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ୨୦୧୫ ରୁ ୨୦୨୪ ମଧ୍ୟରେ ବାର୍ଷିକ ଯକ୍ଷ୍ମା ମାମଲା ୨୧ ପ୍ରତିଶତ ହ୍ରାସ ପାଇଛି, ଯେତେବେଳେ ସେହି ସମୟ ମଧ୍ୟରେ ଯକ୍ଷ୍ମା ସମ୍ବନ୍ଧୀୟ ମୃତ୍ୟୁହାର ୨୮ ପ୍ରତିଶତ ହ୍ରାସ ପାଇଛି । ଟିବି-ମୁକ୍ତ ଭାରତ ଅଭିଯାନ ଅଧୀନରେ, ଡିସେମ୍ବର ୭, ୨୦୨୪ ପରଠାରୁ ୨୦ କୋଟିରୁ ଅଧିକ ଦୁର୍ବଳ ବ୍ୟକ୍ତିଙ୍କୁ ଯକ୍ଷ୍ମା ପାଇଁ ସ୍କ୍ରିନିଂ କରାଯାଇଛି । ଭାରତର ଏଆଇ-ସକ୍ଷମ ଯକ୍ଷ୍ମା କାର୍ଯ୍ୟକ୍ରମ କାଶ ସ୍କ୍ରିନିଂ, ଛାତି ଏକ୍ସ-ରେର ଏଆଇ-ସହାୟିତ ବ୍ୟାଖ୍ୟା ଏବଂ ଉଚ୍ଚ-ବିପଦଗ୍ରସ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ଭବିଷ୍ୟବାଣୀ ବିଶ୍ଳେଷଣ ପାଇଁ କୃତ୍ରିମ ବୁଦ୍ଧିମତ୍ତା ମଧ୍ୟ ବ୍ୟବହାର କରୁଛି, ଯାହା ଫଳରେ ଏହି ପଦକ୍ଷେପ ମାଧ୍ୟମରେ ୨୮ ଲକ୍ଷରୁ ଅଧିକ ଯକ୍ଷ୍ମା ରୋଗୀଙ୍କ ନିର୍ଣ୍ଣୟ ହୋଇପାରିଛି । ଏମ୍ସ ଭୁବନେଶ୍ୱର ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ, ପଲ୍ମୋନାରୀ ମେଡିସିନ୍ ଏବଂ କ୍ରିଟିକାଲ୍ କେୟାର ବିଭାଗର ମୁଖ୍ୟ ତଥା କାର୍ଯ୍ୟକ୍ରମର ସାଂଗଠନିକ ଅଧ୍ୟକ୍ଷ ଡ. ପ୍ରଶାନ୍ତ ରାଘବ ମହାପାତ୍ର, ସଂଗଠନ ସଚିବ ଡ. ସୌରିନ ଭୁୟାଁ ପ୍ରମୁଖ ମଞ୍ଚାସୀନ ଥିଲେ ।

# ସମ୍ବଲପୁର ବିଜେପି କୃଷକ ମୋର୍ଚ୍ଚାର ଜିଲ୍ଲା ଟିମ୍‌ର ନାମ ଘୋଷଣା

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶୁଭ୍ରାଂଶୁ ପାଢ଼ୀ ଓ ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ରାମ ଚନ୍ଦ୍ର ମେହେରଙ୍କ ଅନୁମୋଦନ କ୍ରମେ ସମ୍ବଲପୁର ବିଜେପି କୃଷକ ମୋର୍ଚ୍ଚା ସଭାପତି ମିତ୍ରଭାନୁ ପ୍ରଧାନ ତାଙ୍କର ଜିଲ୍ଲା ଟିମ୍‌ର ସମସ୍ତ ପଦବୀର ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି ।

ବିଜେପି ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରିୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଙ୍କ ଦ୍ୱାରା ପ୍ରଦତ୍ତ ସୂଚୀ ମୁତାବକ ଜିଲ୍ଲା ଉପସଭାପତି ଭାବରେ ସୁଜୟ ପାଣିଗ୍ରାହୀ, ଶ୍ରୀକାନ୍ତ ପଟେଲ, ଯମୁନା ମହାକୁଡ଼, ସନ୍ତୋଷ କୁମାର ଧଳ ଓ ମନୋରଞ୍ଜନ ନାୟକ ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ଭାବରେ ଦୁଷ୍ମନ୍ତ ବିଶ୍ୱାଳ ଓ ସୁବୋଧ ପଟେଲଙ୍କୁ ଦାୟିତ୍ୱ ଦିଆଯାଇଛି ।

ମୋର୍ଚ୍ଚା ର ଜିଲ୍ଲା ସମ୍ପାଦକ ଭାବରେ ସ୍ୱର୍ଣ୍ଣଲତା ପ୍ରଧାନ, ଅରୁଣ ପ୍ରଧାନ, ନିଶା ତ୍ରିପାଠୀ, ଆର୍ତ୍ତତ୍ରଣ ପଣ୍ଡା ଓ ନିର୍ମଳ ବଢ଼େଇଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ନିଳାମ୍ବର ସାହୁ ଙ୍କୁ ଜିଲ୍ଲା କୋଷାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି ।

ସେହିପରି କୃଷକ ମୋର୍ଚ୍ଚା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ରମେଶ ରାଏ, ସୁରଜ ସେନାପତି, ରଞ୍ଜିତା ମାଝୀ, ସୁମନ୍ତ ପଟେଲ, ସଞ୍ଜୟ କୁମାର ପ୍ରଧାନ, ଶ୍ରବଣ କୁମାର ସାହୁ, ସୁଦୀପ୍ତ ପଟେଲ, ନୁଆସ ବାଘ୍, କବିତା ସେଠ, ଅର୍ଜୁନ ସାହୁ, ଅଶୋକ ନାଥ, ରାମକୃଷ୍ଣ ଦାସ, ଅମୂଲ୍ୟ ପ୍ରଧାନ, ସୁରେଶ ଛନ୍ଦ, ବେବିନା କଠାର, ରାଧେଶ୍ୟାମ ପ୍ରଧାନ, ସୁରଜ ସେନାପତି, ବାବୁଲାଲ ସାହୁ, ଭିକ୍ଷୁ ଦମୋଦର ପଟେଲ, ସୁଦୀପ୍ତ ପଟେଲ, କହ୍ନେଇ ଚରଣ ନାୟକ, ନବୀନ ପଲେଇ, ଅଭିଷେକ ପ୍ରଧାନ ଓ ସଞ୍ଜୀବ ପ୍ରଧାନ ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

ଜିଲ୍ଲା ସଂଗଠନକୁ ଅଧିକ ସୁଦୃଢ଼ କରିବା, ସାଙ୍ଗଠନିକ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଏବଂ କୃଷକମାନଙ୍କୁ ସଂଗଠନ ସହ ଯୋଡ଼ିବା ଲକ୍ଷ୍ୟରେ ଏହି ନୂତନ କାର୍ଯ୍ୟକାରିଣୀ ଗଠନ କରାଯାଇଛି । ନୂତନ ପଦାଧିକାରୀମାନେ ସଂଗଠନର ନୀତି, ଆଦର୍ଶ ଓ କାର୍ଯ୍ୟକ୍ରମକୁ ସାଧାରଣ ଲୋକଙ୍କ ମଧ୍ୟରେ ପହଞ୍ଚାଇବା ସହ ଜିଲ୍ଲାରେ କୃଷକ ମୋର୍ଚ୍ଚାକୁ ଆହୁରି ସକ୍ରିୟ କରିବା ପାଇଁ କାମ କରନ୍ତୁ ବୋଲି ବିଜେପି ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି ଆହ୍ୱାନ ଦେଇଛନ୍ତି ।

# ଦିହୁଡ଼ି ଆନନ୍ଦପୁର ଡାକଘର ରାସ୍ତାରେ ଆଣ୍ଠୁଏ ପାଣି



**ଧାମନଗର, ନ୍ୟୁଜ ବ୍ୟୁରୋ**

ଧାମନଗର ବ୍ଲକ ଦିହୁଡ଼ି ପଞ୍ଚାୟତସ୍ଥ ଆନନ୍ଦପୁର ଗ୍ରାମର ବାବୁ ସାହିରେ ଥିବା ଡାକଘରକୁ ଯିବା ଆସିବା କରିବା ଏବେ ଗ୍ରାମବାସୀ ଓ ସାଧାରଣ ଲୋକଙ୍କ ପାଇଁ ଶାସ୍ତି ପାଲଟିଛି । ଡାକଘରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ବର୍ଷା ଦିନେ ଏଠାରେ ଆଣ୍ଠୁଏ ପାଣି ଜମି ରହୁଛି, ଯାହାଫଳରେ ନିତ୍ୟଦିନିଆ ସେବା ପାଇଁ ଆସୁଥିବା ଶହ ଶହ ଗ୍ରାମବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଲ୍-୫୫ ନମ୍ବର ଗ୍ରାମ୍ୟ ଉନ୍ନୟନ ରାସ୍ତାରୁ ବାବୁ ସାହିସ୍ଥିତ ଡାକଘରକୁ ଯିବା ପାଇଁ ମୋଟ ୩ଟି ବିକଳ୍ପ ରାସ୍ତା ରହିଛି । ମାତ୍ର ଦୁର୍ଭାଗ୍ୟବଶତଃ ପ୍ରତ୍ୟେକଟି ରାସ୍ତା ଜବରଦଖଲ ଓ ଅବ୍ୟବସ୍ଥାର ଶିକାର ହୋଇଛି । ଆନନ୍ଦପୁର-ସିଦ୍ଧେଶ୍ୱର ପୋଲ ନିକଟ ବନ୍ଧ ବାଟ ଦେଇ ରାସ୍ତା ଲମ୍ବିଛି । ତେବେ ଦୁର୍ଗା ମେଳା ପୂର୍ବରୁ ଜଣେ ବ୍ୟକ୍ତି ରାସ୍ତା ଉପରକୁ ମାଡ଼ି ଆସିଥିବାରୁ ରାସ୍ତାଟି ଅତ୍ୟନ୍ତ ସଂକୀର୍ଣ୍ଣ ହୋଇପଡ଼ିଛି । ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର କଡ଼ ରାସ୍ତାରେ ସ୍କୁଲ ମାଲିକ ରାସ୍ତା ଉପରେ ଘର ନିର୍ମାଣ କରିଥିବାରୁ ଗମନାଗମନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି । ଶୁକଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ କଡ଼ ରାସ୍ତାକେ ଅନେକ ସମସ୍ୟା । ଏହି ରାସ୍ତା ଦେଇ ଆସିଲେ ଜଣେ ବ୍ୟକ୍ତି ନିଜ ଘର ନିର୍ମାଣ କାର୍ଯ୍ୟ ପାଇଁ ବାଲି, ଚିପ୍ସ ଓ ଇଟା ରାସ୍ତା ମଝିରେ ଗଦା କରି ରଖିଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଦୁର୍ଗା ମେଳା ପାଖରୁ ଡାକଘର ପର୍ଯ୍ୟନ୍ତ ଥିବା ମୁଖ୍ୟ ରାସ୍ତାରେ ବର୍ଷା ଜଳ ନିଷ୍କାସନର କୌଣସି ବ୍ୟବସ୍ଥା ନଥିବାରୁ କାଦୁଅ ଓ ଦୂଷିତ ପାଣି ଜମି ରହୁଛି । ଆଧାର କାର୍ଡ ସଂଶୋଧନ, ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କରେ ଇ-କେୱାଇସି, ନୂଆ ଖାତା ଖୋଲିବା, ଟଙ୍କା ଜମା ଓ ଉଠାଣ ଭଳି ଜରୁରୀ କାର୍ଯ୍ୟ ପାଇଁ ପ୍ରତିଦିନ ସାହିକୁ ବହୁ ସଂଖ୍ୟାରେ ମହିଳା ଓ ଜ୍ୟେଷ୍ଠ ନାଗରିକମାନେ ଆସୁଛନ୍ତି । ମାତ୍ର କାଦୁଅ ପାଣିରେ ପଶି ଯିବାକୁ ପଡୁଥିବାରୁ ସେମାନେ ହୀନସ୍ତା ହେଉଛନ୍ତି ।ସୂଚନାଯୋଗ୍ୟ ଯେ, ଗ୍ରାମବାସୀଙ୍କ ଦୀର୍ଘଦିନର ଦାବି ପରେ ୨୦୦୮ ମସିହାରେ ଏହି ରାସ୍ତାଟି କଂକ୍ରିଟ୍ କରାଯାଇଥିଲା । ମାତ୍ର ବିଗତ ୧୮ ବର୍ଷ ହେବ ଏହାର କୌଣସି ମରାମତି କିମ୍ବା ପୁନଃନିର୍ମାଣ ହୋଇନାହିଁ । ଦିନକୁ ଦିନ ରାସ୍ତାଟି ଖାଲଖମାରେ ପରିଣତ ହୋଇ ପାଣି ଜମି ରହୁଛି । ଏହି ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଏବଂ ସ୍ଥାନୀୟ ବିଧାୟକ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ବାରମ୍ବାର ଲିଖିତ ଓ ମୌଖିକ ନିବେଦନ କରାଯାଇଥିଲେ ବି କୌଣସି ସୁଫଳ ମିଳିନାହିଁ । ପ୍ରଶାସନିକ ଆନ୍ତରିକତାର ଅଭାବ ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ କ୍ରମଶଃ ତୀବ୍ର ହେବାରେ ଲାଗିଛି ।

ଗ୍ରାମର ସବୁଠୁ ବୟସ୍କ ବ୍ୟକ୍ତି ପଞ୍ଚାନନ ସାହୁ ନିଜର କ୍ଷୋଭ ପ୍ରକାଶ କରି କହିଛନ୍ତି— ଆମ ଭାଗ୍ୟ ଖରାପ । ଆମ ସାହି ନାଁ ସିନା ବାବୁ ସାହି, ହେଲେ ଆମେ ଝାଡୁଦାର ଭଳି ଅତି ଅମାନବୀୟ ଜୀବନ ଜିଉଁଛୁ । ମନ୍ତ୍ରୀ ହୁଅନ୍ତୁ କି ଅଫିସର, କେହି ଆମ ଦୁଃଖ ବୁଝୁନାହାନ୍ତି । ସେହିପରି ସ୍ଥାନୀୟ ମହିଳା କୁସୁମ ବେହେରା କହିଛନ୍ତି ଯେ, ଆମ ସାହିର ସବୁ ପିଲା ଡାକଘର ପାଖ ପଡ଼ିଆରେ ଖେଳବୁଲା କରନ୍ତି । ହେଲେ ବର୍ଷା ଦିନେ ପାଣି ଓ କାଦୁଅ ଜମି ରହୁଥିବାରୁ ପିଲାଙ୍କ ମଧ୍ୟରେ ଖେଳକୁଦ ପ୍ରତି ଥିବା ଆଗ୍ରହ ଓ ସରାଗ କମି କମି ଗଲାଣି ।ପ୍ରଶାସନ ଓ ସ୍ଥାନୀୟ ପ୍ରତିନିଧି ତୁରନ୍ତ ଏହି ଜବରଦଖଲ ହଟାଇ ରାସ୍ତାର ପୁନଃନିର୍ମାଣ ସହ ଜଳ ନିଷ୍କାସନର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗୋବର୍ଦ୍ଧନ ଯୋଜନା...

ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବ ।

କମ୍ପ୍ରେସଡ଼ ବାୟୋଗ୍ୟାସ୍ ରାସାୟନିକ ଭାବରେ ପ୍ରାକୃତିକ ଗ୍ୟାସ ସହିତ ସମତୁଲ୍ୟ ଏବଂ ଏହାକୁ ସହଜରେ ବର୍ତ୍ତମାନ ଗ୍ୟାସ୍ ବ୍ୟବସ୍ଥାରେ ସଂଯୋଜିତ କରାଯାଇପାରିବ । ତେଣୁ ଏହା ଭାରତର ବର୍ଦ୍ଧିତ ଗ୍ୟାସ୍ ଭିତ୍ତିଭୂମିର ସୁଗମତା ଏବଂ ବ୍ୟବହାରଯୋଗ୍ୟତା ସହିତ ନବୀକରଣୀୟ ଇନ୍ଧନର ଲାଭକୁ ମିଶ୍ରଣ କରେ ।

ପ୍ରତ୍ୟେକ କମ୍ପ୍ରେସଡ଼ ବାୟୋଗ୍ୟାସ୍ ପ୍ଲାଣ୍ଟ କୃଷି ଅବଶେଷ, ପ୍ରାଣୀଙ୍କ ଗୋବର ଏବଂ ଅନ୍ୟାନ୍ୟ ଜୈବ ସମ୍ବଳ ଚାରିପାଖରେ ଏକ ସ୍ଥାନୀୟ ବୃତ୍ତାକାର ଅର୍ଥବ୍ୟବସ୍ଥା ସୃଷ୍ଟି କରେ । ଏହା ଖାଦ୍ୟ ଯୋଗାଣ, ପରିବହନ, ଉଦ୍ଭିଦ ପରିଚାଳନା ଏବଂ ଜୈବ ସାର ଉତ୍ପାଦନରେ ସୁଯୋଗ ସୃଷ୍ଟି କରେ । ଏହାସହିତ ସ୍ୱଚ୍ଛ ଅପଚୟ ପରିଚାଳନା ଏବଂ ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସକୁ ମଧ୍ୟ ସମର୍ଥନ କରେ ।

ଗୋବର୍ଦ୍ଧନ ଉତ୍ପାଦକମାନଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ଓ ପୂର୍ବାନୁମାନଯୋଗ୍ୟ ବଜାର ପ୍ରଦାନ କରିବା ଲାଗି ଏକ ଉତ୍ସର୍ଗୀକୃତ କମ୍ପ୍ରେସଡ଼ ବାୟୋଗ୍ୟାସ୍ ଅଫଟେକ୍ ଆସ୍ୟୁରାନ୍ସ ଫ୍ରେମ୍‌ୱାର୍କ ସ୍ଥାପନ କରିଛି । ସହର ଗ୍ୟାସ ବଣ୍ଟନ ସଂସ୍ଥାଗୁଡ଼ିକ ଦ୍ୱାରା କ୍ରୟ ଆର୍ଥିକ ବର୍ଷ ୨୦୨୬-୨୭ରେ ୩ ପ୍ରତିଶତ, ଆର୍ଥିକ ବର୍ଷ ୨୦୨୬-୨୭ରେ ୪ ପ୍ରତିଶତ ଏବଂ ଆର୍ଥିକ ବର୍ଷ ୨୦୨୮-୨୯ରୁ ସିଏନଜି (ପରିବହନ) ଏବଂ ପିଏନଜି (ଘରୋଇ) କ୍ଷେତ୍ରରେ ୫ ପ୍ରତିଶତର ଅଧିସୂଚିତ ସିବିଜି ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

### ୧୯ ଯାଏଁ ...

ସେଥିମଧ୍ୟରୁ ୫୭ ଲକ୍ଷ ୭୭ହଜାର ୫୬୫ଜଣ ଭୋଟରଙ୍କୁ ସଫଳତାର ସହ ନୋଟିସ ପ୍ରଦାନ କରାଯାଇସାରିଛି । ଅନ୍ୟପଟେ ନୋଟିସ ପାଇଥିବା ଭୋଟରଙ୍କ ମଧ୍ୟରୁ ୩୦ଲକ୍ଷ ୧୧ ହଜାର ୫୮୭ ଜଣଙ୍କର ଶୁଣାଣି କାର୍ଯ୍ୟ ଶେଷ ହୋଇଛି ।

ଏବେ ସୁଦ୍ଧା ନୋଟିସ ପ୍ରଦାନ କରାଯାଇଥିବା ଭୋଟର ମାନଙ୍କ ଆବଶ୍ୟକୀୟ ତଥ୍ୟ ଅଭାବରୁ ୧୨ ହଜାର ୫୭୨ ଜଣ ଭୋଟରଙ୍କୁ ଚୂଡ଼ାନ୍ତ ତାଲିକାରେ ସାମିଲ ପାଇଁ ଅଯୋଗ୍ୟ ଘୋଷଣା କରାଯାଇଛି ।

ସେହିପରି,ନୂତନ ନାମ ପଞ୍ଜୀକରଣ ପାଇଁ ଫର୍ମ-୬ ଜରିଆରେ ୧,୮୧,୭୭୦ ଜଣ ଆବେଦନ କରିଛନ୍ତି ।ଭୋଟର ତାଲିକାରୁ ଗୋଟିଏ ସ୍ଥାନରେ ନାମ ରଖି ଅନ୍ୟ ସ୍ଥାନରେ ନାମ ହଟାଇବା ପାଇଁ ଫର୍ମ-୭ରେ ୩୭,୨୬୫ଟି ଆବେଦନ ଦାଖଲ ହୋଇଛି । ଭୋଟରଙ୍କ ନାମ, ଠିକଣା କିମ୍ବା ଅନ୍ୟାନ୍ୟ ସଂଶୋଧନ ଓ ପରିବାରର ସଦସ୍ୟଙ୍କ ନାମ ଏକତ୍ର ଗୋଟିଏ ସ୍ଥାନରେ ରଖିବା ପାଇଁ ଫର୍ମ-୮ରେ ୧,୬୩,୪୨୪ ଜଣ ଭୋଟର ଆବେଦନ କରିଛନ୍ତି ।

ସେହିପରି,ରାଜ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା ନିର୍ବାଚନମଣ୍ଡଳୀ ଓ ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଶତପ୍ରତିଶତ ନୋଟିସ ପ୍ରଦାନ କରି ତାହାର ଶତପ୍ରତିଶତ ଶୁଣାଣି ଶେଷକରି ସର୍ବାଗ୍ରେ ରହିଛନ୍ତି ।

ସୂଚନାଯୋଗ୍ୟ, ସମସ୍ତ ଯୋଗ୍ୟ ନାଗରିକ ମାନଙ୍କୁ ଅଗଷ୍ଟ ୧୯ ମଧ୍ୟରେ ନିଜର ଦାବି କିମ୍ବା ଆପତ୍ତି ଆବେଦନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍ ଏସ୍ ଗୋପାଳନ ନିବେଦନ କରିଛନ୍ତି ।

### ସାମ୍ବାଦିକ ସ୍ୱାସ୍ଥ୍ୟ ...

ସୂଚନା ଓ ଲୋକସମ୍ପର୍କ ବିଭାଗ ସହ ସ୍ୱାସ୍ଥ୍ୟ ବିଭାଗର ଆଲୋଚନା ହୋଇଛି । ଯଦି କିଛି ସମସ୍ୟା ହେବ ତାହାକୁ ସମାଧାନ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ।

୨୦୧୮ ମସିହାରେ ସାମ୍ବାଦିକଙ୍କ ପାଇଁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ଆରମ୍ଭ ହୋଇଥିଲା । ପୂର୍ବରୁ ଦୁଇ ଲକ୍ଷ ଟଙ୍କାର ବୀମା ବ୍ୟବସ୍ଥା ରହିଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା । ବର୍ତ୍ତମାନ ସରକାର ଏହି ଯୋଜନାର ରୂପରେଖ ବଦଳାଇବା ନେଇ ଚର୍ଚ୍ଚା ହୋଇଥିବା ବେଳେ ଏହାକୁ ନେଇ ସାମ୍ବାଦିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

### ଏଡିଆର ରିପୋର୍ଟ ...

୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ୨୦,୦୦୦ ଟଙ୍କାରୁ ଅଧିକ ମୂଲ୍ୟର ମୋଟ ୮,୧୫୮ଟି ଚାନ୍ଦା ଘୋଷଣା କରିଛନ୍ତି, ଯାହାର ମୋଟ ପରିମାଣ ୧,୩୯୯.୨୪୯ କୋଟି ଟଙ୍କା ।

ରିପୋର୍ଟ ଅନୁଯାୟୀ, ଚାନ୍ଦା ବୃଦ୍ଧି ମୂଲ୍ୟ ଦୃଷ୍ଟିରୁ ଡିଏମକେ୨୦୨୩-୨୪ ଆର୍ଥିକ ବର୍ଷରେ ୨୧.୫୨ କୋଟି ଟଙ୍କା ଥିବା ବେଳେ ୨୦୨୪-୨୫ ବର୍ଷରେ ୩୪୪.୨୨୨ କୋଟି ଟଙ୍କା ବୃଦ୍ଧି ପାଇ ମୋଟ ୩୬୫.୭୮୪ କୋଟି ଟଙ୍କାରେ ପହଞ୍ଚିଛି । ଅପରପକ୍ଷରେ, ତୃଣମୂଳ କଂଗ୍ରେସର ଚାନ୍ଦା ପରିମାଣରେ ଦ୍ୱିତୀୟ ସର୍ବାଧିକ ବୃଦ୍ଧି ଘଟିଛି । ଦଳର ଚାନ୍ଦା ପରିମାଣ ୨୦୨୩-୨୪ ଆର୍ଥିକ ବର୍ଷରେ ମାତ୍ର ୬.୪୨୪ କୋଟି ଟଙ୍କା ଥିବା ବେଳେ ୨୦୨୪-୨୫ ବର୍ଷରେ ଏହା ୧୭୮.୫୩୬ କୋଟି ଟଙ୍କା ବୃଦ୍ଧି ପାଇ ମୋଟ ୧୮୪.୯୬ କୋଟି ଟଙ୍କା ହୋଇଛି । ୨୦୨୪-୨୫ ବର୍ଷରେ ରାଜନୈତିକ ପାଣ୍ଠି ଗ୍ରହଣ କରିବାରେ କେତେକ ନିର୍ଦ୍ଦିଷ୍ଟ ଆଞ୍ଚଳିକ ଦଳ ପ୍ରାଧାନ୍ୟ ବିସ୍ତାର କରିଥିବା ଏହି ରିପୋର୍ଟରୁ ସ୍ପଷ୍ଟ ଜଣାପଡ଼ିଛି । ଶୀର୍ଷ ପାଞ୍ଚଟି ଆଞ୍ଚଳିକ ପାଣ୍ଠି ଗ୍ରହଣକାରୀ ଦଳ ଯଥା ଡିଏମକେ, ଏଆଇଟିସି, ୱାଇଏସ୍ଆର କଂଗ୍ରେସ, ଟିଡିପି ଏବଂ ଏଆଇଏଡିଏମକେ ମୋଟ ୮୪୦.୧୨୬୪ କୋଟି ଟଙ୍କା ପାଇଛନ୍ତି, ଯାହାକି ସେହି ସମୟ ମଧ୍ୟରେ ସମସ୍ତ ଆଞ୍ଚଳିକ ଦଳ ପାଇଥିବା ମୋଟ ଚାନ୍ଦାର ୭୯.୯ ପ୍ରତିଶତ । ବିଜୁ ଜନତା ଦଳ (ବିଜେଡ଼ି) ୨୦୨୪-୨୫ ବର୍ଷରେ ପ୍ରାୟ ୬୦ କୋଟି ଟଙ୍କା ଚାନ୍ଦା ହାସଲ କରିଥିବା ରିପୋର୍ଟରେ କୁହାଯାଇଛି ।

# ରେଭେନ୍ସାରେ ଶୈକ୍ଷିକ ବାତାବରଣ ଫେରାଇ ଆଣିବା ପାଇଁ ରାଜନୈତିକ ହସ୍ତକ୍ଷେପକୁ ବନ୍ଦ କରାଯାଉ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲ ବିବାଦ ଜଟିଳ ରୂପ ଧାରଣ କରିଛି । ଏହି ବିବାଦ ଏବେ ଛାତ୍ରଙ୍କ ଆନେ୍ଦାଳନ ସମେତ ଶିକ୍ଷକ ମାନେ ଆନେ୍ଦାଳନ ଜାରି ରଖିଛନ୍ତି । ବିଶ୍ୱବିଦ୍ୟାଳୟ ଶିକ୍ଷକ ମାନେ କଟକ ସଦର ବିଧାୟକ ଶ୍ରୀ ପ୍ରକାଶ ଚନ୍ଦ୍ର ସେଠୀଙ୍କ କାର୍ଯ୍ୟକଳାପକୁ ବିରୋଧ କରି ଆନେ୍ଦାଳନ ଜାରି ରଖିଥିବା ବେଳେ ରାଜ୍ୟ ସରକାର ଚୁପ ହୋଇ ବସିଛନ୍ତି । ଯାହାକୁ ନେଇ ବିଜେଡି ପକ୍ଷରୁ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ରାଜ୍ୟ ସରକାରଙ୍କୁ ଉପରେ ବର୍ଷିଛନ୍ତି । ଡ. ମହାନ୍ତି କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଅସହାୟତା ସମସ୍ତଙ୍କୁ ଚକିତ କରିଛି । ଇଷ୍ଟ ହଷ୍ଟେଲରେ ବାରମ୍ବାର ବିଭିନ୍ନ ସମସ୍ୟା ହେଉଥିବା ବେଳେ ଏହାର ସମାଧାନ କରିବା ପ୍ରତିବଦଳରେ ଡେପୁଟି ୱାର୍ଡ଼େନ ରବିଉଲ ଅନସାରୀଙ୍କ କାର୍ଯ୍ୟକଳାପ ନେଇ ଛାତ୍ର ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାର ସମାଧାନ କରିବା ନେଇ ଆଲୋଚନା ବେଳେ ବିଧାୟକ ଶ୍ରୀ ସେଠୀ ପ୍ରବେଶ କରିଥିଲେ । ଇଷ୍ଟ ହଷ୍ଟେଲ ବିବାଦର ସମାଧାନ ପାଇଁ ବସିଥିବା ବୈଠକରେ ବିଧାୟକ ଶ୍ରୀ ସେଠୀ ଚିଫ୍ ୱାର୍ଡେନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା । ତେବେ ବିବାଦ ମୁଣ୍ଡ ଟେକିବା ପରେ ଛାତ୍ର ଓ ଶିକ୍ଷକ ମାନଙ୍କ ସହ ଆଲୋଚନା କରି ସମାଧାନ କରିବା ବଦଳରେ ବିଶ୍ୱବିଦ୍ୟାଳୟ କୁଳପତି ଚୁପ୍ ହୋଇ ବସିଛନ୍ତି । ଶିକ୍ଷକ ମାନଙ୍କୁ ବିଧାୟକ ଦୁର୍ବ୍ୟବହାର କରିଥିବାର ଅଭିଯୋଗ କରିଥିବା ବେଳେ ବିଧାୟକ ମଧ୍ୟ ଚିପ୍ ୱାର୍ଡେନଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣି ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି । ସମାଧାନ ବୈଠକରେ କୁଳପତିଙ୍କ ଉପସ୍ଥିତିରେ ସମସ୍ତ ଘଟଣା ଘଟିଛି । ସବୁ ଘଟଣା ଘଟିବା ପରେ ମଧ୍ୟ କୁଳପତି ଚୁପ୍ ଅଛନ୍ତି । ରାଜ୍ୟ ସରକାର ମଧ୍ୟ ପଦକ୍ଷେପ ଗ୍ରହଣ କରିବା ବଦଳରେ ନିରବ ରହିବା ସମସ୍ତଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଜେପି ସରକାରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଉନ୍ନତି ଘଟିବା ବଦଳରେ ଅବନତି ଘଟିବାରେ ଲାଗିଛି । ଓଡ଼ିଶାରୁ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥିବା ସହ ରାଜ୍ୟର ଶିକ୍ଷା ମନ୍ତ୍ରୀ ମଧ୍ୟ କେବଳ ବଡ ବଡ କଥା କହିଲେ । କିନ୍ତୁ ଉନ୍ନତି ନେଇ କୌଣସି ପଦକ୍ଷେପ ଗ୍ରହଣ କରିଲେ ନାହିଁ । ଯାହା ଫଳରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗି ରହି ଆନେ୍ଦାଳନ ମୁଣ୍ଡ ଟେକୁଛି । ବିଧାୟକ ଓ ଶିକ୍ଷକ ମାନଙ୍କ ବିବାଦ ନେଇ ଅଭିଯୋଗ ସତ୍ତ୍ୱେ ରାଜ୍ୟ ସରକାର ଏକ କମିଟି କରି ଘଟଣାର ତଦନ୍ତ କାହିଁକି କରୁନାହାଁନ୍ତି । ଘଟଣା ସମୟର ସିସି ଟିଭି ଫୁଟେଜ କାହିଁକି ଯାଞ୍ଚ ହେଉନି । ଏତେ ସବୁ ପରେ ବି ରାଜ୍ୟ ସରକାର ଚୁପ୍ ରହିଛନ୍ତି । ରେଭେନ୍ସା ବିଶ୍ୱବିଦ୍ୟାଳୟ ପରି ଓଡ଼ିଶାର ଐତିହ୍ୟ ସମ୍ପର୍ଣ୍ଣ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଶିକ୍ଷକ ମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବା ନିହାତି ଆବଶ୍ୟକ । ଏଥିରେ କୁଳପତିଙ୍କ ପ୍ରମୁଖ ଭୂମିକା ରହିଛି । ଯଦି କୁଳପତି ମୁଁହ ଖୋଲି ପାରୁନାହାଁନ୍ତି ତେବେ ତୁରନ୍ତ ପଦବୀରୁ ଅବ୍ୟାହତି ନେଇ ଯିବାର ଆବଶ୍ୟକ ରହିଛି । ଯିଏ ଦୋଷୀ ତାହା କ୍ଷେତ୍ରରେ ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ ଆଇନକୁ ତା ବାଟରେ ଛାଡି ଦିଅ ବୋଲି କହିଛନ୍ତି । ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଗତ ଦୁଇ ଦିନ ହେବ ବିବାଦ ଜାରି ଥିବା ବେଳେ ସାରା ଓଡ଼ିଶାର ନଜର ସେଥି ପ୍ରତି ରହିଛି । ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାକୁ ରାଜନୈତିକ ହସ୍ତକ୍ଷେପକୁ ବନ୍ଦ କରାଯାଉ । ବିଶ୍ୱବିଦ୍ୟାଳୟର ସମ୍ମାନ ଅକ୍ଷୁର୍ଣ୍ଣ ରଖିବାକୁ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସେ କହିଛନ୍ତି ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS 2026026, ତା.04.08.2026ରିଖ

**କାର୍ଯ୍ୟର ନାମ :** କଭର ସେଡ୍, ବାଇକ୍ ସେଡ୍ ଏବଂ ଅନ୍ୟ ସହାୟକ/ବିବିଧ କାର୍ଯ୍ୟଗୁଡ଼ିକ ସହିତ ମଞ୍ଚେଶ୍ୱର, ଭୁବନେଶ୍ୱର ଠାରେ ବର୍ତ୍ତମାନ ଥିବା ଗ୍ରାଉଣ୍ଡ ଫ୍ଲୋର ଭବନରେ 06 (ଛଅ) ଗୋଟି କାର୍ଯ୍ୟାଳୟ ପ୍ରକୋଷ୍ଠ ଗୁଡ଼ିକୁ ନେଇ ଗଠିତ ପ୍ରଥମ ମହଲାର ନିର୍ମାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹):** 70.00 ଲକ୍ଷ, EMD (₹): 1,40,000.00, କାର୍ଯ୍ୟ ଶେଷ ହେବା ଅବଧି : 10(ଦଶ)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.08.2026 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ । ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଚାପ୍ଟର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-165/CJ/26-27

# ଆଜିଠୁ ଗଡ଼ିବ ପୁରୀ-ସୋଲାପୁର ସ୍ପେଶାଲ ଏକ୍ସପ୍ରେସ ଟ୍ରେନ୍



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାରୁ ମହାରାଷ୍ଟ୍ର ଯାଉଥିବା ଟ୍ରେନଯାତ୍ରୀଙ୍କ ପାଇଁ ଖୁସି ଖବର । ଶୁକ୍ରବାର ଠାରୁ ଗଡ଼ିବ ପୁରୀ-ସୋଲାପୁର ଜଙ୍କସନ ସ୍ପେଶାଲ ଏକ୍ସପ୍ରେସ । ଓଡ଼ିଶାରୁ ମହାରାଷ୍ଟ୍ର ଅଭିମୁଖେ ବଢ଼ୁଥିବା ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳବାଇ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ପୂର୍ବତଟ ରେଳପଥ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ୦୮୪୪୫ ପୁରୀ-ସୋଲାପୁର ଜଙ୍କସନ ଏକମୁଖୀ ସ୍ପେଶାଲ ଟ୍ରେନ୍ ଆସନ୍ତା ଅଗଷ୍ଟ ୭ (ଶୁକ୍ରବାର) ରାତି ୧୧ଟା ୪୫ ମିନିଟରେ ପୁରୀରୁ ଯାତ୍ରା ଆରମ୍ଭ କରିବ । ଟ୍ରେନ୍‌ଟି ଅଗଷ୍ଟ ୯ (ରବିବାର) ପ୍ରଭାତ ୪ଟା ୧୫ ମିନିଟରେ ସୋଲାପୁର ଜଙ୍କସନରେ ପହଞ୍ଚିବ । ଏହି ସ୍ପେଶାଲ ଟ୍ରେନ୍ ଖୋର୍ଦ୍ଧା ରୋଡ଼, ବ୍ରହ୍ମପୁର, ବିଜୟନଗରମ, ଦୁଭଓ୍ୱାଡା, ବିଜୟଓ୍ୱାଡା ଜଙ୍କସନ, ଗୁଣ୍ଟୁର, ନାଲଗୋଣ୍ଡା, ସିକନ୍ଦରାବାଦ, ୱାଡି ଓ କଲବୁର୍ଗ ଷ୍ଟେସନରେ ରହଣି କରିବ । ଏହାଦ୍ୱାରା ଏହି ଦକ୍ଷିଣ ଓ ମଧ୍ୟ ଭାରତର ସହର ଗୁଡିକୁ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ସୁବିଧା ଜଣକ ବିକଳ୍ପ ହୋଇପାରିବ । ଏହି ସ୍ୱତନ୍ତ୍ର ଟ୍ରେନ୍‌ରେ ମୋଟ ୨୨ଟି କୋଚ୍ ରହିବ । ସେଥିରେ ୧୩ଟି ସ୍ଲିପର ଶ୍ରେଣୀ କୋଚ୍, ୭ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍ ଏବଂ ୨ଟି ଲଗେଜ୍-କମ୍-ଦିବ୍ୟାଙ୍ଗ ବନ୍ଧୁ କୋଚ୍ ସାମିଲ ରହିଛି । ଏହା ଫଳରେ ବିଭିନ୍ନ ଶ୍ରେଣୀର ଯାତ୍ରୀଙ୍କ ପାଇଁ ପର୍ଯ୍ୟାପ୍ତ ଆସନ ବ୍ୟବସ୍ଥା ଉପଲବ୍ଧ ହେବ । ରେଳପଥ ପକ୍ଷରୁ ଯାତ୍ରୀମାନଙ୍କୁ ଯାତ୍ରା ପୂର୍ବରୁ ନ୍ୟାସନାଲ ଟ୍ରେନ୍ ଇନକ୍ୱାରି ସିଷ୍ଟମ କିମ୍ବା ରେଳବାଇର ଅଧିକୃତ ପଚରାଉଚରା ସେବା ମାଧ୍ୟମରେ ଟ୍ରେନ୍‌ର ସର୍ବଶେଷ ସମୟସୂଚୀ ଓ ଚଳାଚଳ ସମ୍ପର୍କିତ ସୂଚନା ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି । ବର୍ତ୍ତମାନ ଓଡ଼ିଶାରୁ ସୋଲାପୁରକୁ ସିଧାସଳଖ ଯାତାୟାତ ପାଇଁ ମାତ୍ର ଦୁଇଟି ନିୟମିତ ଟ୍ରେନ୍ ଚଳାଚଳ କରୁଛି । ମହାରାଷ୍ଟ୍ର ଅଭିମୁଖେ ବଢ଼ୁଥିବା ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି ଇଷ୍ଟକୋଷ୍ଟ ରେଳପଥ ପକ୍ଷରୁ ପୁରୀ—ସୋଲାପୁର ଜଙ୍କସନ୍ ସ୍ପେଶାଲ ଏକ୍ସପ୍ରେସ ଟ୍ରେନ୍ ଚଳାଚଳ କରିବ । ଏହି ସ୍ୱତନ୍ତ୍ର ଟ୍ରେନ୍ ଚାଲିବା ଫଳରେ ନିର୍ଦ୍ଦିଷ୍ଟ ସମୟ ପାଇଁ ଓଡ଼ିଶାରୁ ସୋଲାପୁରକୁ ସିଧାସଳଖ ଟ୍ରେନ୍ ସେବାର ସଂଖ୍ୟା ତିନିକୁ ବୃଦ୍ଧି ପାଇବ ।

# ପୁନରୁଦ୍ଧାର କାର୍ଯ୍ୟରେ ଠକେଇ ମାମଲା, ୨ ଯନ୍ତ୍ରୀ ଓ ଜଣେ ଠିକାଦାର ଗିରଫ

**କଟକ, ୦୬/୦୮ ନ୍ୟୁଜ ବ୍ୟୁରୋ**

ପାରଳାଖେମୁଣ୍ଡି ପଟ୍ଟନାୟକ ଟ୍ୟାଙ୍କ ପୁନରୁଦ୍ଧାର କାର୍ଯ୍ୟରେ ପ୍ରାୟ ୫୫ ଲକ୍ଷ ୬୯ ହଜାର ଟଙ୍କାର ହେରଫେର ହୋଇଥିବା ଅଭିଯୋଗରେ ଭିଜିଲାନ୍ସର ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି । ମାମଲାରେ ପୂର୍ବତନ ଜୁନିୟର ଇଞ୍ଜିନିୟର ଡି. ଯୁଧିଷ୍ଠିର, ସହକାରୀ ଯନ୍ତ୍ରୀ ସଞ୍ଜୀବ ଚମ୍ପତି ଏବଂ ଠିକାଦାର ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ଗିରଫ କରାଯାଇଛି । କାର୍ଯ୍ୟରେ ଅନିୟମିତତା ଓ ସରକାରୀ ଅର୍ଥର ଅପବ୍ୟବହାର ତଦନ୍ତରେ ସାମ୍ନାକୁ ଆସିଥିବା ଭିଜିଲାନ୍ସ କହିଛି । ଘଟଣାରେ ଅଧିକ ତଦନ୍ତ ଜାରି ରହିଛି । ଏହି ମାମଲାରେ ଆଉ କେହି ସଂପୃକ୍ତ ଅଛନ୍ତି କି ନାହିଁ, ସେ ଦିଗରେ ମଧ୍ୟ ଭିଜିଲାନ୍ସ ଖୋଳତାଡ଼ କରୁଛି ।

# ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ଶ୍ରମିକ ମୃତ, ଜଣେ ଗୁରୁତର

**କଟକ, ୦୬/୦୮ ନ୍ୟୁଜ ବ୍ୟୁରୋ**

କଟକ ମାହାଙ୍ଗା ବ୍ଲକ୍ କୁହୁଣ୍ଡା ପଞ୍ଚାୟତର କୋଠପଦାର ଗାଁରେ ଅଘଟଣ । ନିର୍ମାଣାଧୀନ ପାଇଖାନା ଟାଙ୍କି ଭିତରେ ପଡିଯାଇ ଶ୍ୱାସରୁଦ୍ଧ ହୋଇ ଜଣେ ଶ୍ରମିକର ମୃତ୍ୟୁ ଘଟିଛି । ଏଥିସହ ଅନ୍ୟ ଜଣେ ଶ୍ରମିକ ଗୁରୁତର ହୋଇଛି । ମୃତ ଶ୍ରମିକ ଜଣକ ହେଲେ ପ୍ରମୋଦ ଜେନା । ମାହାଙ୍ଗା ବ୍ଲକ୍ କୁହୁଣ୍ଡା ପଞ୍ଚାୟତର କୋଠପଦାର ଜନୈକ ବ୍ୟକ୍ତିଙ୍କ ନିର୍ମାଣାଧୀନ ପାଇଖାନା ଟାଙ୍କି ଭିତରର ସେଣ୍ଟ୍ରିଂ ଖୋଲାଯାଉଥିଲା । ସେଣ୍ଟିଂ ଖୋଲିବା ପାଇଁ ସେହି ଗ୍ରାମର ଶ୍ରମିକ ପ୍ରମୋଦ ଜେନା ଓ ଅନ୍ୟ ଜଣେ ଟାଙ୍କି ଭିତରକୁ ଯାଇଥିଲେ । ତେବେ ସେଣ୍ଟିଂ ଖୋଲିବା ବେଳେ ଉଭୟ ଶ୍ୱାସରୁଦ୍ଧ ହୋଇ ଯାଇଥିଲେ । ଲୋକମାନେ ଉଭୟଙ୍କୁ ଟାଙ୍କି ଭିତରୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ । ସେଠାରେ ଡାକ୍ତର ପ୍ରମୋଦଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ଜଣେ ଶ୍ରମିକଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି ।

# ସମଲେଶ୍ୱରୀ ମନ୍ଦିର ଛାତରୁ ଗଳୁଛି ପାଣି : ପରିଦର୍ଶନ କଲେ ପ୍ରତ୍ନତତ୍ତ୍ୱ ବିଭାଗ ଟିମ୍

ଭୁବନେଶ୍ୱର, ୭ ଅଗଷ୍ଟ, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27



**ସମ୍ବଲପୁର, ୬/୦୮ ନ୍ୟୁଜ ବ୍ୟୁରୋ**

ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ସମ୍ବଲପୁର ସ୍ଥିତ ମା' ସମଲେଶ୍ୱରୀ ମନ୍ଦିର ପରିଦର୍ଶନ କରିଛି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଟିମ୍ । ମନ୍ଦିର ମୁଖଶାଳା ସମ୍ମୁଖରେ ଥିବା ଛାତରୁ ପାଣି ଗଳୁଥିବା ଘଟଣାର ଅନୁସନ୍ଧାନ ପାଇଁ ଏହି ଟିମ୍ ସମଲେଶ୍ୱରୀ ମନ୍ଦିର ପରିଦର୍ଶନ କରିଛନ୍ତି । ପରେ ଏହି ଟିମ ମନ୍ଦିରର ସବୁ ପାର୍ଶ୍ୱ ବୁଲି ଦେଖିଛନ୍ତି । ମନ୍ଦିରର ରକ୍ଷଣାବେକ୍ଷଣ, ମରାମତି ଓ ତଦନ୍ତ ପାଇଁ ଟିମ୍ ଆସିଥିବା ସୂଚନା ମିଳିଛି । ସମଲେଶ୍ୱରୀ ମନ୍ଦିରରେ ଦେଖା ଯାଇଥିବା ବିଭିନ୍ନ ସମସ୍ୟା ନେଇ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଗତ ଜୁଲାଇ ୨୯ ତାରିଖରେ ପର୍ଯ୍ୟଟନ ବିଭାଗକୁ ଚିଠି ଲେଖିଥିଲେ। ବୁଧବାର ସନ୍ଧ୍ୟାରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁଙ୍କ ନେତୃତ୍ୱରେ ସହକାରୀ କ୍ୟୁରେଟର ରୁଦ୍ର ପ୍ରସାଦ ବେହେରା, କନ୍ସଲଟେଣ୍ଟ / ଆର୍କିଟକ୍ଟ ରାଜ ରୁପା ସାହା କୁଣ୍ଡୁ ଓ ଆକାଂକ୍ଷା ନନ୍ଦ ପ୍ରମୁଖ ଏହି ଟିମ୍‌ରେ ଆସି ନିରୀକ୍ଷଣ କରିଛନ୍ତି । ଏହି ଟିମ୍ ମୁଖଶାଳା ପ୍ରବେଶ ଦ୍ୱାର, ପାର୍ଶ୍ୱ ଦେବା ଦେବୀ ଅଞ୍ଚଳ ନିରୀକ୍ଷଣ କରିଛନ୍ତି । ଏହାସହ ମନ୍ଦିର ଭିତରୁ ଧୂଆଁ କିପରି ନିର୍ଗତ ହେବ ତା'ର ବ୍ୟବସ୍ଥା କରାଯିବ ବୋଲି ଟିମ୍ ସୂଚନା ଦେଇଛି । ଏହି ଗସ୍ତ ନେଇ ପ୍ରତ୍ନତତ୍ତ୍ୱ ବିଭାଗର ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ କହିଛନ୍ତି, 'ମୁଖ୍ୟ ମନ୍ଦିର ସମ୍ମୁଖରେ ଥିବା ଛାତରେ ପାଣି ଲିକେଜ୍ ହେଉଛି, ତେଣୁ ତାକୁ ବନ୍ଦ କରିବାର ବ୍ୟବସ୍ଥା କରୁଛୁ । ଏହାସହ ମନ୍ଦିର ଭିତରେ ଦୀପ ଲାଗିବା ଯୋଗୁଁ ଆର୍ଦ୍ରତା ବଶତଃ କଳା ପଡିଯାଉଛି, ତାକୁ ବି ଆମେ ଛଡ଼େଇବାର ବ୍ୟବସ୍ଥା କରିବୁ । ମନ୍ଦିରର ପୁରୁଣା ଢାଞ୍ଚାକୁ ହିଁ ରକ୍ଷଣାବେକ୍ଷଣ କରିବାକୁ ପଡିବ, ଏଥିରେ ନୂଆ କିଛି କରିହେବ ନାହିଁ ।' ସମଲେଶ୍ୱରୀ ମନ୍ଦିରର ଧୂଆଁକୁ ନିଷ୍କାସନ କରିବା ପାଇଁ ବୁର୍ଲା ବୀର ସୁରେନ୍ଦ୍ର ସାଏ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ଡିଜାଇନ ପ୍ରସ୍ତୁତ କରାଯାଉଛି, ତାକୁ ବ୍ୟବହାର କରାଯିବ ବୋଲି କହିଛନ୍ତି ପ୍ରସନ୍ନ କୁମାର ସାହୁ ।

## ଶ୍ରୀମନ୍ଦିରରେ ବଡ଼ ମହାସ୍ନାନ

# ଚାଙ୍ଗଡ଼ା ଘର ନିକଟରେ ବାନ୍ତି ଯୋଗୁଁ ନୀତିକାନ୍ତିରେ ବିଳମ୍ବ



**ପୁରୀ, ୬/୦୮ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ବଡ ମହାସ୍ନାନ । ଶ୍ରୀମନ୍ଦିର ଭିତର ବେଢ଼ାର ଚାଙ୍ଗଡ଼ା ଘର ନିକଟରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି । ଶ୍ରୀମନ୍ଦିର ପରମ୍ପରା ଓ ସେବାୟତଙ୍କ ସୂଚନା ଅନୁଯାୟୀ, ମନ୍ଦିର ପରିସରରେ କୌଣସି ପ୍ରକାରର ଅଶୌଚ କିମ୍ବା ଅପବିତ୍ରତା ଦେଖାଦେଲେ ବିଗ୍ରହ ଓ ମନ୍ଦିର ପରିସରକୁ ଶୁଦ୍ଧ କରିବା ପାଇଁ ମହାସ୍ନାନ କରାଯିବା ବିଧି ରହିଛି ।

# ସୂର୍ଯ୍ୟ ମନ୍ଦିରର କଳା ଭାସ୍କର୍ଯ୍ୟ ଦେଖି ବିମୋହିତ ବ୍ରିକ୍ସ ପ୍ରତିନିଧି ଦଳ

**କୋଣାର୍କ ୦୬/୦୮ ନ୍ୟୁଜ ବ୍ୟୁରୋ**

ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ପ୍ରତିନିଧିମାନେ ଓଡ଼ିଶା ସାଂସ୍କୃତିକ ଐତିହ୍ୟ ଓ କଳା ଭାସ୍କର୍ଯ୍ୟର ମୂକସାକ୍ଷୀ ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶ କରିଛନ୍ତି। ସ୍ୱତନ୍ତ୍ର ଭାବେ ବରିଷ୍ଠ ପ୍ରତିନିଧି ଦଳ 'ବ୍ଲାକ ପାଗେଡ଼ା' ଏବଂ ଏହାର ସମ୍ମୁଖରେ ଥିବା ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରି ବିମୋହିତ ହୋଇଛନ୍ତି। ସୂଚନା ଅନୁଯାୟୀ, କୋଣାର୍କରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ପ୍ରତିନିଧିମାନେ ପହଞ୍ଚିଥିଲେ ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ରୁଷ, ବ୍ରାଜିଲ, ଦକ୍ଷିଣ ଆଫ୍ରିକା ଆଦି ଦେଶର ୨୭ଜଣ ପ୍ରତିନିଧିମାନେ ଏକ ସ୍ୱତନ୍ତ୍ର ବସ୍‌ରେ ପ୍ରଥମେ ସୂର୍ଯ୍ୟ ମନ୍ଦିର ବୁଲିଥିଲେ । ସ୍ୱୀକୃତିପ୍ରାପ୍ତ ଗାଇଡ ଅନିମେଶ ମଲ୍ଲିକ ସୂର୍ଯ୍ୟମନ୍ଦିର ଇତିହାସ ସମ୍ପର୍କରେ ଟିକିନିଖି ଭାବେ ବୁଝାଇଥିଲେ। ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ବିମୋହିତ ହୋଇଥିଲେ ବିଦେଶୀମାନେ। ଶେଷରେ ବ୍ୟାଖ୍ୟାନ କେନ୍ଦ୍ର ବୁଲିଥିଲେ। ଏହି ଗସ୍ତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, କୋଣାର୍କ ଆଇଆଇସି ପ୍ରଶାନ୍ତ କୁମାର ପଡିୟାରୀ, ପାନ୍ଥନିବାସ ପରିଚାଳକ ବାପି ରଞ୍ଜନ ସାହୁ, ବିଭିନ୍ନ ବିଭାଗୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



# 'ଓଡ଼ିଶା ୨୦୩୦ ସୁଦ୍ଧା ୧୧ ଗିଗାୱାଟ୍ ସ୍ୱଚ୍ଛ ଶକ୍ତି ଉତ୍ପାଦନ କରିବ'

**ନୂଆଦିଲ୍ଲୀ/ଭୁବନେଶ୍ୱର, ୬।୮ ନ୍ୟୁଜ ବ୍ୟୁରୋ**

ନୂଆଦିଲ୍ଲୀଠାରେ ୭ମ ସିଆଇଆଇ ଅନ୍ତର୍ଜାତୀୟ ଶକ୍ତି ସମ୍ମିଳନୀ ୨୦୨୬ ଅନୁଷ୍ଠିତ ହୋଇଛି । ଏଥିରେ ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଯୋଗଦେଇ ରାଜ୍ୟର ସ୍ୱଚ୍ଛ ଶକ୍ତି ଓ ସବୁଜ ଉତ୍ପାଦନ କ୍ଷେତ୍ରର ଅଗ୍ରଗତି ବିଷୟରେ ଆଲୋକପାତ କରିଛନ୍ତି । କେନ୍ଦ୍ର ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, ଭୁଟାନ ଶକ୍ତି ମନ୍ତ୍ରୀ ଲିୟନପୋ ଜେମ୍ ସେରିଙ୍ଗ ଓ ଶ୍ରୀଲଙ୍କାର ଶକ୍ତି ମନ୍ତ୍ରୀ ଅନୁରା କରୁଣାଥିଲାକେଙ୍କ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଭାରତର ଶକ୍ତି ସୁରକ୍ଷା ଉପରେ ଏକ ସିଆଇଆଇ-ରଣ ରିପୋର୍ଟ ମଧ୍ୟ ଉନ୍ମୋଚିତ ହୋଇଥିଲା। ୨୦୩୫ ସୁଦ୍ଧା ୬୦% ଅଣ-ପାରମ୍ପରିକ ଶକ୍ତି କ୍ଷମତା ହାସଲ କରିବା ଏବଂ ୨୦୭୦ ସୁଦ୍ଧା 'ନେଟ୍ ଜିରୋ' (ଶୂନ୍ୟ ନିର୍ଗମନ) ଲକ୍ଷ୍ୟ ପୂରଣ କରିବାର ଜାତୀୟ ଲକ୍ଷ୍ୟ ସହିତ ତାଳ ମିଳାଇ ଓଡ଼ିଶା ୨୦୩୦ ସୁଦ୍ଧା ୧୧ ଗିଗାୱାଟ୍ ସ୍ୱଚ୍ଛ ଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି। ଏହି ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଓ ଅନ୍ୟ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୦୬/୦୮/୨୦୨୬
୩,୯୨,୪୮୯/- ଟଙ୍କା
ସୁନା:- ୦୦ ଗ୍ରାମ୍ ୦୭୦ମିଲିଗ୍ରାମ୍
ରୂପା:- ଶୂନ୍ୟ




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ନିଟ୍ ପରୀକ୍ଷାରେ ବଡ଼ ସଂସ୍କାର ପାଇଁ କେନ୍ଦ୍ରର ବ୍ଲୁ ପ୍ରିଣ୍ଟ

# କଡ଼ା ଆଇନ ଓ ନନ୍ଦନ ନିଲେକାନି ଟାସ୍କଫୋର୍ସ ଉପରେ ଭରସା

**ନୂଆଦିଲ୍ଲୀ, ୬/୦୮**

ନିଟ୍-ୟୁଜି ପରୀକ୍ଷାର ସ୍ୱଚ୍ଛତା, ବିଶ୍ୱସନୀୟତା ଓ ସୁରକ୍ଷାକୁ ଆହୁରି ମଜବୁତ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ବ୍ୟାପକ ସଂସ୍କାର ଆରମ୍ଭ କରିଥିବା ସୂଚନା ସୁପ୍ରିମକୋର୍ଟଙ୍କୁ ଦେଇଛନ୍ତି। ସରକାର କହିଛନ୍ତି ଯେ, ଏହି ସଂସ୍କାର କେବଳ ତତ୍କାଳୀନ ପଦକ୍ଷେପ ନୁହେଁ, ବରଂ କର୍ମଚାରୀ ବଦଳିଲେ ମଧ୍ୟ ଯେପରି ସିଷ୍ଟମ୍ ପ୍ରଭାବିତ ହେବ ନାହିଁ, ସେଥିପାଇଁ ଲିଖିତ ନିୟମ, ସ୍ଥାୟୀ ସମୀକ୍ଷା ବ୍ୟବସ୍ଥା ଓ ପ୍ରତିଷ୍ଠାନଗତ ସ୍ମୃତି ଉପରେ ଆଧାରିତ ଏକ ସ୍ଥାୟୀ ଢାଞ୍ଚା ପ୍ରସ୍ତୁତ କରାଯାଉଛି। କେନ୍ଦ୍ର ସରକାର ସତ୍ୟପାଠରେ କହିଛନ୍ତି ଯେ, ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ପରୀକ୍ଷା ପ୍ରଣାଳୀର ସମ୍ପୂର୍ଣ୍ଣ ପୁନର୍ଗଠନ କରାଯାଇଛି। ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ପରୀକ୍ଷାର୍ଥୀଙ୍କ ହାତରେ ପ୍ରଶ୍ନପତ୍ର ପହଞ୍ଚିବା ଏବଂ ଫଳ ପ୍ରକାଶ ପର୍ଯ୍ୟନ୍ତ ସମସ୍ତ ପର୍ଯ୍ୟାୟରେ ଏକ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଲାଗୁ କରାଯାଇଛି। ସେହିପରି ନିଟ୍‌କୁ ପେନ୍-ଆଣ୍ଡ-ପେପର ମୋଡ୍‌ରୁ କମ୍ପ୍ୟୁଟର-ଆଧାରିତ ପରୀକ୍ଷା କରିବା ନେଇ ସକ୍ରିୟ ଭାବେ ବିଚାର ଚାଲିଛି। ସରକାର କହିଛନ୍ତି, ପୂର୍ବତନ ଇସ୍ରୋ ଅଧ୍ୟକ୍ଷ ଡ. କେ. ରାଧାକୃଷ୍ଣନଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ପରୀକ୍ଷାର ପ୍ରତ୍ୟେକ ପର୍ଯ୍ୟାୟ ପାଇଁ ଏକ ସମ୍ପୂର୍ଣ୍ଣ ଏଣ୍ଡ-ଟୁ-ଏଣ୍ଡ ସୁରକ୍ଷା ଡିଜାଇନ୍ ପ୍ରସ୍ତୁତ କରିଛି। ପ୍ରଶ୍ନପତ୍ର ପ୍ରସ୍ତୁତି, ମୁଦ୍ରଣ, ପରିବହନ, ପରୀକ୍ଷା କେନ୍ଦ୍ରରେ ସୁରକ୍ଷିତ ସଂରକ୍ଷଣ, ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ବଣ୍ଟନ ଏବଂ ଫଳ ପ୍ରକାଶ ପର୍ଯ୍ୟନ୍ତ ପ୍ରତ୍ୟେକ ପର୍ଯ୍ୟାୟକୁ ସୁରକ୍ଷା ବଳୟରେ ରଖାଯାଇଛି। ସତ୍ୟପାଠରେ କେନ୍ଦ୍ର କହିଛନ୍ତି ଯେ, ଜାତୀୟ ସ୍ତରର ପରୀକ୍ଷାର ସ୍ୱଚ୍ଛତା ବଜାୟ ରଖିବା ପାଇଁ ଦୁଇଟି ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। କେନ୍ଦ୍ର କହିଛନ୍ତି ଯେ ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ନିବାରଣ) ଆଇନ, ୨୦୨୪ ଅନୁଯାୟୀ ପ୍ରଶ୍ନପତ୍ର ଲିକ୍, ପରୀକ୍ଷାର୍ଥୀଙ୍କ ଛଦ୍ମବେଶ, କମ୍ପ୍ୟୁଟର ନେଟୱର୍କ ଓ ଡିଜିଟାଲ୍ ସଂସାଧନରେ ଛେଡ଼ଛାଡ଼ ଏବଂ ଅନ୍ୟାନ୍ୟ ପରୀକ୍ଷା ଜାଲିଆତିକୁ ଅପରାଧ ଘୋଷଣା କରାଯାଇଛି। ଏହି ଆଇନରେ ସର୍ବାଧିକ ୧୦ ବର୍ଷ କାରାଦଣ୍ଡ ଓ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି। ଉଚ୍ଚଶିକ୍ଷା ବିଭାଗର ଅଣ୍ଡର ସେକ୍ରେଟାରୀ ପଙ୍କଜ କୁମାର ସିହ୍ନାଙ୍କ ଦାଖଲ କରାଯାଇଥିବା ସତ୍ୟପାଠରେ କୁହାଯାଇଛି ଯେ, ଏହି ଆଇନର କାର୍ଯ୍ୟକାରିତା ସମୀକ୍ଷା ପରେ ସଂସଦ ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ନିବାରଣ) ସଂଶୋଧନ ଆଇନ, ୨୦୨୬ ପାରିତ କରିଛି। ଏହା ମାଧ୍ୟମରେ ପରୀକ୍ଷାର ସ୍ୱଚ୍ଛତାକୁ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆହୁରି କଠୋର ବ୍ୟବସ୍ଥା କରାଯିବ।



ଇନଫୋସିସ୍‌ର ସହ-ପ୍ରତିଷ୍ଠାତା ଓ ଆଧାର ପ୍ରକଳ୍ପର ମୁଖ୍ୟ ସ୍ଥପତି ନନ୍ଦନ ନୀଲେକଣିଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚ-କ୍ଷମତାସମ୍ପନ୍ନ ଟାସ୍କ ଫୋର୍ସ ଏନ୍‌ଟିଏ ପରୀକ୍ଷା ପ୍ରଣାଳୀର ସମ୍ପୂର୍ଣ୍ଣ ସଂସ୍କାର ସମୀକ୍ଷା କରିବ। ସରକାର କହିଛନ୍ତି, ପ୍ରତ୍ୟେକ ପରୀକ୍ଷା ଚକ୍ର ଶେଷରେ 'ଶିକ୍ଷଣ ଟିପ୍ପଣୀ' ପ୍ରସ୍ତୁତ କରାଯିବ। ଏଥିରେ ପରୀକ୍ଷା ସମୟରେ ଆସିଥିବା ସମସ୍ୟା, ତାହାର ସମାଧାନ ଓ ଭବିଷ୍ୟତ ପାଇଁ ଅନୁସରଣୀୟ ପଦ୍ଧତି ଲିପିବଦ୍ଧ ରହିବ। ସେହିପରି ଏନ୍‌ଟିଏ ଟେକ୍ନିକାଲ୍ ମାନୁଆଲ୍ ପ୍ରସ୍ତୁତ କରାଯାଉଛି। ଯେଉଁଥିରେ; ସାଇକୋମେଟ୍ରିକ୍ ପଦ୍ଧତି, ନର୍ମାଲାଇଜେସନ୍ ପ୍ରକ୍ରିୟା, ଇକ୍ୱେଟିଂ ପ୍ରଣାଳୀ, ପ୍ରଶ୍ନ ବ୍ୟାଙ୍କର ମାନଦଣ୍ଡ, ଗୋପନୀୟ କାର୍ଯ୍ୟପ୍ରଣାଳୀ ସବୁକିଛି ଲିଖିତ ଭାବେ ସଂରକ୍ଷିତ ରହିବ। ଏହା ମାଧ୍ୟମରେ ସଂସ୍ଥାଗତ ସ୍ମୃତି ସୁନିଶ୍ଚିତ ହେବ। ଏନ୍‌ଟିଏ ମଧ୍ୟରେ ଏକ ସ୍ଥାୟୀ ଗୋପନୀୟ କାର୍ଯ୍ୟ ଭର୍ଟିକାଲ ଗଠନ କରାଯାଉଛି। ଏଠାରେ ଏମିତି ଅଧିକାରୀମାନେ ରହିବେ, ଯେଉଁମାନେ ବିଭିନ୍ନ ପରୀକ୍ଷା ଚକ୍ରରେ ନିରନ୍ତର କାମ କରିବେ। ଏହି ୟୁନିଟ୍‌ରେ ପ୍ରଶ୍ନପତ୍ର ପ୍ରସ୍ତୁତି, ଅନୁବାଦ, ମୁଦ୍ରଣ, ପରିବହନ, ସୁରକ୍ଷିତ ସଂରକ୍ଷଣ, ଏସ୍‌ଓପି, ଆପତ୍କାଳୀନ ଯୋଜନା, ବିଶେଷଜ୍ଞ ଡାଟାବେସ୍ ଓ ବିକ୍ରେତାଙ୍କ ସହ ସମ୍ପର୍କିତ ସମସ୍ତ ଜ୍ଞାନ ସଂରକ୍ଷିତ ରହିବ। ସରକାର କହିଛନ୍ତି, ପରୀକ୍ଷାର ପ୍ରତ୍ୟେକ ପର୍ଯ୍ୟାୟକୁ ଅଡିଟ୍ ଲଗ୍ ଅଧୀନରେ ରଖାଯାଉଛି। ପ୍ରତ୍ୟେକ କାର୍ଯ୍ୟରେ ଜଣେ କାମ କରିବେ ଓ ଅନ୍ୟଜଣେ ଯାଞ୍ଚ କରିବେ। ଏହା ଦ୍ୱାରା ପରୀକ୍ଷା ପ୍ରକ୍ରିୟାର ସମ୍ପୂର୍ଣ୍ଣ ରେକର୍ଡ ପରେ ମଧ୍ୟ ଯାଞ୍ଚ କରାଯାଇପାରିବ ଏବଂ ଦାୟିତ୍ୱ ନିର୍ଦ୍ଧାରଣ ସହଜ ହେବ। ଏହା ପୂର୍ବରୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ପ୍ରତିବର୍ଷ ନିଟ୍ ପରୀକ୍ଷା କିପରି ସଫଳ ଭାବେ ଆୟୋଜନ ହେବ ଏବଂ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥାଗୁଡ଼ିକ କିପରି ପ୍ରତ୍ୟେକ ପରୀକ୍ଷାର ଅନୁଭବ, ତଥ୍ୟ ଓ ଶିକ୍ଷାକୁ ସଂରକ୍ଷଣ କରି ଭବିଷ୍ୟତରେ ବ୍ୟବହାର କରିବେ, ସେନେଇ ବିସ୍ତୃତ ସତ୍ୟପାଠ ଦାଖଲ କରାଯାଉ। ସୁପ୍ରିମକୋର୍ଟରେ ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକ୍ ଘଟଣା ପରେ ଏନ୍‌ଟିଏକୁ ଭଙ୍ଗ କରିବା ଏବଂ ଦେଶର ପ୍ରବେଶିକା ପରୀକ୍ଷା ବ୍ୟବସ୍ଥାର ବ୍ୟାପକ ସଂସ୍କାର ଦାବି କରି ଦାଖଲ ହୋଇଥିବା ଏକାଧିକ ଆବେଦନର ଶୁଣାଣି ଚାଲିଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ତନବୀ ଦୁବେ ଓ ଚାରୁ ମାଥୁର ମାମଲା ପରିଚାଳନା କରୁଛନ୍ତି।

## ପ୍ରଥମ ଶ୍ରେଣୀ ବହିରେ ତ୍ରୁଟି ଅଭିଯୋଗକୁ ଗଣଶିକ୍ଷା ମନ୍ତ୍ରୀଙ୍କ ଖଣ୍ଡନ

**ଭୁବନେଶ୍ୱର, ୦୬/୦୮ ନ୍ୟୁଜ ବ୍ୟୁରୋ**

ପ୍ରଥମ ଶ୍ରେଣୀ ବହିରେ ତ୍ରୁଟି ଅଭିଯୋଗକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ପ୍ରଥମ ଶ୍ରେଣୀ ବହିରେ ଯେଉଁ ତ୍ରୁଟି କଥା କୁହାଯାଉଛି ସେଭଳି ତ୍ରୁଟି ହୋଇନି। ଖୁବ୍‌ଶୀଘ୍ର ପିଲାଙ୍କୁ ନୂଆ ସଠିକ୍ ବହି ଯୋଗାଇ ଦିଆଯିବ। ଅନ୍ୟପକ୍ଷରେ ନିମୁଡ଼ା ନିମୁଡ଼ା ଗୀତକୁ ଯେଉଁଭଳି ପ୍ରଦର୍ଶନ କରାଯାଉଛି, ତାହା ଭୁଲ। ଜାତୀୟ ଶିକ୍ଷାନୀତି ଅନୁସାରେ ଅନ୍ୟ ରାଜ୍ୟର ଗୀତକୁ ବି ସ୍ଥାନ ଦିଆଯାଇଛି। ସୂଚନାଯୋଗ୍ୟ ଯେ ପ୍ରଥମ ଶ୍ରେଣୀରେ ବହିରେ ତ୍ରୁଟି ଅଭିଯୋଗରେ ଯଥାର୍ଥତା ନାହିଁ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଥିଲା।

# ଓଡ଼ିଶା ପାଇବ ନୂଆ ଡିଜିପି : ଆଜି ବସିବ ଚୟନ କମିଟି ବୈଠକ



**ଭୁବନେଶ୍ୱର, ୬/୦୮ ନ୍ୟୁଜ ବ୍ୟୁରୋ**

କିଏ ହେବ ଓଡ଼ିଶାର ନୂଆ ପୁଲିସ ଡିଜି ପାୱାର କରିଡରରେ ଏବେ ଏହାକୁ ନେଇ ଲାଗି ରହିଛି ଚର୍ଚ୍ଚା। ଶୁକ୍ରବାର ବସିବ ଚୟନ କମିଟି ବୈଠକ। ଓଡ଼ିଶା ନୂଆ ଡିଜିପିଙ୍କୁ କରାଯିବ ଚୟନ। ତେବେ କାହା ମୁଣ୍ଡରେ ହାତୀ କଳସ ଢ଼ାଳିବ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବରିଷ୍ଠତା ଦୃଷ୍ଟିରୁ ୩ଜଣଙ୍କ ନାମ ଚର୍ଚ୍ଚାରେ ରହିଛି। ଏମାନଙ୍କ ମଧ୍ୟରେ ୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ତଥା ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ, ୧୯୯୩ ବ୍ୟାଚ୍‌ର ଜେଲ ଡିଜି ସୁଶାନ୍ତ ନାଥ ଓ ଗୋଇନ୍ଦା ଡିଜି ଆରପି କୋଚେ। ତେବେ ଅଗଷ୍ଟ ୧୬ରେ ରାଜ୍ୟ ପୁଲିସ ମୁଖ୍ୟ ୧୯୯୦ ବ୍ୟାଚର ଆଇପିଏସ୍ ୱାଇ ବି ଖୁରାନିଆ ଅବସର ନେଉଛନ୍ତି। ଏହାପୂର୍ବରୁ ଚୟନ ପ୍ରକ୍ରିୟା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ସୁପ୍ରିମକୋର୍ଟଙ୍କ ଗାଇଡ ଲାଇନ ଅନୁଯାୟୀ ଡିଜିପି ଚୟନ କରାଯିବ। ସୁପ୍ରିମକୋର୍ଟ ଆଧାରରେ ୟୁପିଏସ୍‌ସି ଚେୟାରମ୍ୟାନ୍‌ଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହେବ। ନୂଆଦିଲ୍ଲୀରେ ଚୟନ କମିଟିର ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅତିରିକ୍ତ ସଚିବଙ୍କ ସମେତ ରାଜ୍ୟ ମୁଖ୍ୟ ସଚିବ ଅନୁ ଗର୍ଗ ଓ ପୁଲିସ ଡିଜି ଖୁରାନିଆ ମଧ୍ୟ ସଦସ୍ୟ ଭାବେ ଯୋଗଦେବେ। ୟୁପିଏସସି ଗାଇଡ୍‌ଲାଇନ୍ ଅନୁସାରେ ଡିଜିପି ଚୟନ ପାଇଁ ଗତ ମେ' ୧୪ ତାରିଖରେ ୧୧ ଜଣ ବରିଷ୍ଠ ଆଇପିଏସ୍‌ଙ୍କ ନାଁ ୟୁପିଏସସିକୁ ପଠାଇଛନ୍ତି ରାଜ୍ୟ ସରକାର । ସେମାନେ ହେଲେ ୧୯୯୦ ବ୍ୟାଚର ଆଇପିଏସ୍ ସୁଧାଂଶୁ ଷଡ଼ଙ୍ଗୀ, ୧୯୯୩ ବ୍ୟାଚର ଆଇପିଏସ୍ ସୁଶାନ୍ତ ନାଥ ଓ ୧୯୯୩ ବ୍ୟାଚର ଆଇପିଏସ ଆର୍ ପି କୋଚେ। ୧୯୯୪ ବ୍ୟାଚର ଏଡିଜି ସଞ୍ଜୀବ ପଣ୍ଡା, ଯଶୱନ୍ତ କୁମାର ଜେଠୱା, ୧୯୯୫ ବ୍ୟାଚର ରିତୁ ଅରୋରା, ସୌମେନ୍ଦ୍ର ପ୍ରିୟଦର୍ଶୀ, ସନ୍ତୋଷ ବାଲା, ପି ଏସ୍ ରଣପିସେ, ୧୯୯୬ ବ୍ୟାଚର ଅରୁଣ ବୋଥ୍ରା ଓ ସୁନୀତା କାକରନ। ଏମାନଙ୍କ ମଧ୍ୟରୁ ଆଇପିଏସ୍ ରୀତୁ ଅରୋରା, ପିଏସ୍ ରଣପିସେ ଓ ସୁନୀତା କାକରନ ଏବେ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ୟୁପିଏସ୍‌ସି କର୍ତ୍ତୃପକ୍ଷ ବରିଷ୍ଠତା ଆଧାରରେ ୩ଜଣ ଆଇପିଏସ୍ ଅଧିକାରୀଙ୍କ ନାମ ରାଜ୍ୟ ସରକାରଙ୍କୁ ସୁପାରିସ କରିବେ। ହେଲେ କିଏ ଓଡ଼ିଶା ପୁଲିସ ଡିଜି ଚୌକିରେ ବସିବେ ତାହାକୁ ନେଇ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ୟୁପିଏସ୍‌ସି ଗାଇଡ୍‌ଲା ଇନ୍ ଅନୁସାରେ ଡିଜିପି ପାଇଁ ଚାକିରି କାର୍ଯ୍ୟକାଳ ୨୫ରୁ ୩୦ ବର୍ଷ ହୋଇଥିବ । ଚାକିରିକାଳର ଭଲ ରେକର୍ଡ ଏବଂ ଅଭିଜ୍ଞତା ଥିବା ଆବଶ୍ୟକ। ଅବସର ପୂର୍ବରୁ ଅଧିକାରୀଙ୍କର ସେବାର ଅବଶିଷ୍ଟତା ଅତି କମରେ ୬ ମାସ ରହିବା ଆବଶ୍ୟକ। ୟୁପିଏସ୍‌ସି ବୈଠକରେ ତିନି ଜଣ ଅଧିକାରୀଙ୍କୁ ଚୟନ କରାଯିବ। ଏ ସବୁ ନିଶ୍ଚିତ ହେବା ପରେ ଜଣକ ନାଁରେ ଚୂଡ଼ାନ୍ତ ମୋହର ମାରିବେ ସରକାର।

# 'ମା' କ୍ଷୀର ଶିଶୁ ପାଇଁ ପ୍ରଥମ ଟିକା ଓ ପୌଷ୍ଟିକ ଆହାର'

**ଭୁବନେଶ୍ୱର, ୦୬/୦୮ ନ୍ୟୁଜ ବ୍ୟୁରୋ**

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ 'ବିଶ୍ୱ ସ୍ତନ୍ୟପାନ ସପ୍ତାହ ୨୦୨୬' ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛୋଟ ଶିଶୁ ଓ ସେମାନଙ୍କ ପିତାମାତା ଅଂଶଗ୍ରହଣ କରିଥିଲେ। ଏହି ସମାରୋହରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ. ମୃଣାଳିନୀ ଦର୍ଶୱାଲ ଅଧ୍ୟକ୍ଷତା କରିଥିବା ବେଳେ ବିଭାଗୀୟ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଡ. ଦର୍ଶୱାଲ ସ୍ତନ୍ୟପାନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ କହିଥିଲେ ଯେ, ମା' କ୍ଷୀର ଶିଶୁ ପାଇଁ ପ୍ରଥମ ଟିକା ଏବଂ ସବୁଠାରୁ ପୌଷ୍ଟିକ ଆହାର। ଜନ୍ମର ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରାଇବା, ପ୍ରଥମ ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ ଜାରି ରଖିବା ଏବଂ ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ୨ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ ସହ ଅନ୍ୟାନ୍ୟ ପୋଷକ ଆହାର ଦେବା ଆବଶ୍ୟକ। ଶିଶୁର ସୁସ୍ଥ ବୃଦ୍ଧି ଓ ସର୍ବାଙ୍ଗୀନ ବିକାଶରେ ପିତା ଓ ପରିବାରର ଅନ୍ୟ ସଦସ୍ୟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ସୂଚାଇଥିଲେ। ଗ୍ଲୋବାଲ ଅଣ-ଲାଭଦାୟକ ପ୍ରଯୁକ୍ତିବିଦ୍ୟା ସଂସ୍ଥା 'ୱାଧୱାନୀ ଫାଉଣ୍ଡେସନ୍'ର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏକ କୃତ୍ରିମ ବୁଦ୍ଧିମତା ଆଧାରିତ ସମାଧାନର ପ୍ରଦର୍ଶନ କରିଥିଲେ। ଏହି ପ୍ରଯୁକ୍ତି ମାଧ୍ୟମରେ ମୋବାଇଲ୍ ଫୋନ୍ ଭିଡିଓ ଦ୍ୱାରା ଶିଶୁର ଓଜନ, ଉଚ୍ଚତା, ମୁଣ୍ଡର ପରିଧି, ଛାତିର ପରିଧି ଏବଂ ହାତର ଉପରି ଭାଗର ପରିଧି ମାପ କରାଯାଇପାରିବ। କମିଶନର-ତଥା-ସଚିବ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ଏହାର ସଠିକତା, ବ୍ୟବହାରଯୋଗ୍ୟତା ଓ କାର୍ଯ୍ୟକାରିତାକୁ ଆହୁରି ସୁଦୃଢ଼ କରିବା ପାଇଁ କିଛି ଜରୁରୀ ପରାମର୍ଶ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଏଆଇ-ଆଧାରିତ ଶିଶୁ ବିକାଶ ନିରୀକ୍ଷଣ ପ୍ରଣାଳୀର ପାଇଲଟ୍ ପ୍ରକଳ୍ପ ପାଇଁ ମନୋନୀତ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଅନ୍ତର୍ଭୁକ୍ତ। ଏହି ଅବସରରେ ୦ରୁ ୬ ବର୍ଷ ବୟସର ଶିଶୁଙ୍କ ପିତାମାତାଙ୍କୁ ଫଳ ଏବଂ ଶିଶୁ ଯତ୍ନ କିଟ୍ ସହିତ ପୋଷଣ ବାସ୍କେଟ୍ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗର ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ପରାମର୍ଶଦାତାମାନେ ସ୍ତନ୍ୟପାନକୁ ଉତ୍ସାହିତ କରିବା ଏବଂ ମା' ଓ ଶିଶୁର ପୋଷଣ ସ୍ଥିତିରେ ସୁଧାର ଆଣିବା ପାଇଁ ସେମାନଙ୍କ ସଂକଳ୍ପ ଦୋହରାଇଥିଲେ। ଅଗଷ୍ଟ ୧ ରୁ ୭ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଶିଶୁ ସ୍ୱାସ୍ଥ୍ୟର ଭିତ୍ତିଭୂମି ଭାବେ ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ସେ କହିଛନ୍ତି, 'ମା' କ୍ଷୀର ଶିଶୁର ସୁସ୍ଥ ଜୀବନ ପାଇଁ ପ୍ରଥମ ସୁରକ୍ଷା କବଚ। ପ୍ରଥମ ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ ଶିଶୁର ଉତ୍ତମ ସ୍ୱାସ୍ଥ୍ୟ ଓ ଉଜ୍ଜ୍ୱଳ ଭବିଷ୍ୟତର ଆଧାର ସ୍ଥାପନ କରେ।' ଶିଶୁର ଉପଯୁକ୍ତ ପୋଷଣ ନିଶ୍ଚିତ କରିବା ପାଇଁ ସେ ମା'ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପରିବାର ଓ ସମାଜକୁ ଆହ୍ୱାନ ଦେଇଛନ୍ତି।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ରାଜଧାନୀ ଭୁବନେଶ୍ୱରରେ ବଢୁଛି ଦୁର୍ଘଟଣା

# ୬ ମାସରେ ଗଲାଣି ୧୩୦ ଜୀବନ, ଗତବର୍ଷ ତୁଳନାରେ ମୃତ୍ୟୁହାର ଅଧିକ

**ଭୁବନେଶ୍ୱର, ୬/୦୮ ନ୍ୟୁଜ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଛି। ସହର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ଅଧିକ ବିପଦଜ୍ଜନକ ହୋଇପଡ଼ିଛି। ରାଜଧାନୀର ଅନ୍ୟ ରାସ୍ତାରେ ମଧ୍ୟ ଅନେକ ଦୁର୍ଘଟଣା ଘଟୁଛି। ଗତ କିଛିମାସ ମଧ୍ୟରେ ବିଭିନ୍ନ ଛାତିଥରା ଦୁର୍ଘଟଣାକୁ ନେଇ ସାଧାରଣରେ ଚିନ୍ତା ସୃଷ୍ଟି ହୋଇଛି। ଦ୍ରୁତଗତି, ବେପରୁଆ ଗାଡି ଚାଳନା, ମଦ୍ୟପାନ କରି ତଥା ଅନଭିଜ୍ଞ ଗାଡ଼ି ଚାଳନା ପାଇଁ ସ୍ଥିତି ଅଧିକ ଜଟିଳ ହୋଇଛି। ରାସ୍ତାରେ ବାରମ୍ବାର ଜୀବନ ଯାଉଛି । ଗତ ୬ ମାସରେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ୫୦୦ଟି ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଛି। ଏସବୁ ଦୁର୍ଘଟଣାରେ ୧୩୦ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୭୧ ଜଣ ଗୁରୁତର ଆହତ ହୋଇଛନ୍ତି। ଆଇଆର୍‌ଏଡିରୁ ଏଭଳି ଉଦ୍‌ବେଗଜନକ ତଥ୍ୟ ଆସିଛି, ଯାହାକୁ ନେଇ ସାଧାରଣରେ ଚିନ୍ତା ସୃଷ୍ଟି ହୋଇଛି।

ଚିନ୍ତାର ବିଷୟ ହେଉଛି, ଦୁର୍ଘଟଣା ଓ ଦୁର୍ଘଟଣା ଜନିତ ମୃତ୍ୟୁ ହାର ବଢୁଛି। ଗତବର୍ଷ ଏହି ଅବଧି ମଧ୍ୟରେ ୪୫୭ ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଥିଲା। ଦୁର୍ଘଟଣାରେ ୧୧୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୯୬ ଜଣ ଗୁରୁତର ହୋଇଥିଲେ। ୨୦୨୫ ତୁଳନାରେ ୨୦୨୬ରେ ଦୁର୍ଘଟଣାହାର ୧୦.୭ % ଏବଂ ମୃତ୍ୟୁ ହାର ୧୦% ବୃଦ୍ଧି ପାଇଛି।



ଚଳିତବର୍ଷ ଜାନୁଆରୀରୁ ଜୁନ ମଧ୍ୟରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲ୍ଲା ଅନ୍ତର୍ଗତ ଇନ୍‌ଫୋସିଟି, ଜଟଣୀ, ଖଣ୍ଡଗିରି, ମଞ୍ଚେଶ୍ୱର ଏବଂ ପାହାଳ ଥାନା ଅଞ୍ଚଳରେ ସଡ଼କ ଦୁର୍ଘଟଣା ସ୍ଥିତି ଚିନ୍ତାଜନକ ରହିଛି। ଏହି ଥାନାଗୁଡ଼ିକ ଅଧୀନରେ ୧୬ ନମ୍ବର ଜାତୀୟ ରାଜପଥ ଥିବାରୁ ସେଠାରେ ଅନେକ ଦୁର୍ଘଟଣା ଘଟୁଛି। ଇନ୍‌ଫୋସିଟି ଥାନା ଅଞ୍ଚଳରେ ସର୍ବାଧିକ ୨୯ ଦୁର୍ଘଟଣା ମାମଲାରେ ୧୬ଜଣଙ୍କ ମୃତ୍ୟୁ ଏବଂ ୧୮ଜଣ ଗୁରୁତର ଆହତ ହୋଇଛନ୍ତି। ଜଟଣୀ ଥାନା ଅଞ୍ଚଳରେ ୨୪ ଦୁର୍ଘଟଣା ମାମଲାରେ ୧୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୪ଜଣ ଗୁରୁତର ଆହତ ହୋଇଛନ୍ତି। ଖଣ୍ଡଗିରି ଥାନା ଅଞ୍ଚଳରେ ୪୩ ଦୁର୍ଘଟଣା ମାମଲାରେ ୧୩ଜଣଙ୍କ ମୃତ୍ୟୁ ଓ ୨୭ ଜଣ ଗୁରୁତର ଆହତ ହୋଇଛନ୍ତି। ପାହାଳରେ ୩୧ ଦୁର୍ଘଟଣାରେ ୧୨ ମୃତ୍ୟୁ ଓ ୩୨ ଗୁରୁତର ହୋଇଛନ୍ତି। ସେହିପରି ମଞ୍ଚେଶ୍ୱର ଥାନା ଅଞ୍ଚଳରେ ୩୫ ଦୁର୍ଘଟଣାରେ ୯ ମୃତ୍ୟୁ ଏବଂ ୨୮ ଗୁରୁତର ହୋଇଛନ୍ତି। ସଡ଼କ ସୁରକ୍ଷା ବିଶେଷଜ୍ଞ ଡାକ୍ତର ବିକାଶ ମହାପାତ୍ର ଚିନ୍ତାବ୍ୟକ୍ତି କରି କହିଛନ୍ତି ଯେ, ଲୋକ ଏବଂ ଗାଡ଼ି ସଂଖ୍ୟା ବଢ଼ିବାରେ ଲାଗିଛି। ସେହି ଅନୁସାରେ ରାସ୍ତା ଘାଟ ବଢୁନାହିଁ । ରାସ୍ତାଘାଟ ଚଉଡା ହେଉନାହିଁ। ଗୋଟିଏ ରାସ୍ତାରେ ସବୁ ଗାଡ଼ି ଚଳାଚଳ କରିବା ସହ ଲୋକମାନେ ମଧ୍ୟ ଯାତାୟାତ କରୁଛନ୍ତି। ଦ୍ରୁତଗତିରେ ଗାଡି ଚଳାଉଛନ୍ତି। ମଦ୍ୟପାନ କରି ଗାଡି ଚାଳନା ପୂର୍ବାପେକ୍ଷା ବଢ଼ିଛି। ଟ୍ରାଫିକ ନିୟମ ନ ମାନି ବେପରୁଆ ଭାବେ ଗାଡି ଚଳାଉଛନ୍ତି। ସେହିପରି ହେଲମେଟ ଓ ସିଟ ବେଲ୍ଟ ପିନ୍ଧିବାରେ ମଧ୍ୟ ଅବହେଳା କରାଯାଉଛି। ଏସବୁ କାରଣ ପାଇଁ ଦୁର୍ଘଟଣା ଅଧିକ ବଢ଼ିଯାଇଛି। ବଡ ସହର ମଧ୍ୟ ଦେଇ ଜାତୀୟ ରାଜପଥ ଯିବା କଥା ନୁହେଁ। ଏଥିପାଇଁ ବାଇପାସ ହେବା ଦରକାର। ଏହି ଦିଗରେ ସରକାର ପଦକ୍ଷେପ ନିଅନ୍ତୁ। ବ୍ୟାପକ ସଚେତନତାର ମଧ୍ୟ ଆବଶ୍ୟକତା ରହିଛି। ପୋଲିସ ଓ ପରିବହନ ବିଭାଗ ମିଳିତ ଚଢ଼ଉ କରି ଆଇନ ଉଲ୍ଲଂଘନକାରୀଙ୍କ ଠାରୁ ମୋଟା ଅଙ୍କର ଜରିମାନା କଟାଯାଉ ବୋଲି ବିକାଶ କହିଛନ୍ତି।